# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୮/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 8/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 223 | ମୂଲ୍ୟ ₹୭/-




**ସଂଯୋଗ ହେଲେ ଆଇସିସି ସିଇଓ**

ଭାରତର ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)ର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମନୋନୀତ ହୋଇଛନ୍ତି।

୧୨

୦୨

**ବିଗ୍‌ବସ୍ ୧୯: ସଲମାନଙ୍କୁ ମିଶାଇ ୪ ହୋଷ୍ଟ**

'ବିଗ୍‌ବସ୍‌ର ୧୯'କୁ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସମେତ ୪ ତାରକା ହୋଷ୍ଟ କରିବେ ବୋଲି ସୋମବାର ଏକ ରିପୋର୍ଟ ପ୍ରକାଶ ପାଇଛି।




# ବୈତରଣୀ ନଦୀବନ୍ଧ ଧସିଲା, ବନ୍ୟା ଆଶଙ୍କା

## ୫୦ ଗ୍ରାମର ୧ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆତଙ୍କିତ

**ଯାଜପୁର ଜିଲା ଦଶରଥପୁର ବ୍ଲକ୍ ନିଜାମପୁର ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ନିକଟରେ ରବିବାର ରାତି ପ୍ରାୟ ୧୦ ଟାରେ ବୈତରଣୀ ନଦୀବନ୍ଧ ୩୦ ଫୁଟ ପର୍ଯ୍ୟନ୍ତ ଧସିଯାଇଛି। ଏଥିଯୋଗୁ ସେହି ଅଞ୍ଚଳର ପ୍ରାୟ ୧ ଲକ୍ଷ ନଦୀକୂଳିଆବାସୀଙ୍କ ନିଦ ହଜିଯାଇଛି। ଲଘୁଚାପଜନିତ ବର୍ଷା ଯୋଗୁ ଗତ ୨ ସପ୍ତାହ ହେଲା ବୈତରଣୀ ଫୁଲି ଉଠିଛି। ସୋମବାର ଅପରାହ୍ନ ୫ଟା ସୁଦ୍ଧା ନୂଆପାଟଣାର ଉପରମୁଣ୍ଡ ଆଖୁଆପଦାଠାରେ ବୈତରଣୀ ନଦୀଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିଲା। ସେଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ସୋମବାର ୧୭.୮୦ ମିଟର ଜଳ ପ୍ରବାହିତ ହେଉଥିଲା। ଏଭଳିସ୍ଥଳେ ନଦୀବନ୍ଧ ଧସିଯାଇଥିବାରୁ ବନ୍ୟା ଆଶଙ୍କା ଦେଖାଦେଇଛି। ନଦୀବନ୍ଧ ଧସିବା ପାଇଁ ପୂର୍ତ୍ତ ବିଭାଗର ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି।**

ଯାଜପୁର/ଦଶରଥପୁର,୭।୭ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ କୁମାର ବେହୁରିଆ)



ଯାଜପୁର ଜିଲାର ନୂଆପାଟଣା ନିକଟରେ ରବିବାର ରାତିରେ ବୈତରଣୀ ନଦୀବନ୍ଧ ଧସିବା ପରେ ସୋମବାର ବାଲିବସ୍ତା ପକାଯାଉଛି।

ନୂଆପାଟଣା ନିକଟରେ ବୈତରଣୀ ନଦୀରେ ପାଣିକୋଇଲି ଆର୍ ଆଣ୍ଡ୍ ବି ତଥା ପୂର୍ତ୍ତଡିଭିଜନ ପକ୍ଷରୁ ନିର୍ମାଣାଧୀନ ସେତୁ କାର୍ଯ୍ୟ ବର୍ଷାଦିନ ପୂର୍ବରୁ ଶେଷ ହୋଇପାରିଲା ନାହିଁ। ସେହିପରି ଠିକାସଂସ୍ଥା ଆଶୀର୍ବାଦ କନଷ୍ଟ୍ରକ୍ସନ ସେତୁ ନିର୍ମାଣ ପାଇଁ ଅସ୍ଥାୟୀ ରାସ୍ତା ନିମନ୍ତେ ବ୍ୟବହାର କରିଥିବା ବହ୍ମା, ବାଲିବସ୍ତା, ପ୍ଲେଟ୍ ଇତ୍ୟାଦି ନ ହଟେଇବା କାରଣରୁ ଜଳସ୍ରୋତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଫଳରେ ବୈତରଣୀ ବନ୍ୟାଜଳର ପ୍ରବଳ ସ୍ରୋତ ନଦୀବନ୍ଧ ଉପରେ ମାଡ଼ ହୋଇ ତାହା ଧସିଯାଉଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ନଦୀବନ୍ଧ ଓ ଅପରପାର୍ଶ୍ୱରେ ୧୮୦ କି.ମି. ନଦୀବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହିସବୁ ନଦୀବନ୍ଧକୁ ଏ ଯାବତ୍ ସୁଦୃଢ଼ କରାଯାଇପାରିଲା ନାହିଁ। ବ୍ୟାପକ ଦୁର୍ନୀତି ଯୋଗୁ ବନ୍ୟାରେ ନିମ୍ନମାନର ବନ୍ଧଗୁଡ଼ିକରେ ଘାଇ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛି। କେବଳ ସେତିକି ନୁହେଁ, ପୂର୍ତ୍ତ ବିଭାଗ ପକ୍ଷରୁ ଖାମଖିଆଲି ଭାବେ ସେତୁ ନିର୍ମାଣ ହେଉଥିବା ଯୋଗୁ ବନ୍ୟା ଆଶଙ୍କା ସୃଷ୍ଟି ହେଉଛି, ଯାହାର ଉଦାହରଣ ବୈତରଣୀ ନଦୀର ନୂଆପାଟଣା ନଦୀବନ୍ଧରେ ଦେଖିବାକୁ ମିଳିଛି। ଏଠାରେ ଯଦି ବନ୍ୟା ସ୍ଥିତି ☞ପୃଷ୍ଠା-୪

# ୯ରେ ଭାରତ ବନ୍ଦ, ସାମିଲ ହେବେ ୨୫ କୋଟି

**କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଆସନ୍ତା ୯ ତାରିଖ ବୁଧବାର ଦେଶର ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସେମାନଙ୍କ ସହଯୋଗୀ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ 'ଭାରତ ବନ୍ଦ' ଡାକରା ଦିଆଯାଇଛି। ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି ଖନନ, ରାଜପଥ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୨୫ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ଏହି ବନ୍ଦ ପାଳନରେ ସାମିଲ ହେବାକୁ ଥିବାରୁ ଦେଶବ୍ୟାପୀ ସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟଦିବସ ବଢ଼ାଇବା ସହ ମଜୁରି ବୃଦ୍ଧି କରିବା ଓ ସହରାଞ୍ଚଳ ପାଇଁ ଅନୁରୂପ ଆଇନ ଲାଗୁ କରିବା ଉପରେ ସେମାନେ ଦାବି କରୁଛନ୍ତି। 'ଇଜ୍ ଅଫ୍ ଡୁଇଂ ବିଜିନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏମାନେ ବିରୋଧ କରୁଛନ୍ତି। ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପୋଷ୍ଟାଲ, କୋଇଲା ଖଣି, କଳକାରଖାନା, ରାଜ୍ୟ ପରିବହନ ସେବା ଆଦି ଘୋର ପ୍ରଭାବିତ ହେବ ବୋଲି କୁହାଯାଉଛି।**

ନୂଆଦିଲ୍ଲୀ,୭।୭

କେନ୍ଦ୍ର ସରକାରଙ୍କ ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିବାରୁ ଏନେଇ ସମସ୍ତ ସେକ୍ଟର ସହ ଜଡ଼ିତ ୟୁନିୟନଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷକ ଏବଂ ଗ୍ରାମାଞ୍ଚଳ ଶ୍ରମିକମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସର ଅମରଜିତ୍ କୌର କହିଛନ୍ତି। ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପୋଷ୍ଟାଲ, କୋଇଲା ଖଣି, କଳକାରଖାନା, ରାଜ୍ୟ ପରିବହନ ସେବା ପ୍ରଭାବିତ ହେବ ବୋଲି ହିନ୍ଦ୍ ମଜଦୁର ସଭାର ହରଭଜନ ସିଂ ସିଦ୍ଧୁ କହିଛନ୍ତି।

ଶ୍ରମିକ ସଙ୍ଗଠନ ଫୋରମ୍ ପକ୍ଷରୁ କୁହାଯାଇଛି, ଗତବର୍ଷ ସେମାନେ ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ନିକଟରେ ୧୭-ସୂତ୍ରୀ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର ଗତ ୧୦ ବର୍ଷ ହେଲା ବାର୍ଷିକ ଶ୍ରମିକ ସମ୍ମିଳନୀ ନ କରି ସେମାନଙ୍କ ସ୍ୱାର୍ଥ ବିରୋଧରେ ନିଷ୍ପତ୍ତି ନେବାରେ ଲାଗିଛନ୍ତି। ସଙ୍ଗଠନଗୁଡ଼ିକର ମୂଲଚାଲ କ୍ଷମତାକୁ ଦୁର୍ବଳ କରି ସେଗୁଡ଼ିକୁ ପଙ୍ଗୁ କରିଦେବା ସହ 'ଇଜ୍ ଅଫ୍ ଡୁଇଂ ବିଜିନେସ୍' ନାମରେ ୪ଟି ☞ପୃଷ୍ଠା-୪

## ଦୁର୍ଗାପୂଜାରେ ବଣ୍ଟାହେବ ୩୭ ଲକ୍ଷ ଆବାସ: ମନ୍ତ୍ରୀ

ଭୁବନେଶ୍ୱର,୭।୭(ରବିନାରାୟଣ ଜେନା)

ଓଡ଼ିଶାରେ ଜଣେହେଲେ ବି ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେବେନାହିଁ। ପ୍ରତ୍ୟେକ ଗରିବଙ୍କ ମୁଣ୍ଡ ଉପରକୁ ଯେଭଳି ଛାତ ମିଳିବ ସେନେଇ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର କାମ କରୁଛନ୍ତି। ଦୁର୍ଗାପୂଜାର ପାର୍ବଣ ଅବସରରେ ରାଜ୍ୟର ୩୭ ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ସୋମବାର ☞ପୃଷ୍ଠା-୪

## ପାକିସ୍ତାନର ସମ୍ପୃକ୍ତି ମାନିଲେ ତହଉର

ନୂଆଦିଲ୍ଲୀ,୭।୭

୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ପାକିସ୍ତାନ ଗଭୀର ଭାବେ ସମ୍ପୃକ୍ତ ଥିବା ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତହଉର ହୁସେନ୍ ରାଣା ସ୍ୱୀକାର କରିଛନ୍ତି। ଭାରତର ଆର୍ଥିକ ରାଜଧାନୀ ଉପରେ ହୋଇଥିବା ଏହି ମରଣାନ୍ତକ ଆକ୍ରମଣ ବେଳେ ତହଉର ସେଠାରେ ଉପସ୍ଥିତ ଥିଲେ। ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ସହ ତାଙ୍କର ଦୀର୍ଘଦିନର ସମ୍ପର୍କ ରହିଥିବା ମାନିଛନ୍ତି। ଆମେରିକାରୁ ପ୍ରତ୍ୟର୍ପଣ ପରେ ଦିଲ୍ଲୀର ତିହାର ଜେଲ୍‌ରେ ରହିଥିବା ତହଉର ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ୍‌କୁ ଜେରା ବେଳେ

**୨୬/୧୧ ମୁମ୍ବାଇ ଆକ୍ରମଣ**

ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ବିସ୍ଫୋରକ ତଥ୍ୟ ଦେଇଛନ୍ତି। ନିଜର ଘନିଷ୍ଠ ସହଯୋଗୀ ଡାଭିଡ୍ କୋଲେମାନ୍ ହେଡ୍‌ଲିଙ୍କ ସମ୍ପର୍କରେ ତହଉର କହିଛନ୍ତି, ସେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଅନେକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଏଲ୍‌ଇଟି ପ୍ରାଥମିକ ଭାବେ ଏକ ଗୁପ୍ତଚର ନେଟ୍‌ୱର୍କ ଭାବେ ଆଇଏସ୍‌ଆଇ ସହ ସମନ୍ୱୟ ରଖି କାର୍ଯ୍ୟ କରୁଥିଲା।

(ସବିଶେଷ ରିପୋର୍ଟ: ପୃଷ୍ଠା-୨)

# ଆଜି ମହାପ୍ରଭୁଙ୍କ ନୀଳାଦ୍ରିବିଜେ

ପୁରୀ,୭।୭(ଅଜିତ୍ ମହାନ୍ତି)

**ସରିଲା ଅଧରପଣା ନୀତି**

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ଦାରୁଦିଅଁ। ଭଉଣୀ ଭାଇଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ତିନିରଥ ଉପରେ ଏବେ ଅବସ୍ଥାନ କରୁଛନ୍ତି ମହାପ୍ରଭୁ। ସୋମବାର ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଛି। ଏବେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେକୁ ଅପେକ୍ଷା କରିଛନ୍ତି ଭକ୍ତ। ମଙ୍ଗଳବାର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ରତ୍ନବେଦିକୁ ବିଜେ କରିବେ ଦାରୁବିଗ୍ରହ। ଏଥିସହ ଚଳିତବର୍ଷର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶେଷ ହେବ। ସେହିପରି ନୀଳାଦ୍ରିବିଜେ ପରେ ବୁଧବାରଠାରୁ ପୁଣି ଶ୍ରୀମନ୍ଦିର ଚଳଚଞ୍ଚଳ ହୋଇଉଠିବ ଓ ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ।

ପରମ୍ପରା ଅନୁଯାୟୀ, ସୋମବାର ତିନିବାଡ଼ରେ ତିନି ରଥ ଉପରେ ୩ଟି ଲେଖାଏ ହିସାବରେ ମୋଟ ୯ଟି ହାଣ୍ଡିରେ ପଣାଭୋଗ କରାଯାଇଥିଲା। ଏଥିପାଇଁ ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ☞ପୃଷ୍ଠା-୪

# ମନମୋହନ ପୁଣି ଭାଜପା ସଭାପତି

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

## ଆଜି ବିଧିବଦ୍ଧ ଘୋଷଣା

ଭାଜପା ରାଜ୍ୟ ସଭାପତି ନିର୍ବାଚନ ଲାଗି ସୋମବାର ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଦଳର ସଭାପତି ପଦବୀ ଲାଗି ମନମୋହନ ସାମଲ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ମନମୋହନ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହେବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ମନମୋହନ ଏଥରକୁ ମିଶାଇଲେ ୪ର୍ଥ ଥର ଲାଗି ଦଳର ସଭାପତି ପଦର ଦାୟିତ୍ୱ ନେବେ। ଗତ ସାଧାରଣ ନିର୍ବାଚନରେ ଭାଜପାର ସଫଳତା ଯୋଗୁ ମନମୋହନଙ୍କୁ ଆଉଥରେ ରିପିଟ୍ କରାଯିବ ବୋଲି ଚର୍ଚ୍ଚା ମଧ୍ୟ



ମନମୋହନ ସାମଲ

ଜୋର୍ ଧରିଥିଲା। ଶେଷରେ ତାହା ହିଁ ହୋଇଛି। ତେବେ ମନମୋହନ ପ୍ରଥମେ ୧୯୯୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଦଳର ସଭାପତି ଥିଲେ। ଏହାପରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିଲେ। ଏହାପରେ ମାର୍ଚ୍ଚ ୨୦୨୩ରୁ ଏଯାଏଁ ୩ୟ ଥର ଲାଗି ସଭାପତି ଦାୟିତ୍ୱରେ ରହିଛନ୍ତି। ମନମୋହନ ସଭାପତି ହେବା ନେଇ ସ୍ପଷ୍ଟ ହେଇସାରିଥିଲେ ମଧ୍ୟ ମଙ୍ଗଳବାର ☞ପୃଷ୍ଠା-୪

# ନନ୍ଦନକାନନ: ଦ୍ୱିତୀୟଥର ୧୧ ଛୁଆ ଜନ୍ମଦେଲା ହଳଦିଆ ଆନାକୋଣ୍ଡା



**ସଂଖ୍ୟା ୨୫କୁ ବୃଦ୍ଧି**

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ସରୀସୃପ ପାର୍କରେ ରହୁଥିବା ହଳଦିଆ ଆନାକୋଣ୍ଡା ଦ୍ୱିତୀୟଥର ପାଇଁ ମା' ହୋଇଛି। ସୋମବାର ଏହା ଜଣାପଡ଼ିବା ପରେ ନନ୍ଦନକାନନରେ ଖୁସିର ମାହୋଲ ଖେଳିଯାଇଛି। ଜୁଲାଇ ୪ରେ ହଳଦିଆ ଆନାକୋଣ୍ଡା ୧୧ଟି ଛୁଆ ଜନ୍ମ ଦେଇଥିଲା। ୨୦୧୯ ମସିହା ଅକ୍ଟୋବରରେ ମାଡ୍ରାସ କ୍ରୁମ୍ବୀର ବ୍ୟାଙ୍କ ଟ୍ରଷ୍ଟରୁ ଅଣ୍ଡିରା ଓ ମାଈ ଆନାକୋଣ୍ଡା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶକ୍ତି ଓ ଦୁର୍ବଳତା

# ଅଭିନୟକୁ ଫେରିଲେ ସ୍ମୃତି ଇରାନୀ

## 'କ୍ୟୁଁକି ସାସ୍ ଭି କଭି ବହୂ ଥି ୨'ରେ ସ୍ମୃତିଙ୍କ ଫାଷ୍ଟ ଲୁକ୍ ଆଉଟ୍

ମୁମ୍ବାଇ, ୭।୭

ଦୀର୍ଘ ପ୍ରାୟ ୧୨ ବର୍ଷ ଧରି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ସ୍ମୃତି ଇରାନୀ ଅଭିନୟ ଜଗତରୁ ଦୂରେଇ ରହିଥିଲେ। ତେବେ ଖୁବ୍‌ଶୀଘ୍ର ତାଙ୍କୁ ପୁଣିଥରେ ଛୋଟ ପରଦାରେ ଦେଖିବାକୁ ମିଳିବ। ଲୋକପ୍ରିୟ ଧାରାବାହିକ 'କ୍ୟୁଁକି ସାସ୍ ଭି କଭି ବହୂ ଥି'ର ଦ୍ୱିତୀୟ ସିଜନ୍‌ରେ ସ୍ମୃତି ତାଙ୍କ ପ୍ରସିଦ୍ଧ ତୁଲସୀ ବିରାନୀଙ୍କ ଭୂମିକାରେ ନଜରକୁ ଆସିବେ। ସୋମବାର ଧାରାବାହିକରେ ସ୍ମୃତିଙ୍କ ପ୍ରଥମ ଲୁକ୍ ଉପରୁ ପରଦା ଉଠିଛି। ଇନ୍‌ଷ୍ଟାଗ୍ରାମରେ ଇନ୍‌ଷ୍ଟାଣ୍ଟ ବଲିଉଡ୍ ନାମକ ଏକ ଆକାଉଣ୍ଟରେ ସ୍ମୃତିଙ୍କ ଏହି ଲୁକ୍‌କୁ ଶେୟାର କରାଯାଇଛି। ଏଥିରେ ସେ ମେରୁନ୍ ରଙ୍ଗର ବନାରସୀ ଶାଢ଼ି, ଲାଲ୍ ରଙ୍ଗର ସିଗ୍‌ନେଚର ବିନ୍ଦି ଏବଂ ପାରମ୍ପରିକ ଅଳଙ୍କାର ପିନ୍ଧିଥିବାର ନଜରକୁ ଆସିଛନ୍ତି। ସ୍ମୃତିଙ୍କୁ ପୁଣିଥରେ ତୁଲସୀ ଭୂମିକାରେ ଦେଖି ତାଙ୍କର ଅନେକ ପ୍ରଶଂସକ 'କ୍ୟୁଁକି ସାସ୍ ଭି କଭି ବହୂ ଥି'ର ପାର୍ଟ-୨କୁ ☞ପୃଷ୍ଠା-୪






## ସଂକ୍ଷେପରେ

### ଗୁଳିମାଡ଼ରେ ରୁଷିଆର ବହିଷ୍କୃତ ମନ୍ତ୍ରୀଙ୍କ ମୃତ୍ୟୁ


ରୋମାନ ଷ୍ଟାରୋଭୋଏଟ୍

ମସ୍କୋ,୭।୭

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ କ୍ୟାବିନେଟର ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଏଟ୍‌ଙ୍କୁ ବହିଷ୍କାର କରିବାର କିଛି ଘଣ୍ଟା ପରେ କାର୍ ଭିତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଦେହରେ ଗୁଳିମାଡ଼ ସହ ପାଖରେ ତାଙ୍କ ବ୍ୟବହୃତ ବନ୍ଧୁକ ପଡ଼ିଥିବାରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମନ୍ତ୍ରୀ ହେବା ପୂର୍ବରୁ ରୋମାନ କୁର୍ସ୍କ ପ୍ରଦେଶର ଗଭର୍ନର ଥିବାବେଳେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିବାରୁ ତାଙ୍କୁ ବହିଷ୍କାର କରାଯାଇଥାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କରିଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର କଲେ ଏମ୍‌ଏନ୍‌ଏସ୍ ନେତାଙ୍କ ପୁଅ

ମୁମ୍ବାଇ, ୭।୭

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନେତା ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ନିଶାସକ୍ତ ହୋଇ ଅର୍ଦ୍ଧନଗ୍ନ ଥିବା ଅବସ୍ଥାରେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ରାଜଶ୍ରୀ ମୁରେଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସୋମବାର ରାଜଶ୍ରୀ ଏକ୍ସ'ରେ ଏକ ଭିଡିଓ ଶେୟାର କରିଛନ୍ତି,ଯେଉଁଥିରେ ରାହିଲ ତାଙ୍କୁ ଅପଶବ୍ଦ କହି ଗାଳି ଦେଉଥିବା ଦେଖିବାକୁ ମିଳିଛି। ତାଙ୍କ କାର୍‌କୁ ରାହିଲ ଧକ୍କା ଦେଇଥିଲେ। ସେ ପ୍ରତିବାଦ କରିବାରୁ ରାହୁଲ ତାଙ୍କୁ ଦୁର୍ବ୍ୟବହାର କରିଥିବା ରାଜଶ୍ରୀ କହିଛନ୍ତି। ଏନେଇ ମୁମ୍ବାଇର ଆମ୍ବୋଲି ଥାନାରେ ରାଜଶ୍ରୀ ଏତଲା ଦେଇଛନ୍ତି।

# ୯ରେ ଇଣ୍ଡିଆ ବ୍ଲକ୍‌ର ବିହାର ବନ୍ଦ ଡାକରା

## ଭୋଟର ତାଲିକା ସଂଶୋଧନକୁ ବିରୋଧ

ପାଟନା,୭।୭


ରାହୁଲ ଗାନ୍ଧୀ


ତେଜସ୍ୱୀ ଯାଦବ

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ଦୃଢ଼ ବିରୋଧ କରିବା ସହ ଆସନ୍ତା ୯ ତାରିଖ ବୁଧବାର ରାଜ୍ୟରେ ବନ୍ଦ ପାଳନ ପାଇଁ ଡାକରା ଦେଇଛି। ଏହି ବନ୍ଦରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗଦେବେ ବୋଲି ଜଣାପଡ଼ିଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ବ୍ଲକ୍‌ର ସମନ୍ୱୟ କମିଟି ଅଧ୍ୟକ୍ଷ ଥିବା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି, ଭୋଟର ତାଲିକା ସଂଶୋଧନ ବିରୋଧରେ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଅସନ୍ତୋଷ ଦର୍ଶାଇବା ପାଇଁ ବିହାର ବନ୍ଦ ଡାକରା ଦେଇଛନ୍ତି। ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ବିରୋଧକରି ବୁଧବାର ଚକା ଜାମ୍ କରାଯିବ ବୋଲି ତେଜସ୍ୱୀ କହିଛନ୍ତି। ତେବେ ଏହି ସମୟରେ ଆମ୍ବୁଲାନ୍ସ ଏବଂ ଜରୁରୀ ସେବା ଗାଡ଼ିଗୁଡ଼ିକ ଅଟକାଯିବ ନାହିଁ। ରାହୁଲ ଏବଂ ତେଜସ୍ୱୀ ବନ୍ଦ ପାଳନର ନେତୃତ୍ୱ ନେବେ।

ପାଟନାର ଇନ୍‌କମ୍ ଟ୍ୟାକ୍ସ ଛକରୁ ରାହୁଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବିଧାନସଭା ବାହାରେ ଥିବା ଶହୀଦ ସ୍ମୃତିସ୍ଥଳ ଏବଂ ଏହା ପାଖରେ ଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ ବୋଲି ବିହାର ପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜେଶ କୁମାର ଗଣମାଧ୍ୟମକୁ କହିଛନ୍ତି। ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ ମାଗିଥିବା ୧୧ଟି ଦସ୍ତାବିଜ୍ ୯୦ ପ୍ରତିଶତ ଲୋକ ଦେଖାଇପାରିବେ ନାହିଁ। ସେଗୁଡ଼ିକୁ ସଂଗ୍ରହ କରିବା ପାଇଁ ବହୁ ସମୟ ଲାଗିବ। ପୂର୍ବରୁ ଏଭଳି ସଂଶୋଧନ ୧୫ ମାସ ଧରି ଚାଲିଥିଲା। ଏବେ ନିର୍ବାଚନ ମାତ୍ର ଅଳ୍ପ କେଇମାସ ରହିଥିବାବେଳେ ତାହା ପୂର୍ବରୁ ଏସ୍‌ଆଇଆର୍ ସମ୍ଭବ ନୁହେଁ। ଏହା ଦ୍ୱାରା ଅନେକ ଯୋଗ୍ୟ ଭୋଟର ମତଦାନ ଅଧିକାର ହରାଇବେ ବୋଲି କୁମାର କହିଛନ୍ତି। ଯଦି ଭୋଟର ତାଲିକାରେ ସଂଶୋଧନ କରିବା କଥା, ତେବେ ନିର୍ବାଚନ କମିଶନ ଜାନୁଆରୀ ୧ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ୮ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଜୁଲାଇ ୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ କିପରି ବୋଲି ସେ କହିଛନ୍ତି।

ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନକୁ ସ୍ଥଗିତ ରଖିବା ପାଇଁ ତେଜସ୍ୱୀ ସୋମବାର ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି। ଇଣ୍ଡିଆ ବ୍ଲକ୍‌ର ସହଯୋଗୀମାନଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଏହା କହିଛନ୍ତି।

### ଇସ୍ରୋ ମୁଖ୍ୟଙ୍କୁ ଆକ୍ସିଓମ୍ ୪ ମିଶନର ଅପ୍‌ଡେଟ୍ ଦେଲେ ଶୁଭାଂଶୁ

ନୂଆଦିଲ୍ଲୀ, ୭।୭

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଥିବା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଅଧ୍ୟକ୍ଷ ଭି. ନାରାୟଣନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଶୁଭାଂଶୁ ଇସ୍ରୋ ପାଇଁ କରୁଥିବା ବିଭିନ୍ନ ବୈଜ୍ଞାନିକ ପରୀକ୍ଷଣର ଅଗ୍ରଗତି ସମ୍ପର୍କରେ ଜଣାଇଛନ୍ତି। ଏହି ମିଶନ ଭାରତର ଗଗନୟାନ ମିଶନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପୃଥିବୀ ଫେରିବା ପରେ ଶୁଭାଂଶୁ ଆଇଏସ୍‌ଏସ୍‌ରେ ନିଜ ଅଭିଜ୍ଞତା ଏବଂ ପରୀକ୍ଷଣକୁ ବିସ୍ତୃତ ଭାବେ ଲିପିବଦ୍ଧ କରନ୍ତୁ ବୋଲି ନାରାୟଣନ ତାଙ୍କୁ ପରାମର୍ଶ ଦେଇଥିଲେ। ଇସ୍ରୋ ମୁଖ୍ୟ ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।


ସଂଶୋଧିତ ଜମି ରାଜସ୍ୱ ରେକର୍ଡରେ ପକ୍ଷପାତିତାକୁ ବିରୋଧ କରି ନୋଏଡ଼ାରେ ସୋମବାର କୃଷକମାନେ ବିକ୍ଷୋଭ କରୁଛନ୍ତି।

# ବ୍ରିକ୍ସ ରାଷ୍ଟ୍ର ଉପରେ ୧୦% ଅତିରିକ୍ତ ଶୁଳ୍କ ଲଗାଇବାକୁ ଟ୍ରମ୍ପଙ୍କ ଧମକ

## ତୃତୀୟ ରାଷ୍ଟ୍ରକୁ ଟାର୍ଗେଟ କରେନି ବ୍ରିକ୍ସ: ଚାଇନା

ରିଓ ଡି ଜେନେଇରୋ/ବେଜିଂ,୭।୭

ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ଆମେରିକା ବିରୋଧୀ ନୀତି ସହ ଯେଉଁମାନେ ରହିଛନ୍ତି, ସେମାନଙ୍କ ବିରୋଧରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ରବିବାର ବ୍ରାଜିଲରେ ବ୍ରିକ୍ସ ରାଷ୍ଟ୍ରର ନେତାମାନଙ୍କ ସମ୍ମିଳନୀ ଆରମ୍ଭ ହୋଇଥିବାବେଳେ ଟ୍ରମ୍ପ ଏଭଳି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରିକ୍ସ କାହା ସହ ମୁହାଁମୁହିଁ ହେବାର ସଂଗଠନ ନୁହେଁ ଏବଂ କୌଣସି ତୃତୀୟ ରାଷ୍ଟ୍ରକୁ ଏହା ଟାର୍ଗେଟ କରେନାହିଁ ବୋଲି ଚାଇନା ସୋମବାର କହିଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ବଳରେ ବିକାଶଶୀଳକୁ ବିକଶିତ ରାଷ୍ଟ୍ର ମାନ୍ୟତାରେ ବଦଳାଇଥିବା ଦେଶ ଏବଂ ବିକାଶଶୀଳ ଦେଶ ମଧ୍ୟରେ ସମନ୍ୱୟ ରଖିବା ପାଇଁ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଗଣମାଧ୍ୟମକୁ କହିଛନ୍ତି।

ଟ୍ରମ୍ପଙ୍କ 'ଆମେରିକା ଫାର୍ଷ୍ଟ' ଆଭିମୁଖ୍ୟକୁ ନେଇ ଧନୀ ରାଷ୍ଟ୍ରଗୋଷ୍ଠୀ ଜି୭ ଏବଂ ଜି୨୦ ମଧ୍ୟରେ ମତଭେଦ ଓ ଅସ୍ଥିରତା ଦେଖାଦେଇଛି। ଅନ୍ୟପକ୍ଷରେ ହିଂସାତ୍ମକ ଦ୍ୱନ୍ଦ୍ୱ ଏବଂ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ବ୍ରିକ୍ସ ନିଜକୁ ଏକ ବହୁପାକ୍ଷୀୟ କୂଟନୈତିକ ମଞ୍ଚ ଭାବେ ଉପସ୍ଥାପନ କରୁଛି। ରିଓ ଡି ଜେନେଇରୋରେ ରବିବାର ଅପରାହ୍ଣରେ ଆରମ୍ଭ ହୋଇଥିବା ବ୍ରିକ୍ସ ସମିଟ୍ ଆରମ୍ଭ ଅବସରରେ ମିଳିତ ବିବୃତି ଜରିଆରେ ବିଶ୍ୱ ବାଣିଜ୍ୟ ପ୍ରତି ବିପଦ ସୃଷ୍ଟି କରିଥିବା ଟାରିଫ୍ ବୃଦ୍ଧିକୁ ନେଇ ଚେତାବନୀ ଦେଇଥିଲା। ଏଥିସହିତ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଏହା ପରୋକ୍ଷରେ ସମାଲୋଚନା କରିଥିଲା। ଏହି ରାଷ୍ଟ୍ରଗୋଷ୍ଠୀ ସହ ସାମିଲ ହେବାକୁ ଚାହୁଁଥିବା ଦେଶଗୁଡ଼ିକୁ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲଗାଇ ଦଣ୍ଡିତ କରିବେ ବୋଲି ଏହାର କିଛି ସମୟ ପରେ ଟ୍ରମ୍ପ ଚେତାବନୀ ଦେଇଥିଲେ।

ଆମେରିକା ଜବାବୀ ଶୁଳ୍କ ଲଗାଇବା ପାଇଁ ଜୁଲାଇ ୯କୁ ଶେଷ ତାରିଖ ଧାର୍ଯ୍ୟ କରିଥିବାବେଳେ ଟ୍ରମ୍ପ ପ୍ରଶାସନ ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଉଦ୍ୟମ ଚଳାଇଛି। ବ୍ରାଜିଲ, ରୁଷିଆ, ଭାରତ, ଚାଇନାକୁ ନେଇ ୨୦୦୯ରେ ବ୍ରିକ୍ସର ପ୍ରଥମ ସମ୍ମିଳନୀ ହୋଇଥିବାବେଳେ ପରେ ଏଥିରେ ଦକ୍ଷିଣ ଆଫ୍ରିକା ଯୋଗ ଦେଇଥିଲା। ଗତବର୍ଷ ଏହି ଗ୍ରୁପ୍‌ରେ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ୟୁନାଇଟେଡ୍ ଆରବ ଏମିରେଟ୍ସ ସାମିଲ ହୋଇଥିଲେ। ଅନ୍ୟ ୩୦ଟି ରାଷ୍ଟ୍ର ବ୍ରିକ୍ସରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

# ଟ୍ରେନ୍‌ରେ ମହିଳାଙ୍କୁ ଗଣବଳାତ୍କାର

ପାନିପତ, ୭।୭

ହରିୟାଣାର ପାନିପତରେ ଏକ ଖାଲି ଟ୍ରେନ୍ ବଗି ମଧ୍ୟରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ପାନିପତ ରେଳ ଷ୍ଟେଶନରେ ଠିଆ ହୋଇଥିବା ଏକ ଟ୍ରେନ୍‌ର ଖାଲି ବଗିରେ ଜଣେ ୩୫ ବର୍ଷୀୟା ମହିଳାଙ୍କୁ ୩ ଜଣ ଅଭିଯୁକ୍ତ ଗଣବଳାତ୍କାର କରିଛନ୍ତି। ଗଣବଳାତ୍କାର ପରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ହରିୟାଣାର ସୋନେପତ ନେଇ ସେଠାରେ ଏକ ରେଳ ଟ୍ରାକ୍‌ରେ ତାଙ୍କୁ ଫିଙ୍ଗି ଫେରାର ହୋଇଯାଇଥିଲେ। ସେହି ସମୟରେ ଏକ ଟ୍ରେନ୍ ଉକ୍ତ ଟ୍ରାକ୍ ଦେଇ ଯାଉଥିବାରୁ ମହିଳାଙ୍କ ଗୋଡ଼ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସୋମବାର ପୀଡ଼ିତାଙ୍କ ବୟାନ ଆଧାରରେ ପୋଲିସ ପାନିପତର କିଲା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାକୁ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଖୋଜିବା ଜାରି ରଖିଛି। ପୀଡ଼ିତା ମହିଳା ଜଣଙ୍କ ଗତ ୨୪ ତାରିଖରୁ ନିଖୋଜ ଥିଲେ ବୋଲି ପୋଲିସ କହିଛି। କିଲା ଥାନା ଇନ୍ସପେକ୍ଟର ଶ୍ରୀନିବାସ କହିଛନ୍ତି, ଗତ ୨୬ ତାରିଖରେ ପୀଡ଼ିତା ଜଣଙ୍କ ନିଖୋଜ ଥିବା ନେଇ ତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ପୀଡ଼ିତା ତାଙ୍କ ସହ ଝଗଡ଼ା କରି ଘର ଛାଡ଼ି ଚାଲିଯାଇଥିବା ସେ କହିଥିଲେ। ପୋଲିସ ନିକଟରେ ପୀଡ଼ିତା କହିଛନ୍ତି, ଘରୁ ଚାଲିଆସି ସେ ରେଳ ଷ୍ଟେଶନରେ ବସିଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସିଥିଲେ। ତାଙ୍କ ସ୍ୱାମୀ କହିବାରୁ ସେ ଆସିଛନ୍ତି ବୋଲି ଅଜଣା ବ୍ୟକ୍ତି ଜଣଙ୍କ ପୀଡ଼ିତାଙ୍କୁ କହି ତାଙ୍କ ବିଶ୍ୱାସ ଜିଣିଥିଲେ। ସ୍ୱାମୀଙ୍କ ପାଖରେ ନେଇ ଛାଡ଼ିଦେବାକୁ ଭରସା ଦେଇ ସେ ପୀଡ଼ିତାଙ୍କୁ ଏକ ଖାଲି ଟ୍ରେନ୍ ବଗି ମଧ୍ୟକୁ ନେଇ ଯାଇଥିଲେ ଏବଂ ସେଠାରେ ନିଜର ୨ ସହଯୋଗୀଙ୍କ ସହ ତାଙ୍କୁ ଗଣବଳାତ୍କାର କରିଥିଲେ।

# ୨୬/୧୧ ଆକ୍ରମଣ ବେଳେ ମୁମ୍ବାଇରେ ଥିଲେ ତହଉର

## ପାକ୍ ସେନା, ଆଇଏସ୍‌ଆଇ ସହ ଲିଙ୍କ୍ ଥିବା ମାନିଲେ

ନୂଆଦିଲ୍ଲୀ,୭।୭


ତହଉର ହୁସେନ୍ ରାଣା

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ପାକିସ୍ତାନ ଗଭୀର ଭାବେ ସମ୍ପୃକ୍ତ ଥିବା ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତହଉର ହୁସେନ୍ ରାଣା ସ୍ୱୀକାର କରିଛନ୍ତି। ଭାରତର ଆର୍ଥିକ ରାଜଧାନୀ ଉପରେ ହୋଇଥିବା ଏହି ମରଣାନ୍ତକ ଆକ୍ରମଣ ବେଳେ ତହଉର ସେଠାରେ ଉପସ୍ଥିତ ଥିଲେ। ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ସହ ତାଙ୍କର ଦୀର୍ଘଦିନର ସମ୍ପର୍କ ରହିଥିବା ମାନିଛନ୍ତି। ଆମେରିକାରୁ ପ୍ରତ୍ୟର୍ପଣ ପରେ ଦିଲ୍ଲୀର ତିହାର ଜେଲ୍‌ରେ ରହିଥିବା ତହଉର ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ୍‌କୁ ଜେରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ବିସ୍ଫୋରକ ତଥ୍ୟ ଦେଇଛନ୍ତି।

ନିଜର ଘନିଷ୍ଠ ସହଯୋଗୀ ଡାଭିଡ୍ କୋଲେମାନ୍ ହେଡ୍‌ଲିଙ୍କ ସମ୍ପର୍କରେ ତହଉର କହିଛନ୍ତି, ସେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଅନେକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଏଲ୍‌ଇଟି ପ୍ରାଥମିକ ଭାବେ ଏକ ଗୁପ୍ତଚର ନେଟ୍‌ୱର୍କ ଭାବେ ଆଇଏସ୍‌ଆଇ ସହ ସମନ୍ୱୟ ରଖି କାର୍ଯ୍ୟ କରୁଥିଲା। ତହଉର କହିଛନ୍ତି, ମୁମ୍ବାଇରେ ନିଜ କମ୍ପାନୀର ଇମିଗ୍ରେଶନ ସେଣ୍ଟର ଖୋଲିବା ଚିନ୍ତାଧାରା ତାଙ୍କର ବ୍ୟକ୍ତିଗତ ଏବଂ ଏହା ସହ ସମ୍ପୃକ୍ତ ସମସ୍ତ ଆର୍ଥିକ କାରବାରକୁ ବ୍ୟବସାୟିକ ଖର୍ଚ୍ଚ ଭାବେ ଉପସ୍ଥାପନ କରାଯାଇଥିଲା। ତେବେ ୨୬/୧୧ ଆକ୍ରମଣ ବେଳେ ମୁମ୍ବାଇରେ ତାଙ୍କର ଉପସ୍ଥିତି ଅଚାନକ ନ ଥିଲା, ବରଂ ଆତଙ୍କବାଦୀ ଆକ୍ରମଣ ଯୋଜନାର ଅଂଶବିଶେଷ ଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ତଦନ୍ତକାରୀ ଅଧିକାରୀମାନଙ୍କୁ ତହଉର ଆହୁରି କହିଛନ୍ତି, ଆକ୍ରମଣ ହେବାକୁ ଥିବା ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ (ସିଏସ୍‌ଏମ୍‌ଟି) ସମେତ ବିଭିନ୍ନ ସମ୍ଭାବ୍ୟ ଟାର୍ଗେଟ ଉପରେ ନଜର ରଖିଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ସହଯୋଗରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ହୋଇଥିବା ତହଉର ସ୍ପଷ୍ଟ କରିଛନ୍ତି। ପାକିସ୍ତାନୀ ସେନା ସହ ତାଙ୍କର ଦୀର୍ଘଦିନର ସମ୍ପର୍କ ବିଷୟରେ ସେ କହିଛନ୍ତି, ପୂର୍ବରୁ ଖଲିଜ ଯୁଦ୍ଧ ବେଳେ ତାଙ୍କୁ ସେନା ସାଉଦି ଆରବ ପଠାଇଥିଲା। ଏହିସବୁ ତଥ୍ୟ ପଦାକୁ ଆସିବା ପରେ ମୁମ୍ବାଇ ପୋଲିସ ଏବେ ତାଙ୍କୁ ଆନୁଷ୍ଠାନିକ ଭାବେ ଗିରଫ କରି ହାଜତକୁ ନେବା ପାଇଁ ପ୍ରସ୍ତୁତି ଚଳାଇଛି।

ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ନାଗରିକ ତହଉରଙ୍କ ପିଟିଶନ୍‌କୁ ଏପ୍ରିଲ ୪ରେ ଆମେରିକା ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା। ମେ'ରେ ସେ ଭାରତରେ ପହଞ୍ଚିବା ପରେ ତାଙ୍କୁ ଏନ୍‌ଆଇଏର ବିଚାରବିଭାଗୀୟ ହାଜତରେ ରଖାଯିବା ସହ ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ଆତଙ୍କବାଦୀ କାର୍ଯ୍ୟ କରିବା ଏବଂ ଜାଲିଆତି ଆଦି ଅଭିଯୋଗରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ ଚାଲିଛି।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନର ୧୦ ଜଣ ସଶସ୍ତ୍ର ଆକ୍ରମଣକାରୀ ଜଳପଥ ଦେଇ ମୁମ୍ବାଇରେ ପ୍ରବେଶ କରିବା ପରେ ତାଜ୍ ପ୍ୟାଲେସ୍, ହୋଟେଲ, ଓବେରୟ ଟ୍ରିଡେଣ୍ଟ, ଛତ୍ରପତି ଶିବାଜୀ ଟର୍ମିନସ୍ ଏବଂ ନରିମାନ ହାଉସ୍ ଉପରେ ଦୀର୍ଘ ୬୦ ଘଣ୍ଟା ଧରି ଆକ୍ରମଣ ଚଳାଇଥିଲେ। ଏହି ଆକ୍ରମଣରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଏହି ଆକ୍ରମଣ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଦ୍ୱାରା କରାଯାଇଛି ଓ ସେମାନଙ୍କ ରାଷ୍ଟ୍ର ପ୍ରାୟୋଜକ ଏଥିପାଇଁ ଦାୟୀ ବୋଲି ଭାରତ କ୍ରମାଗତ ଭାବେ କହିଆସିଛି। ତହଉରଙ୍କ ଉପରୋକ୍ତ ସ୍ୱୀକାରୋକ୍ତି ଭାରତର ଅଭିଯୋଗକୁ ଅଧିକ ପୁଷ୍ଟ କରିଛି।

## ଫୁରସତ୍

# ଅକ୍ସଫୋର୍ଡରୁ ଡିଗ୍ରୀ ଥାଇ ଡେଲିଭରି ବୟ

## ସବୁଠୁ ଶିକ୍ଷିତ ଫୁଡ୍ ଡେଲିଭରି ବୟ୍ ଭାବେ ଚର୍ଚ୍ଚିତ

ବେଜିଂ


ଡିଙ୍ଗ୍ ୟୁଆନଝାଓ

ସମ୍ପ୍ରତି ଚାଇନାର ଜଣେ ଫୁଡ୍ ଡେଲିଭରି ବୟ ଡିଙ୍ଗ୍ ୟୁଆନଝାଓ (୩୯) ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛନ୍ତି। ଅସାଧାରଣ ଶିକ୍ଷା ଲାଭ କରିଥିବା ସତ୍ତ୍ୱେ ମଧ୍ୟ ଏକ ସାଧାରଣ ଫୁଡ୍ ଡେଲିଭରି ବୟ ଭାବେ ଜୀବିକା ନିର୍ବାହ କରୁଥିବାରୁ ତାଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ସୋସିଆଲ ମିଡିଆରେ ତାଙ୍କୁ ସବୁଠାରୁ ଶିକ୍ଷିତ ଡେଲିଭରି ବୟ ବୋଲି କୁହାଯାଉଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପରି ବିଶ୍ୱର ବିଭିନ୍ନ ଶ୍ରେଷ୍ଠ ପ୍ରତିଷ୍ଠାନରେ ପଢ଼ିଥିବା ସତ୍ତ୍ୱେ ମଧ୍ୟ ତାଙ୍କୁ ଭଲ ନିଯୁକ୍ତି ମିଳି ନ ଥିଲା। ତେଣୁ ସମ୍ପ୍ରତି ସେ ଜଣେ ଫୁଡ୍ ଡେଲିଭରି ବୟ ଭାବେ କାର୍ଯ୍ୟ କରୁଛନ୍ତି।

ଚାଇନାର ଫୁଜିଆନ୍ ପ୍ରଦେଶ ନିବାସୀ ଡିଙ୍ଗ୍ ଦେଶର ପ୍ରତିଷ୍ଠିତ ସିଂଘୁଆ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ପେକିଂ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ସେ ସିଙ୍ଗାପୁରର ନାନ୍‌ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ ଜୀବ ବିଜ୍ଞାନରେ ପିଏଚ୍.ଡି. ଡିଗ୍ରୀ ଏବଂ ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଜୈବ ବିବିଧତାରେ ଆଉ ଏକ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ଏପରି ଉଜ୍ଜ୍ୱଳ ଶିକ୍ଷାଗତ ପୃଷ୍ଠଭୂମି ସତ୍ତ୍ୱେ ମଧ୍ୟ ଡିଙ୍ଗ୍‌ଙ୍କୁ ଇଚ୍ଛା ଏବଂ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ମିଳି ନ ଥିଲା। ସେ ଅନେକ କମ୍ପାନୀକୁ ନିଜ ବାୟୋଡାଟା ପଠାଇଥିଲେ ଏବଂ ୧୦ରୁ ଅଧିକ ସାକ୍ଷାତ୍କାର ମଧ୍ୟ ଦେଇଥିଲେ। ଏହାସତ୍ତ୍ୱେ ମଧ୍ୟ ତାଙ୍କୁ ସଫଳତା ମିଳି ନ ଥିଲା। ଏହି ସମୟରେ ସେ କିଛି ମାସ ପାଇଁ ସିଙ୍ଗାପୁର ନ୍ୟାଶନାଲ୍ ୟୁନିଭର୍ସିଟରେ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚର ଭାବେ କାର୍ଯ୍ୟ କରିଥିଲେ। ଅନେକ ସମୟ ପର୍ଯ୍ୟନ୍ତ ମନ ମୁତାବକ ନିଯୁକ୍ତି ନ ପାଇ ଶେଷରେ ଡିଙ୍ଗ୍ ନିଜ ପରିବାର ପ୍ରତିପୋଷଣ ପାଇଁ ଫୁଡ୍ ଡେଲିଭରି ବୟ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିଲେ।


ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଡିଙ୍ଗ୍ କହିଛନ୍ତି, ଏବେ ସେ ଏକ ସ୍ଥିର ଚାକିରି କରୁଛନ୍ତି, ଯଦ୍ୱାରା ସେ ନିଜ ପରିବାରକୁ ପ୍ରତିପୋଷଣ କରିପାରୁଛନ୍ତି। ଏହି ନିଯୁକ୍ତିରେ ସେ କଠିନ ପରିଶ୍ରମ କରୁଛନ୍ତି ଏବଂ ଏକ ଭଲ ରୋଜଗାର ମଧ୍ୟ କରୁଛନ୍ତି। ନିଯୁକ୍ତି ପ୍ରୋଫାଇଲ୍ କୌଣସି ବ୍ୟକ୍ତିଙ୍କ ଦକ୍ଷତାର ମାପକାଠି ହୋଇ ନ ଥାଏ। ଦୀର୍ଘ ଦିନ ଧରି ସଫଳତା ନ ମିଳିଲେ ମଧ୍ୟ ସକାରାତ୍ମକ ରହିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଡିଙ୍ଗ୍‌ଙ୍କ ସାହସ ଏବଂ ବ୍ୟବହାରିକ ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି। ଶିକ୍ଷା ଯେତେ ଉଚ୍ଚ ହୋଇଥିଲେ ମଧ୍ୟ ଜୀବନରେ ସର୍ବଦା ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ, ତାହା ଡିଙ୍ଗ୍‌ଙ୍କ କାହାଣୀ ଦର୍ଶାଉଛି ବୋଲି କେତେଜଣ ୟୁଜର୍ସ କହିଛନ୍ତି।

# ବିଗ୍‌ବସ୍ ୧୯: ସଲ୍‌ମାନଙ୍କୁ ମିଶାଇ ୪ ହୋଷ୍ଟ

ମୁମ୍ବାଇ


ସଲ୍‌ମାନ ଖାନ୍

ଲୋକପ୍ରିୟ ରିୟଲିଟି ଶୋ' ବିଗ୍‌ବସ୍‌ର ୧୯ତମ ସିଜନ୍‌କୁ ନେଇ ସୋମବାର ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଅଗଷ୍ଟ ଶେଷ ସପ୍ତାହରେ 'ବିଗ୍‌ବସ୍ ୧୯' ଆରମ୍ଭ ହେବ, ଯାହା ୫ ମାସ ପର୍ଯ୍ୟନ୍ତ ଚାଲିବ। ଏହା ସବୁଠାରୁ ଲମ୍ବା ଅବଧିର ବିଗ୍‌ବସ୍ ସିଜନ୍ ହେବ ବୋଲି ଜଣାପଡ଼ିଛି। ତେବେ ଏହି ସିଜନକୁ କେବଳ ସଲ୍‌ମାନ ହୋଷ୍ଟ କରିବେ ନାହିଁ, ବରଂ ୩ ଅନ୍ୟ ସେଲିବ୍ରିଟି ମଧ୍ୟ ହୋଷ୍ଟ କରିବେ। ଏହି ଶୋ'ରେ ପ୍ରଥମ ୩ ମାସ ସଲ୍‌ମାନ ହୋଷ୍ଟ କରିବେ। ଏହାପରେ ଅଭିନେତ୍ରୀ ଫରାହ ଖାନ୍, ଅଭିନେତା ଅନିଲ କପୁର ଏବଂ ଫିଲ୍ମ ନିର୍ମାତା କରନ ଜୋହର ଏହି ଶୋ'କୁ ହୋଷ୍ଟ କରିବେ ବୋଲି ଶୋ'ର କୋର୍ ଟିମ୍‌ଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଗ୍ରାଣ୍ଡ ଫିନାଲେକୁ ସଲ୍‌ମାନ ହୋଷ୍ଟ କରିବେ। ସେହିପରି ଚଳିତ ଥର ଏହି ରିୟଲିଟି ଶୋ' ଟିଭି ଏବଂ ଓଟିଟିରେ ଏକକାଳୀନ ଚାଲିବ ବୋଲି ଜଣାପଡ଼ିଛି। ବିଗ୍‌ବସ୍ ୧୯ର ପ୍ରତିଯୋଗୀଙ୍କ ପାଇଁ ସମ୍ପ୍ରତି ଅଡିଶନ ଜାରି ରହିଛି। ଛୋଟ ପରଦା ତଥା ମଡେଲ ଦୁନିଆର ଅନେକ ତାରକା ଚଳିତ ସିଜନ୍‌ରେ ପ୍ରତିଯୋଗୀ ଭାବେ ଯୋଗଦେବେ ବୋଲି ରିପୋର୍ଟରେ କୁହାଯାଇଛି।




# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ନବୀନ

■ କିଛିଦିନ ମୁମ୍ବାଇଠାରେ ରହି ଫିଜିଓଥେରାପି ନେବେ
■ ୧୨ରେ ଭୁବନେଶ୍ୱର ଫେରିପାରନ୍ତି

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ମୁମ୍ବାଇସ୍ଥିତ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ସେ ଡିସ୍‌ଚାର୍ଜ ହୋଇଛନ୍ତି। ସର୍ଭାଇକାଲ୍ ଆର୍ଥରାଇଟିସ ଅସ୍ତ୍ରୋପଚାର ପାଇଁ ସେ ଭର୍ତ୍ତି ହୋଇଥିଲେ। ଡିସ୍‌ଚାର୍ଜ ହେବାବେଳେ ନବୀନ ହସ୍ପିଟାଲର ବିଭିନ୍ନ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ଫେରୁଥିବାର ଏକ ଭିଡିଓ ଜାରି କରିଛନ୍ତି। ଗତ ୨୦ ତାରିଖରେ ମୁମ୍ବାଇ ଗସ୍ତ କରିଥିବା ନବୀନଙ୍କ ୨୨ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ଡିସ୍‌ଚାର୍ଜ ହେବାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଆଉ କିଛିଦିନ ମୁମ୍ବାଇରେ ରହିବେ ବୋଲି ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ ସେ ଆଉ ୭ ଦିନ ମୁମ୍ବାଇଠାରେ ରହି ଫିଜିଓଥେରାପି ନେବେ। ଆସନ୍ତା ୧୨ ତାରିଖରେ ସେ ଭୁବନେଶ୍ୱର ଫେରିପାରନ୍ତି ବୋଲି ଦଳୀୟ ମହଲରୁ ଜଣାପଡ଼ିଛି। ନବୀନଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର ଚାଲିଥିଲା।




# ବନ, ପ୍ରାଣୀସମ୍ପଦ ସୁରକ୍ଷା ପାଇଁ ପୁରସ୍କାରର ପୁନର୍ବିନ୍ୟାସ ଘୋଷଣା

## ୭୬ତମ ବନ ମହୋତ୍ସବ ସପ୍ତାହ

### ତୁଲଙ୍ଗପଦ ଓ ପାହାଡ଼ପୁର ବନ ସୁରକ୍ଷା ସମିତିକୁ 'ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ପୁରସ୍କାର'

ଭୁବନେଶ୍ୱର, ୭।୭(ବନ୍ଦନା ସେଠୀ)

ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ଏହି ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୁରସ୍କାର ସଂଖ୍ୟା ଓ ରାଶି ବୃଦ୍ଧି କରାଯାଇଛି। ଏହି ନୂତନ ପୁରସ୍କାର ସୋମବାରଠାରୁ ଲାଗୁ ହେଲା ବୋଲି କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲଠାରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, 'ସବୁଜ ଓଡିଶା' ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ। ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ। ଏହି ଯୋଜନାରେ ଆଦିବାସୀଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଉଁଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୫ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି। 'ଏକ ପେଡ ମା' କେ ନାମ' ଅଭିଯାନରେ ଚଳିତ ବର୍ଷ ୭.୫କୋଟି ଚାରାରୋପଣ କରାଯିବ। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ୧୮ଲକ୍ଷ ତାଳ ଚାରାରୋପଣ କରାଯିବ। ଆମ ଶିମିଳିପାଳ ଯୋଜନାରେ ରାଜ୍ୟ ସରକାର ୫୦କୋଟି ଟଙ୍କା ବ୍ୟୟରେ ବନ୍ୟପ୍ରାଣୀ ଓ ଉଦ୍ଭିଦର ସଂରକ୍ଷଣ ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ, ପରିବେଶ, ଅର୍ଥନୀତି ଏବଂ ମାନବ କଲ୍ୟାଣ ପାଇଁ ଜଙ୍ଗଲ ବହୁମୁଖୀ ହିତ ସାଧନ କରେ। ଜଳବାୟୁ ନିୟନ୍ତ୍ରଣ, ଜଳ ବିଶୋଧନ ଏବଂ ଜୈବ ବିବିଧତା ସଂରକ୍ଷଣରେ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ଅବସରରେ ଚଳିତବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର ପାହାଡ଼ପୁର ବନ ସୁରକ୍ଷା ସମିତିକୁ ଯୁଗ୍ମଭାବେ 'ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ମିଳିତ ଭାବେ ୪ଲକ୍ଷ ଟଙ୍କାର ଆର୍ଥିକ ରାଶି ଓ ସାର୍ଟିଫିକେଟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲଠାରେ ଚାରା ରୋପଣ କରୁଛନ୍ତି।

### ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ

- 'ରାଜ୍ୟ ବନ ପୁରସ୍କାର' ୪ଜଣ ଫରେଷ୍ଟ ରେଞ୍ଜର, ୧୨ଜଣ ଫରେଷ୍ଟର ଓ ୨୪ଜଣ ଫରେଷ୍ଟ ଗାର୍ଡଙ୍କୁ ମାନପତ୍ର, ମେଡାଲ ସହିତ ୧୦ହଜାର ଟଙ୍କା ଲେଖାଏ ଦିଆଯିବ।
- ବନୀକରଣ କ୍ଷେତ୍ରରେ ପ୍ରତ୍ୟେକ ସବ୍‌ଡିଭିଜନ୍‌ର ଗୋଟିଏ ଶିକ୍ଷାନୁଷ୍ଠାନକୁ ୧୦ହଜାର ଟଙ୍କା ଏବଂ ଗୋଟିଏ ଗ୍ରାମପଞ୍ଚାୟତକୁ ୨୦ହଜାର ଟଙ୍କା ପୁରସ୍କାର ଦିଆଯିବ।
- 'ପ୍ରକୃତି ମିତ୍ର ପୁରସ୍କାର'ରେ ପ୍ରତ୍ୟେକ ବ୍ଲକର ଗୋଟିଏ ଗ୍ରାମ, ଗୋଟିଏ ଶିକ୍ଷାନୁଷ୍ଠାନ କିମ୍ବା ଗୋଟିଏ ପଞ୍ଜୀକୃତ ସଂସ୍ଥାକୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ।
- 'ପ୍ରକୃତି ବନ୍ଧୁ ପୁରସ୍କାର'ରେ ପ୍ରତ୍ୟେକ ବ୍ଲକର ଜଣେ ବ୍ୟକ୍ତିଙ୍କୁ ୫ହଜାର ଟଙ୍କା ଲେଖାଏ ଦିଆଯିବ।
- ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ବାବଦକୁ ଗୋଟିଏ ବନ ସୁରକ୍ଷା ସମିତିକୁ ପ୍ରମାଣପତ୍ର ସହ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ସବ୍‌ଡିଭିଜନରେ ମଧ୍ୟ ଗୋଟିଏ ଲେଖାଏ ବନ ସୁରକ୍ଷା ସମିତିକୁ ୫୦ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ।
- ବନ୍ୟ ପ୍ରାଣୀ ସଂରକ୍ଷଣ ପାଇଁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ବାବଦକୁ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ ପ୍ରତ୍ୟେକ ସବ୍‌ଡିଭିଜନ ସ୍ତରରେ ସାର୍ଟିଫିକେଟ ସହ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

# ମାଟି କାନ୍ଥ ଧସି ଚାଷୀ ମୃତ

ବଣାଇଁ, ୭।୭(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁ ରବିବାର ବିଳମ୍ବିତ ରାତିରେ ଘରର କାନ୍ଥ ପଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଦେବେନ୍ଦ୍ର ଭଇଁସା (୫୪)। ଟିକାୟତପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ବଣାଇଁ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଦେବେନ୍ଦ୍ର ନିଜ ବଗିଚାରେ ଲଗାଇଥିବା ପନିପରିବା ଜଗିବାକୁ ଯାଇଥିଲେ। ସେଠାରେ ଥିବା ଏକ ଘରେ ବିଶ୍ରାମ ନେଇଥିଲେ। ବିଳମ୍ବିତ ରାତିରେ ହଠାତ୍ ମାଟି କାନ୍ଥ ଧସି ଯାଇଥିଲା। ଫଳରେ କାନ୍ଥ ତଳେ ଚାପି ହୋଇ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସକାଳୁ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଟିକାୟତପାଲି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଦେବେନ୍ଦ୍ରଙ୍କ ପରିବାର କ୍ଷତିପୂରଣ ଦାବି କରିଛନ୍ତି।

# ସତର୍କ ସଙ୍କେତ ଉପରେ ବୈତରଣୀ


ଆଖୁଆପଦା ଆନିକଟ।

ଭଣ୍ଡାରିପୋଖରୀ, ୭।୭(ରାଜେନ୍ଦ୍ର ଶତପଥୀ)

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀ ଉଛୁଳିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ସତର୍କ ସଂକେତ ଟପିଛି। ସୋମବାର ରାତି ୯ଟା ସୁଦ୍ଧା ଏଠାରେ ନଦୀର ଜଳସ୍ତର ୧୭.୮୯ ମିଟର ରହିଥିଲା। ସୂଚନା ଅନୁଯାୟୀ, ସୋମବାର ସକାଳ ୬ଟାରେ ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚି ସ୍ଥିର ରହି ପରେ ହ୍ରାସ ପାଇଥିଲା। ପୁନଶ୍ଚ ଅପରାହ୍ଣ ୫ଟାରେ ଜଳସ୍ତର ୧୭.୮୦ ମିଟରରେ ପହଞ୍ଚି ସ୍ଥିର ରହି ପରେ ବଢ଼ିଥିଲା। ନଦୀର ଜଳସ୍ତର ଘଣ୍ଟା ପ୍ରତି ୨ ମିମି ବେଗରେ ବୃଦ୍ଧି ପାଉଛି। ପ୍ରକାଶଥାଉ କି, ଆଖୁଆପଦାଠାରେ ନଦୀର ସତର୍କ ସଂକେତ ୧୭.୭୩ ମିଟର ଥିବାବେଳେ ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୫୩.୦ ମି.ମି., ସ୍ୱାମପାଟଣାରେ ୧୬.୦ ମି.ମି., ଆନନ୍ଦପୁରରେ ୮.୦ମି.ମି. ଓ ଆଖୁଆପଦାରେ ୪.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ନଦୀର ଜଳସ୍ତର ବିପଦ ସଂକେତ ଅତିକ୍ରମ କରିବ ନାହିଁ ବୋଲି ଆକଳନ କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

# ୨୦ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

## ହୀରାକୁଦ ଜଳଭଣ୍ଡାର

ସମ୍ବଲପୁର, ୭।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ୨୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ରୁଲକର୍ଭ ନିୟମ ଅନୁସାରେ ଜୁଲାଇ ୩୧ ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୦୫ ଫୁଟ୍‌ରେ ସୀମିତ ରଖିବା ଲକ୍ଷ୍ୟରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାର ଜଳପତ୍ତନ ୬୦୯.୦୨ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୯ ହଜାର ୦୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ୩ ଲକ୍ଷ ୩୪ ହଜାର ୫୩୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ବାମ ପାର୍ଶ୍ୱସ୍ଥ ୧୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୭ଟି ଏହିପରି ୨୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୯୫ ହଜାର ୮୮୦ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୪୧୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୨୭୫୫, ଶାସନ କେନାଲରେ ୨୦୦ ଓ ସମ୍ବଲପୁର କେନାଲରେ ୪୬ ଘନଫୁଟ୍ ଜଳ ମିଶି ମୋଟ ୩୦୦୧ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ବଜ୍ରପାତରେ ଟଳିପଡ଼ିଲେ ୨ ଭାଇ

## ଚାଷକାମ ବେଳେ ଅଘଟଣ

ତିହିଡ଼ି,୭।୭(ସଞ୍ଜିତ ବଳ)

ଚାଷକାମ ବେଳେ ଅଘଟଣ। ବଜ୍ରପାତରେ ବିଲରେ ଟଳିପଡ଼ିଲେ ୨ ଭାଇ। ସୋମବାର ଅପରାହ୍ଣରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ହରସିଂହପୁର ପଞ୍ଚାୟତର ହରସିଂହପୁର ଚଣ୍ଡିସାହି ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ୨ ଭାଇ ହେଲେ ମଦନମୋହନ ମହାରଣା(୬୦) ଓ ସାନଭାଇ ହୃଦାନନ୍ଦ ମହାରଣା(୫୭)। ଏଥିସହ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ଣ ୧ଟା ବେଳେ ମଦନମୋହନ ଓ ହୃଦାନନ୍ଦଙ୍କ ସହ ବାରବାଟିଆ ଗ୍ରାମର ଗିରିଧାରୀ ମହାଲିକ(୬୪) ବିଲକୁ ଚାଷକାମ କରିବାକୁ ଯାଇଥିଲେ। ସେଠାରେ ହଠାତ୍ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନମୋହନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଗିରିଧାରୀଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତିହିଡ଼ି ପୋଲିସ ମୃତଦେହ ଜବତ କରିବା ସହ ୨ଟି ଅପମୃତ୍ୟୁ ମାମଲା(ନଂ.୧୪/୨୫ ଓ ୧୫/୨୫) ରୁଜୁ କରିଛି।

# ହୀରାକୁଦ ଏକ୍ସପ୍ରେସ୍‌ରେ ନିଆଁ, ଯାତ୍ରୀ ଆତଙ୍କିତ

## ଯାନ୍ତ୍ରିକ ସମସ୍ୟା ଥିଲା: ପୂର୍ବତଟ ରେଳପଥ

ଭୁବନେଶର,୭।୭(ଅନୁରାଧା ମହାରଣା)

ଭୁବନେଶ୍ୱର ରେଳଷ୍ଟେଶନରେ ହୀରାକୁଦ ଏକ୍ସପ୍ରେସ୍‌ର ଏକ ବଗିରେ ସୋମବାର ସନ୍ଧ୍ୟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁରେ ଜଣେ ଯାତ୍ରୀଙ୍କ କିଛି ଆସବାବପତ୍ର ପୋଡ଼ିଯାଇଥିବାବେଳେ ଜଣେ ଶିଶୁ ପାଦରେ ସାମାନ୍ୟ ଆଘାତ ଲାଗିଥିଲା। ଟ୍ରେନ୍ ବଗିରେ ନିଆଁ ଦେଖି ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ସମ୍ପୃକ୍ତ ବଗି ଛାଡ଼ି ଅନ୍ୟ ବଗିକୁ ପଳାଇଥିଲେ। ସେହିପରି ଆଉକେତେଜଣ ଯାତ୍ରୀ ତଳକୁ ଓହ୍ଲାଇପଡିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଏହି ଘଟଣା ଘଟିଥିଲା ଘଟିଥିବାବେଳେ ୬ଟା ୩୦ ପର୍ଯ୍ୟନ୍ତ ଟ୍ରେନଟି ଅଟକି ରହିଥିଲା। ତେବେ ଉକ୍ତ ବଗିରେ ଯାନ୍ତ୍ରିକ ତ୍ରୁଟିରୁ ଅଗ୍ନିକାଣ୍ଡ ଘଟିଥିଲା ଓ ଆବଶ୍ୟକ ପଦକ୍ଷେପ ପରେ ଟ୍ରେନ୍‌ଟି ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରିଥିବା ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।


ନିଆଁ ଲାଗିବା ପରେ ଟ୍ରେନ୍‌ର ଉକ୍ତ ବଗି ନିକଟରେ ଆତଙ୍କିତ ଯାତ୍ରୀମାନେ।

# ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ

## କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଆଗରେ

ଭୁବନେଶ୍ୱର,୭।୭(ସୁଚିସ୍ମିତା ସାହୁ)

ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ତାଲିକା ସୋମବାର ପ୍ରକାଶ ପାଇଛି। ବିଜ୍ଞାନ, ବାଣିଜ୍ୟ ଓ କଳା କଟ୍‌ଅଫ ମାର୍କରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ରହିଛି। ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୧.୮୩% ସହ ରେଭେନ୍‌ଶା ଶୀର୍ଷରେ ରହିଥିବା ବେଳେ ୮୯.୪୦% ମାର୍କ ସହ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୮୭.୫୦% କଟ୍‌ଅଫ୍ ମାର୍କ ସହ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ରେଭେନ୍‌ଶା ସାଧାରଣ ବର୍ଗରେ ୮୦.୨୦% କଟ୍‌ଅଫ୍ ରଖିଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୮.୬୭% କଟ୍‌ଅଫ୍ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୩.୫୦ % କଟ୍‌ଅଫ୍ ସହିତ ତୃତୀୟ ସ୍ଥାନରେ ରହିଛି । ସେହିଭଳି କଳା ବିଭାଗରେ ୮୧.୩୩% ସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ୭୭.୩୩% ମାର୍କ ସହ ଦ୍ୱିତୀୟରେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ତୃତୀୟରେ ଥିବା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ମାର୍କ ୭୬.୮୬% ରହିଛି।

ଯୁକ୍ତ୨ର ବିଭିନ୍ନ ପାଠ୍ୟକ୍ରମରେ ପଢ଼ିବା ପାଇଁ ୪,୪୬,୨୦୫ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେଥିମଧ୍ୟରୁ ୪,୧୩,୮୦୪ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଥମ କଟ୍‌ଅଫ୍ ମାର୍କ ତାଲିକାରେ ନିଜ ବିଭାଗ ଅନୁଯାୟୀ ଚୟନ କରାଯାଇଛି। କଳା ବିଭାଗରେ ୨,୬୪,୭୬୬ ଛାତ୍ରୀଛାତ୍ରଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଥିବାବେଳେ ବିଜ୍ଞାନରେ ୧,୧୭,୦୮୯ ଜଣ ଏବଂ ବାଣିଜ୍ୟରେ ୨୦,୫୫୨ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ସଂସ୍କୃତରେ ୬,୮୧୧ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୪,୫୮୬ ଜଣଙ୍କୁ ଚୟନ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇପାରିନାହାନ୍ତି ସେମାନେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସ୍ପଟ୍ ଆଡମିଶନରେ ଭାଗ ନେବାର ସୁଯୋଗ ପାଇବେ। ଜୁଲାଇ ୨୪ରୁ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି ପ୍ରବଳ ବର୍ଷିବ, ୯ରୁ କମିବ

ଭୁବନେଶର, ୭।୭(ଅନୁରାଧା ମହାରଣା)

ଦକ୍ଷିଣ ପଶ୍ଚିମ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ସହିତ ଜଡିତ ଘୂର୍ଣ୍ଣବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉଚ୍ଚରେ ରହି ଦକ୍ଷିଣ-ପଶ୍ଚିମ ଆଡକୁ ବ୍ୟାପିଛି। ଏହା ଆସନ୍ତା ୨ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡିଶାରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଡ଼୍‌କା ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ରହିବ। ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଅତ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ପାଇଁ ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ା ଜିଲାକୁ ରେଡ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ହାଲୁକାରୁ ମଧ୍ୟମ ଧରଣର ବର୍ଷା ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ଗଜପତି ଓ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ୯ ତାରିଖ ବେଳକୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଜେଇଏମ୍ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ୪୫।
- ସିପିଆଇର ମଶାଲ ଶୋଭାଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା।
- ନୃତ୍ୟପ୍ରଣାମ ପକ୍ଷରୁ 'ଗୁରୁ ଶିଷ୍ୟ ନୃତ୍ୟ ପରମ୍ପରା', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତାୟନ 'ଶିଳ୍ପୀ କଣ୍ଠେ ଜଗନ୍ନାଥ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପିଏମ୍ଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।
- ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ, ଭଜନ ସନ୍ଧ୍ୟା ଓ ପ୍ରସାଦ ସେବନ, ସ୍ଥାନ: ଚୌଦ୍ୱାର କେଦାରେଶ୍ୱର, ଚାରବାଟିଆ ହାଉସିଂବୋର୍ଡସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ପୁରୀ
- ନିମାପଡ଼ା ପ୍ରେସ୍କ୍ଲବ ଓ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଓ ଚାରାବଣ୍ଟନ, ସ୍ଥାନ: ଗୋପାଳପୁରସ୍ଥିତ ବିଦ୍ୟାଳୟ, ସମୟ: ସକାଳ ୮ଟା।

## ବାଲେଶ୍ୱର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍ଏମ୍ୟୁରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- କଂଗ୍ରେସର ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ଆରଡ଼ି ଛକରୁ ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ବାରିପଦା ଏକ୍ସପୋ ଆଣ୍ଡ ଫନ୍‌ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ବାହୁଡ଼ା ଯାତ୍ରା ଭଜନ ସମାରୋହ ଉଦ୍ୟାପନ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ସହର ରଥଗଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଠାକୁରଙ୍କ ନୀଳାଦ୍ରି ବିଜେ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଶଙ୍ଖାରିଢ଼ିହ,ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଡ୍ରାଇଭର ସଂଘ ଧର୍ମଶାଳା ଶାଖା ପକ୍ଷରୁ ଗଣଧାରଣା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ବସଷ୍ଟାଣ୍ଡ ନିକଟ,ସମୟ: ସକାଳ ୮ଟା।

## ନୟାଗଡ଼
- ନିଳାଦ୍ରୀ ବିଜେ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ରାତି ୮ଟା।
- ୭୪ତମ ଅନ୍ନପୂର୍ଣ୍ଣା ଯଜ୍ଞ, ସ୍ଥାନ:ଓଡଗାଁ ବ୍ଲକର ପନ୍ତିଖାରୀ ନୀଳକଣ୍ଠେଶ୍ୱର ମହାଦେବ, ସମୟ: ପୂର୍ବାହ୍ନ ୯ଟା।
- କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ସଭା ପାଇଁ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେସି କ୍ଲବ୍ ନୟାଗଡ, ସମୟ: ମଧ୍ୟାହ୍ନ୧୨ଟା।

## ରାୟଗଡ଼ା
- ବିଭିନ୍ନ ଦାବି ନେଇ ଡ୍ରାଇଭରଙ୍କ ଆନ୍ଦୋଳନ, ସ୍ଥାନ: ସାଇ ଇଣ୍ଟର ନ୍ୟାସନାଲ ଛକ, ରାୟଗଡ଼ା, ସମୟ: ସକାଳ ୮ ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଅଶୋକ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ବିଏଲ୍ଓମାନଙ୍କ ଜାତୀୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## କୋରାପୁଟ
- ଜିଲା ମଙ୍ଗଳ ବିଭାଗ ଅଧିକାରୀ, ପ୍ରଧାନଶିକ୍ଷକଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ : ସଦ୍‌ଭାବନା ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ନାଲ୍କୋର ପରିବର୍ଦ୍ଧିତ ପ୍ରକଳ୍ପ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା, ସ୍ଥାନ: ଓସ୍‌ୱାନ ପ୍ରକୋଷ୍ଠ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜାତୀୟ କବି ସମ୍ମିଳନୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ବଞ୍ଚାଅ ସମାବେଶର ଆଲୋଚନାଚକ୍ର, ସ୍ଥାନ : ଜିଲା କଂଗ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଖଣି, ପାଣି ଓ ପ୍ରକୃତି ସୁରକ୍ଷା ଆଲୋଚନାଚକ୍ର, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କିଶନ ସବୁଜ ସପ୍ତାହ ଉଦ୍‌ଯାପନୀ, ସ୍ଥାନ: ତାଲଝରଣ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ରାଉରକେଲା ଡ୍ରାଇଭର ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ରାଉରକେଲା ରୂପଟୋଲା ଛକ, ସମୟ: ସକାଳ ୭ଟା।
- ବେଦବ୍ୟାସ ମହାଯଜ୍ଞର ତୃତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା।
- ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସିଭିଲଟାଉନଶିପ୍ ଏଲଆଇସି ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଧର୍ମଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜେଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ, ସ୍ଥାନ: ଜିଲାର ସମସ୍ତ ବ୍ଲକ ସଦର ମହକୁମା, ସମୟ: ସକାଳ ୮ଟା।

ପ୍ରଥମ ପୃଷ୍ଠାରୁ...

## ବୈତରଣୀ ନଦୀବନ୍ଧ...

ସୃଷ୍ଟି ହୁଏ, ତେବେ ଦଶରଥପୁର ବ୍ଲକର ୧୦ ପଞ୍ଚାୟତର ୫୦ ଗ୍ରାମର ପ୍ରାୟ ୧ଲକ୍ଷ ଲୋକଙ୍କ ଜୀବନ ବିପଦରେ ପଡ଼ିପାରେ। ପ୍ରାୟ ପ୍ରତିବର୍ଷ ବୈତରଣୀର ପ୍ରଳୟଙ୍କରୀ ବନ୍ୟା କେବଳ ମନୁଷ୍ୟକୃତ ନୁହେଁ, ଏହା ଓଡ଼ିଶାର ନଦୀ ଅବବାହିକା ପରିଚାଳନାର ଶୋଚନୀୟ ଅବସ୍ଥାକୁ ସୂଚାଉଛି । ଯାଜପୁର ଜିଲାରେ ପ୍ରବାହିତ ନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ପ୍ରତିବର୍ଷ ବହୁ କୋଟି ଟଙ୍କା ଖର୍ଚ୍ଚ କରି ବନ୍ଧବାଡ଼ ମରାମତି କରୁଛନ୍ତି, ହେଲେ ତାହା ଫଳପ୍ରଦ ହେଉନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ଉପୁଜୁଛି ବୋଲି ଅଭିଯୋଗ ହେଉଛି।

ନୂଆପାଟଣା ଗ୍ରାମର ଅକ୍ଷୟ କୁମାର ଦାଶ, ପ୍ରଦୀପ ବେହେରା, ଗଙ୍ଗାଧର ଦାଶ ପ୍ରମୁଖ କହିଛନ୍ତି, ସେତୁ ନିର୍ମାଣ କରୁଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବର୍ଷା ମାସ ପୂର୍ବରୁ ସାରିବାକୁ ବହୁତ ଅନୁରୋଧ କରିଥିଲୁ। ସେତୁ ନିର୍ମାଣରେ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ତୁରନ୍ତ ହଟାଇବାକୁ ମଧ୍ୟ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ କହିଛୁ। କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ କେହି ଶୁଣି ନ ଥିଲେ। ଗମନାଗମନ ପାଇଁ ସେତୁ ନିର୍ମାଣର ଆବଶ୍ୟକତା ରହିଛି ସତ, ହେଲେ ଲୋକଙ୍କୁ ମାରି ତାହା କେବେ ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି।

ଯାଜପୁର ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ତ୍ତ ବିଭାଗର ସେତୁ ନିର୍ମାଣରେ ବ୍ୟବହୃତ ନିର୍ମାଣ ସାମଗ୍ରୀ ସେଠାରୁ ହଟାଯାଇଥିଲେ ନଦୀବନ୍ଧର ଅତଡ଼ା ଖସି ନ ଥାନ୍ତା। ତଥାପି ନଦୀବନ୍ଧର ସୁରକ୍ଷା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ରାତିସାରା ବିଭାଗ ପକ୍ଷରୁ ବାଲିବସ୍ତା ପକାଇ ବନ୍ୟା ଆଶଙ୍କାକୁ ଦୂର କରାଯାଇପାରିଛି। ବର୍ଷା କମିବା ପରେ ସେତୁର ନିର୍ମାଣ ସାମଗ୍ରୀଗୁଡ଼ିକୁ ତୁରନ୍ତ ହଟେଇବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ପାଣିକୋଇଲି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କମଳଲୋଚନ ସ୍ୱାଇଁ କହିଛନ୍ତି, ସେତୁରେ ଲାଗିଥିବା ବହ୍ଲା, ବାଲିବସ୍ତା ଇତ୍ୟାଦି ହଟେଇବାକୁ ଠିକାଦାରଙ୍କୁ କୁହାଯାଇଛି। ଏହାସହ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହାକୁ ରଖିବେ ଅନନ୍ତ**
**କି କରିପାରେ ବଳବନ୍ତ।**

କୁହାଯାଏ ଈଶ୍ୱରଙ୍କ କୃପାଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ହୁଏ ନାହିଁ। ଈଶ୍ୱରଙ୍କ ଶକ୍ତି ଆଗରେ କାହାର ଜୋର ଚାଲି ନ ଥାଏ। ସେ ହିଁ ସର୍ବ ଶକ୍ତିମାନ, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା। ଈଶ୍ୱର ଦୁର୍ବଳ ଲୋକଙ୍କୁ ରକ୍ଷା କରିବାକୁ ଚାହିଁଲେ ଶକ୍ତିମାନ ପୁରୁଷ ତା'ର କୌଣସି କ୍ଷତି କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯହିଁ ଅନେକ ସଙ୍ଗ ମିଳି**
**ଅବଶ୍ୟ ଉପୁଜଇ କଳି।**

ବହୁ ଲୋକଙ୍କ ବହୁ ମତ ପରିପ୍ରେକ୍ଷୀରେ କାହା ମତ ଅନୁସାରେ କାମ ହେବ ତାହା ସ୍ଥିର କରିବା ଦୁରୂହ ବ୍ୟାପାର ହୋଇଯାଏ। ବହୁ ଲୋକ ମିଳିତ ହେଲେ କିଛି କାମ ହୋଇପାରେ ନାହିଁ। ବରଂ ସେଠାରେ କଳି ଉପୁଜିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୯ରେ ଭାରତ ବନ୍ଦ...

ଲେବର କୋଡ୍ ଲାଗୁ କରିବାକୁ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ଆର୍ଥିକ ନୀତି ଦେଶରେ ଅଧିକ ବେରୋଜଗାରି ବଢ଼ାଇବା ସହ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ଆକାଶଛୁଆଁ ହୋଇଛି। ମଜୁରି କମିଛି, ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ନାଗରିକ ସୁବିଧା ଆଦିରେ ବ୍ୟୟ ହ୍ରାସ ପାଇଛି। ଏସବୁ ପାଇଁ ଗରିବ, ନିମ୍ନ ଆୟକାରୀ ବର୍ଗ ଏବଂ ମଧ୍ୟବିତ୍ତଙ୍କ ଅସମାନତା ଏବଂ ସମସ୍ୟା ବଢ଼ିଚାଲିଥିବା ଫୋରମ୍ କହିଛି। ଦେଶର କଲ୍ୟାଣକାରୀ ରାଷ୍ଟ୍ର ମାନ୍ୟତାକୁ ପରିତ୍ୟାଗ କରି ସରକାର ବିଦେଶୀ ଓ ଭାରତୀୟ କର୍ପୋରେଟ୍‌ଗୁଡ଼ିକର ସ୍ୱାର୍ଥ ପାଇଁ କାମ କରୁଛନ୍ତି।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଟ୍ରେଡ୍ ୟୁନିୟନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୪ ଲେବର କୋଡ୍ ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଚାପିଦେବା ଓ ପଙ୍ଗୁ କରିଦେବା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା କାର୍ଯ୍ୟ ସମୟ ବୃଦ୍ଧି ପାଇବା ସହ ସାମୂହିକ ମୂଲଚାଲ ପାଇଁ ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନିଆଯିବ। ସେମାନଙ୍କର ଧର୍ମଘଟ କରିବା ଅଧିକାର ରହିବ ନାହିଁ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ଶ୍ରମ ଆଇନର ଉଲ୍ଲଂଘନକୁ ଅପରାଧମୁକ୍ତ କରାଯିବ ବୋଲି ଫୋରମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ବେରୋଜଗାରି ହ୍ରାସ କରିବା, ମଞ୍ଜୁରୀ ପଦବୀଗୁଡ଼ିକରେ ନିଯୁକ୍ତି ପ୍ରଦାନ, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ)ରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟଦିବସ ବଢ଼ାଇବା ସହ ମଜୁରି ବୃଦ୍ଧି କରିବା ଏବଂ ସହରାଞ୍ଚଳ ପାଇଁ ଅନୁରୂପ ଆଇନ ଲାଗୁ କରିବାକୁ ଟ୍ରେଡ୍ ୟୁନିୟନ ପକ୍ଷରୁ ଦାବି ହୋଇଆସୁଥିବାବେଳେ ସରକାର ନିଯୁକ୍ତିଦାତାମାନଙ୍କ ସ୍ୱାର୍ଥ ପାଇଁ ଇଏଲ୍‌ଆଇ (ନିଯୁକ୍ତି ସଂଯୁକ୍ତ ପ୍ରୋତ୍ସାହନ) ଯୋଜନା ଦିଗରେ କାର୍ଯ୍ୟ କରୁଛନ୍ତି। ସରକାରୀ ବିଭାଗରେ ଯୁବବର୍ଗଙ୍କୁ ନିୟମିତ ନିଯୁକ୍ତି ବଦଳରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ଦେଶର ଅଭିବୃଦ୍ଧିକୁ କ୍ଷତି ପହଞ୍ଚିଛି। ଦେଶରେ ୩୫ ବର୍ଷରୁ କମ୍ ବୟସବର୍ଗର ୬୫ ପ୍ରତିଶତ ଲୋକ ଥିବାବେଳେ ୨୦ରୁ ୨୫ ବର୍ଷ ବୟସବର୍ଗର ମଧ୍ୟରେ ବେରୋଜଗାରି ସର୍ବାଧିକ ବୋଲି ଫୋରମ୍ କହିଛି।

## ଦୁର୍ଗାପୂଜାରେ ବଣ୍ଟାହେବ...

ଲୋକସେବା ଭବନରେ ମନ୍ତ୍ରୀ କହିଛନ୍ତି, ଏ ସଂକ୍ରାନ୍ତରେ ସେ ଦିଲ୍ଲୀ ଗସ୍ତ କରିଥିଲେ। ସେଠାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ସହ ବିସ୍ତୃତ ଆଲୋଚନା ହୋଇଥିଲା। ଏନେଇ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହାକୁ ନେଇ ସୋମବାର ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ସଚିବ ଏସ୍.ଏନ୍. ଗିରିଶ ଓ ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ହୋଇଛି। ଆବାସ ପୋର୍ଟାଲକୁ ଅଧିକ କ୍ରିୟାଶୀଳ କରାଯିବା ସହିତ ଯେଉଁ ଆବେଦନଗୁଡ଼ିକ ପଡ଼ିରହିଛି ତା'ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକସ୍ତରରେ ଯେଭଳି କୌଣସି ଆବେଦନ ପଡ଼ି ନ ରୁହେ, ଜଣେ ବି ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟିଦେବାକୁ ଅଧିକାରୀମାନଙ୍କୁ ତାଗିଦା କରାଯାଇଛି। ସରକାରଙ୍କ ନିଷ୍ପତ୍ତିକ୍ରମେ ଅକ୍ଟୋବରରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ। ନଭେମ୍ବର ସୁଦ୍ଧା ଏହି ପ୍ରକ୍ରିୟା ସରିବ। ଅନ୍‌ଲାଇନ ମାଧ୍ୟମରେ ଆସିଥିବା ୪ ଲକ୍ଷ ଆବେଦନକୁ ଯାଞ୍ଚ କରାଯାଉଛି ଓ ଅବଶିଷ୍ଟ ଅଫ୍‌ଲାଇନ ଆବେଦନକୁ ଚଳିତ ମାସରୁ ଯାଞ୍ଚ କରାଯିବ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

## ଆଜି ମହାପ୍ରଭୁଙ୍କ...

ପ୍ରଶାସନ ପକ୍ଷରୁ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଭୋଗ ପରେ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗିଦିଆଯାଇଥିଲା। ଦେବଦାନବ, ଚଣ୍ଡୀ ଚାମୁଣ୍ଡା ଆଦି ଏହି ପଣା ପାଇ ତୃପ୍ତ ହୋଇ ସ୍ୱସ୍ଥାନକୁ ଫେରିଯାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ଅପରାହ୍ନ ୪ଟାରେ ନୀଳାଦ୍ରିବିଜେ ପହଣ୍ଡି ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ କରାଯାଇଛି। ରଥ ଉପରେ ବିଭିନ୍ନ ନୀତି ସମ୍ପନ୍ନ ପରେ ବଡ଼ଓଡ଼ିଆ ମଠର ମହନ୍ତ ରତ୍ନସିଂହାସନ ମାଜଣା କରିବେ। ମୁଦିରସ୍ତ ସେବକ ତିନିରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ବିଜେ କାହାଳୀ ବାଜିବ। ଘୋଷ ଘଣ୍ଟୁଆଙ୍କ ଘଣ୍ଟନାଦ ମଧ୍ୟରେ ଠାକୁରମାନେ ଗୋଟି ପହଣ୍ଡିରେ ରଥରୁ ଶ୍ରୀମନ୍ଦିରକୁ ବିଜେ କରିବେ। ପ୍ରଥମେ ମହାଜନ ସେବକମାନେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରୁ ଶ୍ରୀରାମକୃଷ୍ଣ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରୁ ଶ୍ରୀମଦନମୋହନଙ୍କୁ ଶ୍ରୀମନ୍ଦିରକୁ ବିଜେ କରାଇବେ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରୁ ଚକ୍ରରାଜ ସୁଦର୍ଶନ, ତାଳଧ୍ୱଜ ରଥରୁ ପ୍ରଭୁ ବଳଭଦ୍ର ଶ୍ରୀମନ୍ଦିରକୁ ବିଜେ କରିବେ। ଏହାପରେ ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହେବ। ପହଣ୍ଡି ଆରମ୍ଭ ହେବା ମାତ୍ରେ ମହାଲକ୍ଷ୍ମୀ ଭେଟମଣ୍ଡପକୁ ବିଜେ କରିବେ। ଭିତରଛ ମହାପାତ୍ର ଭେଟମଣ୍ଡପରେ ମହାଲକ୍ଷ୍ମୀ ଏବଂ ମହାପ୍ରଭୁଙ୍କ ଭେଟ କରାଇବେ। ସେଠାରେ ବନ୍ଦାପନା ନୀତି ହେବ। ନବଦିନାତ୍ମକ ଯାତ୍ରାରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁ ସାଥିରେ ନେଇ ନ ଥିବାରୁ ସେ ଅଭିମାନ କରିରହିଛନ୍ତି। ତେଣୁ ମହାପ୍ରଭୁ ପହଣ୍ଡି ହୋଇ ସିଂହଦ୍ୱାର ନିକଟରେ ପହଞ୍ଚିବା ମାତ୍ରେ ମହାଲକ୍ଷ୍ମୀ ସିଂହଦ୍ୱାର କବାଟ ବନ୍ଦ କରିଦେବେ। ପରେ ସେ କବାଟ ଖୋଲିଲେ ମହାପ୍ରଭୁ ଶ୍ରୀମନ୍ଦିର ପରିସରକୁ ବିଜେ କରିବେ। ମାତ୍ର ମହାଲକ୍ଷ୍ମୀ ଜୟବିଜୟ ଦ୍ୱାର ବନ୍ଦ କରିଦେବେ। ଠାକୁର ଠାକୁରାଣୀଙ୍କ ମଧ୍ୟରେ ବଚନିକା ହେବ। ଏହାକୁ ଲକ୍ଷ୍ମୀ-ନାରାୟଣ ବଚନିକା ବୋଲି କୁହାଯାଏ। ନୀତି ସରିବା ପରେ ଭଣ୍ଡାରଘର ନିକଟରେ ମହାପ୍ରଭୁ ଏବଂ ମହାଲକ୍ଷ୍ମୀଙ୍କ ବିବାହ ଗଇଁଠାଳ ଫିଟିବ। ମହାପ୍ରଭୁ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଦେବେ। ଅନ୍ୟାନ୍ୟ ନୀତି ଶେଷ ପରେ ରତ୍ନସିଂହାସନକୁ ମହାପ୍ରଭୁ ବିଜେ କରିବେ।

## ମନମୋହନ ପୁଣି...

ବିଧିବଦ୍ଧ ଘୋଷଣା କରାଯିବ ବୋଲି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭାଜପା ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ଦଳର ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ସୋମବାର ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସଭାପତି ପଦରେ ଏକମାତ୍ର ପ୍ରାର୍ଥୀଭାବେ ମନମୋହନ ସାମଲ ଓ ସମସ୍ତ ୩୨ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦବୀ ଲାଗି ୩୨ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ବିଧିବଦ୍ଧ ଭାବେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯିବ। ସଞ୍ଜୟ ଜୟସ୍ୱାଲ ଅପରାହ୍ନ ୨ଟା ୩୫ ମିନିଟ୍‌ରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ମନମୋହନ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମନମୋହନଙ୍କ ସଭାପତି ପଦ ଲାଗି ଦାଖଲ ହୋଇଥିବା ନାମାଙ୍କନ ପତ୍ରରେ ୧୦ ଜଣ ପ୍ରସ୍ତାବକ ରହିଛନ୍ତି। କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଥିବା ମନମୋହନଙ୍କ ଛଡା ଆଉ କେହି ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। ତେଣୁ ସର୍ବସମ୍ମତିକ୍ରମେ ସେ ସଭାପତି ପଦ ପାଇଁ ଚୂଡ଼ାନ୍ତ ହୋଇଥିବା ଏକ ପ୍ରକାର ସ୍ପଷ୍ଟ। ସେହିପରି ଦଳର ୩୨ଟି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ଲାଗି ଭୋଟିଂ ହୋଇଥାଆନ୍ତା। ହେଲେ ସବୁ ପଦ ଲାଗି ଜଣେ ଲେଖାଏ ନାମାଙ୍କନ ଦାଖଲ କରିଛନ୍ତି। ପ୍ରତି ନାମାଙ୍କନ ପତ୍ରରେ ଜଣେ ସମର୍ଥକ ଏବଂ ଜଣେ ପ୍ରସ୍ତାବକ ରହିଛନ୍ତି। ଅର୍ଥାତ୍ ଏହି ପଦ ଲାଗି ମଧ୍ୟ ଦଳ ଏକ ପ୍ରକାର ସହମତି ଭିତ୍ତିରେ ପ୍ରାର୍ଥୀ ଚୂଡ଼ାନ୍ତ କରିଛି। ଏହି ନିର୍ବାଚନ ଲାଗି ଗତ ୪ରେ ବିଜ୍ଞପ୍ତି ଜାରି ହୋଇଥିବାବେଳେ ୬ ତାରିଖରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ମଧ୍ୟାହ୍ନ ୧୨ଟା ୩୦ରୁ ନାମାଙ୍କନ ଦାଖଲ କରାଯାଇଥିଲା। ମନମୋହନଙ୍କ ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଏମ୍‌ପି ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁଶ୍ରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମନମୋହନ ଏକ ପ୍ରକାର ସଭାପତି ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯିବା ପରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ ସେଲିବ୍ରେସନ୍ ଆରମ୍ଭ କରିଦେଇଛନ୍ତି।

ମନମୋହନ ସଭାପତି ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ଆଗକୁ ତାଙ୍କ ପାଇଁ କେତେଗୁଡ଼ିଏ ବିଷୟ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟରେ ଭାଜପା ସରକାର ଗଠନ କରିବାର ବର୍ଷେ ପୂରଣ ହୋଇସାରିଥିବା ବେଳେ ଏଯାଏଁ ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତି କରାଯାଇ ନାହିଁ, ଯାହାକୁ ନେଇ ଦଳ ଭିତରେ ସାମାନ୍ୟ ଅସନ୍ତୋଷ ରହିଥିବା ଚର୍ଚ୍ଚା ହେଉଛି। ସଭାପତି ନିର୍ବାଚନ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା କଥା ଅନେକ ସମୟରେ ଆଲୋଚନା ହେଉଥିଲା। ଏବେ ସଭାପତି ନିର୍ବାଚନ ପରେ ଦଳ ଭିତରୁ କାହାକୁ ଏହି ପଦ ପଦବୀରେ ନିଯୁକ୍ତ କରାଯିବ ତାହା ଏକପ୍ରକାର ଚ୍ୟାଲେଞ୍ଜର ବିଷୟ। ଅନ୍ୟପଟେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ମଧ୍ୟ ଏଥର ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ଅଧିକାଂଶ ପଞ୍ଚାୟତ, ବ୍ଲକ ଏବଂ ଜିଲା ପରିଷଦ ଆସନ ବିଜେଡି ସପକ୍ଷରେ ରହିଛି। ତେଣୁ ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବା ମନମୋହନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜର ବିଷୟ ରହିଛି।

## ଅଭିନୟକୁ ଫେରିଲେ...

ନେଇ ଉତ୍ସାହିତ ହୋଇ ଉଠିଛନ୍ତି। ସୋମବାର ଏନେଇ ସ୍ମୃତି କହିଛନ୍ତି, ସେ 'କ୍ୟୁଁକି ସାସ୍ ଭି କଭି ବହୁ ଥି ୨' ଜରିଆରେ ଅଭିନୟ ଜଗତକୁ ପୁଣିଥରେ ଫେରୁଛନ୍ତି। ଟେଲିଭିଜନକୁ ପୁନଃପରିଭାଷିତ କରିଥିବା ଏହି ଧାରାବାହିକ ତାଙ୍କୁ ପ୍ରସିଦ୍ଧି ଦେଇଥିବା ସହ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ଏହି ଧାରାବାହିକ ତାଙ୍କୁ ଅନେକ ଲକ୍ଷ ଘର ସହ ଯୋଡ଼ିଥିଲା। ସେ କେବଳ ଜଣେ ଅଭିନେତ୍ରୀ ଭାବେ ପ୍ରତ୍ୟାବର୍ତ୍ତନ କରୁନାହାନ୍ତି, ବରଂ ଏହି ଧାରାବାହିକ ମାଧ୍ୟମରେ ସେ ଭାରତୀୟ ସଂସ୍କୃତିକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ ରଖିଛନ୍ତି ବୋଲି ସ୍ମୃତି କହିଛନ୍ତି। ସ୍ମୃତିଙ୍କୁ ଶେଷଥର ପାଇଁ ୨୦୧୩ରେ ଟିଭି ଧାରାବାହିକ 'ଏକ ଥି ନାୟକ'ରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସୁଦ୍ଧା ଆଧିକାରିକ ଭାବେ 'କ୍ୟୁଁକି ସାସ୍ ଭି କଭି ବହୁ ଥି ୨'ର ଘୋଷଣା ହୋଇନାହିଁ। ପୂର୍ବରୁ ଏହି ସିରିଏଲ ଜୁଲାଇ ୩ରୁ ପ୍ରିମିୟର ହେବ ବୋଲି ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏବେ ଏହା ବିଳମ୍ବିତ ହୋଇଥିବା ନେଇ 'କ୍ୟୁଁକି ସାସ୍ ଭି କଭି ବହୁ ଥି' ଧାରାବାହିକର ଅଭିନେତା ଅମର ଉପାଧ୍ୟାୟ କହିଛନ୍ତି। ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ଟେଲିଭିଜନରେ ପ୍ରସାରିତ ହୋଇଥିବା ଏହି ଧାରାବାହିକ ବହୁ ଲୋକପ୍ରିୟତା ହାସଲ କରିଥିଲା।

## ନନ୍ଦନକାନନ: ଦ୍ୱିତୀୟଥର...

ସାପଗୁଡ଼ିକୁ ଅଣାଯାଇଥିଲା। ଜୁନ୍ ୨୯ରେ ୭ଟି ଛୁଆ ଜନ୍ମହେବାର ୧ ସପ୍ତାହ ମଧ୍ୟରେ ପୁଣି ଦ୍ୱିତୀୟ ପ୍ରଜନନ ସଫଳ ହୋଇଛି, ଯାହା ନନ୍ଦନକାନନ ପାଇଁ ଗୌରବ ଆଣିଛି। ନବଜାତକ ଛୁଆକୁ ମିଶାଇ ଏମାନଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ସେଥିମଧ୍ୟରୁ ୨ ବୟସ୍କ ଅଣ୍ଡିରା, ୨ ବୟସ୍କା ମାଈ, ୩ ଉପବୟସ୍କ ଏବଂ ୧୮ ଛୁଆ ରହିଛନ୍ତି। ଏହି ସଫଳ ପ୍ରଜନନ ନନ୍ଦନକାନନର ସରୀସୃପ ସଂରକ୍ଷଣ ଏବଂ ସେମାନଙ୍କ ବୈଜ୍ଞାନିକ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ପ୍ରତି ଶୁକ୍ରଙ୍କ ଦୃଷ୍ଟିଜନିତ ପାରିବାରିକ ସୁଖସମୃଦ୍ଧି ଅନୁଭବ କରିବେ। ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବନ୍ଧୁମିଳନ ସହ ଅଭିଳଷିତ ଫଳ ପାଇବେ। ଅଶ୍ୱିନୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ବୃଷ** ବୁଧାଦିତ୍ୟ ଯୋଗ ପ୍ରଭାବରୁ ଦକ୍ଷତା ବୃଦ୍ଧିଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଦ୍ୱାରା ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ପାରିବାରିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** ସ୍ୱଗୃହୀ ବୁଧଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସଙ୍ଗକୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ସାଧାରଣ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ମନାନ୍ତର ଘଟିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ମୃଗଶିରା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ** ରାଶ୍ୟାଧିପତି କୋଣଭାବସ୍ଥ ଯୋଗୁ ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ସୁଯୋଗ ପାଇବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅଶ୍ଳେଷା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ଚେଷ୍ଟା କରୁଥିବା କାମରେ ଶୁଭଫଳ ପାଇବେ। ମଘା ନକ୍ଷତ୍ରର ମାଙ୍ଗଳିକ ପରିବେଶରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତତା ଭିତରେ ମିଶିବାକୁ ଆସିଥିବା ସହକର୍ମୀଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**କନ୍ୟା** ଅନ୍ୟମନସ୍କ, ଅସାବଧାନତା କିମ୍ବା ପକେଟମାର ଦ୍ୱାରା ଆଜି ଧନହାନିର ଆଶଙ୍କା ରହିଛି। କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଦୁଃଚିନ୍ତାଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଦୃତ ହେବେ। ହସ୍ତା ନକ୍ଷତ୍ରର ପାରସ୍ପରିକ ବୁଝାମଣାକୁ ନେଇ ପରିବାରରେ ଅଶାନ୍ତି ଦୂର ହୋଇଯିବ।

**ତୁଳା** ଆଜି ବିଶାଖା ନକ୍ଷତ୍ର ସକାଶେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କରିବାକୁ ପଡ଼ିପାରେ। ଏପରି କି କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେବ। ଆଜିର ଆନୁଷ୍ଠାନିକ କାମରେ ଜ୍ୟେଷ୍ଠା ନକ୍ଷତ୍ରର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଗୃହସୀମା କିମ୍ବା ଜମିଜମାକୁ ନେଇ ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକୁ ଅଟକାଇ ଦେଇପାରେ। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବା କଷ୍ଟକର ହେବ। ପୂର୍ବାଷାଢା ନକ୍ଷତ୍ର ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ। ପ୍ରିୟଜନଙ୍କ ସହିତ ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ।

**ମକର** ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ନିଜ ପାଇଁ ଉପଭୋଗ୍ୟ ନ ହେଲେ ମଧ୍ୟ ଘରେ ବନ୍ଧୁ ମିଳନଜନିତ ଆମୋଦର ସୁଅ ଛୁଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେବାରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଧନିଷ୍ଠାର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଧ୍ୟରୁ ଉପକୃତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତହେବ। ଆନୁଷ୍ଠାନିକ କାମ, ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି ପାଇଁ ଦିନଟି ବହୁତ ଭଲ।

**ମୀନ** କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିପାରନ୍ତି। ଆକସ୍ମିକ ଭାବରେ ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। କାର୍ଯ୍ୟହାନି କାରଣରୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ହତାଶାବୋଧ କରିପାରନ୍ତି।

ଆଜି ଜୁଲାଇ ୮ ତାରିଖ, ନୀଳାଦ୍ରିବିଜେ, ରସଗୋଲା ଦିବସ। ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୭ମି. ଗତେ ଘ.୦୬.୫୬ମି. ମଧ୍ୟେ, ଦିବା ଘ.୦୯.୪୦ମି. ଗତେ ଘ.୧୨.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩.୦୮ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁ କାଳ।

# ପ୍ରେମିକଙ୍କ ସହ ମିଶି ଶଯ୍ୟାଶାୟୀ ସ୍ୱାମୀଙ୍କୁ ହତ୍ୟା

**ନାଗପୁର(ମହାରାଷ୍ଟ୍ର),୭।୭**

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବା ଜଣେ ପକ୍ଷାଘାତ ରୋଗରେ ପୀଡ଼ିତ ଶଯ୍ୟାଶାୟୀ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ମୃତକ ହେଉଛନ୍ତି ନାଗପୁର ନିବାସୀ ଚନ୍ଦ୍ରସେନ୍ ରାମଟେକ। ଚନ୍ଦ୍ରସେନ୍‌ଙ୍କୁ ତଳେ ପକାଇ ପ୍ରେମିକଙ୍କ ଦ୍ୱାରା ମୁହଁକୁ ତକିଆରେ ଚାପି ହତ୍ୟା କରିଛନ୍ତି ସ୍ତ୍ରୀ ଦିଶା ରାମ୍‌ଟେକ୍। ପରେ ସ୍ୱାମୀଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଇବା ପାଇଁ ବିଭିନ୍ନ ନାଟକ କରିଥିଲେ। ହେଲେ ପୋଷ୍ଟମର୍ଟମ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ଦିଶା ଏବଂ ତାଙ୍କ ପ୍ରେମିକ ଆସିଫ୍ ଇସ୍‌ଲାମ ଅନ୍‌ସାରୀ ଓରଫ ରାଜାବାବୁ ଟାୟାର ବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ୩୮ବର୍ଷୀୟ ଚନ୍ଦ୍ରସେନ୍ ୧୩ ବର୍ଷ ତଳେ ଦିଶାଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ଝିଅ ଏବଂ ୬ବର୍ଷର ଏକ ପୁଅ ଅଛି।



ଗତ ୨ବର୍ଷ ତଳେ ଚନ୍ଦ୍ରସେନ ପକ୍ଷାଘାତ ରୋଗର ଶିକାର ହୋଇଥିଲେ। ଫଳରେ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଫଳରେ ଦିଶା ପାଣି ଜାର୍ ବିକ୍ରି କରି ଯାହା ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସ୍ତ୍ରୀଙ୍କ ଚରିତ୍ର ଉପରେ ଚନ୍ଦ୍ରସେନ ବିଭିନ୍ନ ସମୟରେ ସନ୍ଦେହ କରି ଆସୁଥିଲେ। ଗତ ୨ମାସ ତଳେ ମେକାନିକ୍ ଆସିଫ୍‌ଙ୍କ ସମ୍ପର୍କରେ ଦିଶା ଆସିଥିଲେ। ଖୁବ୍ କମ୍ ଦିନରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଯାଇଥିଲା। ଦିଶା ଏବଂ ଆସିଫ୍‌ଙ୍କ ମଧ୍ୟରେ ଅବୈଧ ସମ୍ପର୍କରେ ଜାଣିବା ପରେ ଚନ୍ଦ୍ରସେନ ଏହାକୁ ବିରୋଧ କରିଥିଲେ। ଏପରି କି ଏହି ଘଟଣାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କିଛିଦିନ ତଳେ ପାଟିତୁଣ୍ଡ ସହ ଝଗଡ଼ା ମଧ୍ୟ ହୋଇଥିଲା। ସ୍ୱାମୀଙ୍କ ଏଭଳି ବିରୋଧକୁ ସହ୍ୟ କରି ନ ପାରି ତାଙ୍କୁ ଜୀବନରୁ ମାରିଦେବାକୁ ଦିଶା ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରେମିକ ଆସିଫ୍‌ଙ୍କ ସହ ମିଶି ସ୍ୱାମୀଙ୍କୁ ମାରିବାକୁ ଦିଶା ଯୋଜନା କରିଥିଲେ। ଗତ ଶୁକ୍ରବାର ଅପରାହ୍ନରେ ଚନ୍ଦ୍ରସେନ୍ ଶୋଇଥିବା ବେଳେ ଦିଶା ତାଙ୍କ ପ୍ରେମିକ ଆସିଫ୍‌ଙ୍କୁ ଫୋନ କରି ଡାକିଥିଲେ। ଆସିଫ୍ ସେଠାରେ ପହଞ୍ଚିବା ପରେ ଦିଶା ସ୍ୱାମୀ ଚନ୍ଦ୍ରସେନଙ୍କୁ ଖଟ ଉପରୁ ତଳକୁ ପକାଇ ଦେଇଥିଲେ। ଏହାପରେ ଆସିଫ୍ ଏକ ତକିଆରେ ଚନ୍ଦ୍ରସେନ୍‌ଙ୍କ ମୁହଁକୁ ଚାପି ଦେଇଥିଲେ। ନିଃଶ୍ୱାସ ବନ୍ଦ ହେବା ପର୍ଯ୍ୟନ୍ତ ତକିଆରେ ଚାପି ଧରିବାରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ୱାମୀ ଚନ୍ଦ୍ରସେନଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିବା ସମସ୍ତଙ୍କୁ କହିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁ ହୋଇଥିବା ଜଣାପଡ଼ିବା ପରେ ଦିଶାଙ୍କୁ ପୋଲିସ ଡାକି ପଚରାଉଚରା କରିଥିଲା। ଦିଶା ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପ୍ରେମିକ ଆସିଫ୍‌ଙ୍କୁ ପୋଲିସ ଗିରଫ କରିଥିଲା।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ଅଭିଯୁକ୍ତ ଗିରଫ

**ଟେନ୍‌ସା, ୭।୭(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତ କାକରପାଣି ଗ୍ରାମରେ ଶନିବାର ରାତିରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ କୋଇଡ଼ା ପୋଲିସ ଅଭିଯୁକ୍ତ ଗାବ୍ରିଏଲ ସୁରିନ୍‌ଙ୍କୁ ଗିରଫ କରି ସୋମବାର ବଣାଇଁ କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏନେଇ ଥାନାରେ କେସ୍ (ନଂ. ୧୨୩/୨୫)ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ ଓ ତାଙ୍କ ସାଙ୍ଗ ଗାବ୍ରିଏଲ କୋଇଡା ଥାନା ଅନ୍ତର୍ଗତ କାକରପାଣି ଗ୍ରାମରେ ରହି ସ୍ଥାନୀୟ ମିତ୍ତଲ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ଗାବ୍ରିଏଲ ସନ୍ଦେହ କରିଥିଲେ। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ସ୍ଥିର କରିଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ କାକରପାଣି ଗ୍ରାମକୁ ଫେରୁଥିଲେ। ଫେରିବା ବେଳେ ପୁଣି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯାଇ ଏକ ବଡ଼ ପଥରରେ ଅମ୍ରିତଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଘର ଆଗରେ ଭାଜପା କର୍ମୀଙ୍କୁ ହାଣି ହତ୍ୟା

**ଗୋପାଳପୁର,୭।୭ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ସିଙ୍ଗାବାଡି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ଘର ଆଗରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଦିଲୀପ କୁମାର ପାତ୍ର(୪୭)। ସେ ଭାଜପାର ଜଣେ କର୍ମୀ ବୋଲି ଜଣାପଡ଼ିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. କହିଛନ୍ତି।

ଦିଲୀପ ଗାଁରେ ହାର୍ଡୱେର ଦୋକାନ କରିବା ସହ ଗାଡ଼ି ଭଡ଼ା ଲଗାଇ ଚଳୁଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ସେ ଘରେ ଥିବା ବେଳେ ଗ୍ରାମର କେତେଜଣ ପଶି ଆସି କୌଣସି କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଗଣ୍ଡଗୋଳ ବଢ଼ିବାରୁ ଦିଲୀପ ନିଜକୁ ବଞ୍ଚାଇବା ପାଇଁ ବାହାରକୁ ଚାଲି ଆସିଥିଲେ। ଘର ବାରଣ୍ଡାରେ ଅଭିଯୁକ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ, ପିଠି ସହ ଶରୀରର ବିଭିନ୍ନ ସ୍ଥାନକୁ ହାଣି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପରିବାର ଲୋକେ ଓ ପୋଲିସ ମିଶି ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍., ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ପହଞ୍ଚି ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୨/୩ ଦିନ ତଳେ ବାଇକ୍ ଦୁର୍ଘଟଣା ପରେ ଦିଲୀପ ଓ ଗ୍ରାମର ପୀତବାସ ଗୌଡ଼ଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦିଲୀପ କ୍ଷତିପୂରଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଝଗଡ଼ା ହୋଇଥିବା ଜଣାପଡିଛି। ହତ୍ୟା ନେଇ ଦିଲୀପଙ୍କ ଭାଇ ହରିଶ୍ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଅନୁସାରେ ନଂ.୨୮୬/୨୫ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି। ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ସିଙ୍ଗାବାଡି ଗ୍ରାମରେ ପୋଲିସ ତଦନ୍ତ କରୁଛି।

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି ନିହତ

**ମାଲକାନଗିରି, ୭।୭ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ୮ ଲକ୍ଷ ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି କାନ୍ନାଙ୍କ ନିହତ ହୋଇଛନ୍ତି। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସୂଚନା ଅନୁଯାୟୀ, ଜିଲାର ନ୍ୟାଶନାଲ ପାର୍କ ଅଞ୍ଚଳରେ ଟପ୍ କ୍ୟାଡର ମାଓବାଦୀମାନେ ଥିବା ସୂଚନା ପାଇ ଡିଆର୍‌ଜି, ଦାନ୍ତେୱାଡା ଏସ୍‌ଟିଏଫ୍, କୋବ୍ରା ଓ ସିଆର୍‌ପିଏଫ୍ ବାହିନୀ ସର୍ଚ୍ଚ କରିଥିଲେ। ନ୍ୟାଶନାଲ ପାର୍କ ଅଞ୍ଚଳରେ ତେଲଙ୍ଗାନା ରାଜ୍ୟ ସମିତି, ନ୍ୟାଶନାଲ ପାର୍କ ଏରିଆ କମିଟି, ପିଏଲଜିଏ ବାଟାଲିୟନ ନଂ. ୧ ତଥା ଅନ୍ୟ ସଶସ୍ତ୍ର ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ସୂଚନା ମିଳିଥିଲା। ଗତ ୪ ତାରିଖରୁ ସର୍ଚ୍ଚ ଚାଲିଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ତେବେ ଗତ ୩ ଦିନଧରି ଗୁଳି ବିନିମୟ ବେଳେ ସୋମବାର ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ୩୦୩ ରାଇଫଲ୍, ୬୪ ଅଫୁଟା ଗୁଳି, ଏକେ ୪୭, ପୋଷାକ, କୋଡେକ୍ସ ତାର, ଡିଟୋନେଟର, ପୁସ୍ତିକା, ରେଡିଓ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।



ଜବତ ବନ୍ଧୁକ ଓ ମାଓବାଦୀ ସାମଗ୍ରୀ।

# ଇନ୍‌ଫର୍ମର ସନ୍ଦେହରେ ପୂର୍ବତନ ସରପଞ୍ଚଙ୍କ ଗଳାକାଟି ହତ୍ୟା

**ମାଲକାନଗିରି, ୭।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ରେ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ପୂର୍ବତନ ସରପଞ୍ଚଙ୍କ ଗଳାକଟି ହତ୍ୟା କରିବା ସହ ମୃତଦେହକୁ ଗାଁ ମୁଣ୍ଡରେ ପୋପାଡି ଚାଲି ଯାଇଛନ୍ତି। ମୃତକ ହେଲେ ବିଜୟ ଜବା।

ଏପରି ଘଟଣା ଦେଖିବାକୁ ମିଳିଛି ବିଜାପୁର ଜିଲାରେ। ମୋଦକାପାଲ ଥାନା ଚିନ୍ନାକୋଡେପାଲ ଗ୍ରାମର ପୂର୍ବତନ ସରପଞ୍ଚ ବିଜୟଙ୍କୁ ରବିବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଉଠାଇନେଇ ଜଙ୍ଗଲରେ ଗଳାକାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ଗାଁ ମୁଣ୍ଡରେ ଫୋପାଡି ଚାଲି ଯାଇଥିଲେ। ଏହା ଜଣାପଡିବା ପରେ ଲୋକେ ପୋଲିସକୁ ଖବର ଦେଇଥିଲେ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରାଜ୍ୟ ଖବର

# ଲୋକେ ନିଜକୁ ଅସହାୟ ନ ଭାବନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)**

ସମାଜର ଶେଷ ଧାଡ଼ିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନ ଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରେ, ସରକାର ସୁଖଦୁଃଖରେ ତା' ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୋମବାର ଭୁବନେଶ୍ୱର ସ୍ଥିତ ୟୁନିଟ-୨ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ପଞ୍ଜୀକୃତ କରିଥିବା ୧୦୦୦ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଏହି ଅବସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଭିନ୍ନକ୍ଷମ ଲୋକଙ୍କ ପାଖକୁ ଯାଇଥିଲେ। ସେଠାରେ ସମସ୍ତଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଏହାପରେ ପ୍ରକୋଷ୍ଠ ଭିତରକୁ ଆସି ପଞ୍ଜୀକୃତ କରିଥିବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଏହି ବ୍ୟବସ୍ଥାରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୧୦ ଜଣଙ୍କ ପାଇଁ ସୋମବାର ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ଅଭିଯୋଗ ଶୁଣାଣି କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ଜନଅଭିଯୋଗ ଶୁଣାଣି**

- ୧୦ ଜଣଙ୍କୁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଗଲା
- ଏଯାଏ ୧୦,୮୯୪ରୁ ୧୦,୧୩୨ ଅଭିଯୋଗର ସମାଧାନ ହୋଇଛି

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ଟି ଅଭିଯୋଗ ମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି। ଏହା ଶତକଡ଼ା ୯୩% ଅଟେ, ବକେୟା ଅଭିଯୋଗଗୁଡ଼ିକ ପ୍ରକ୍ରିୟାରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

# ରତ୍ନଭଣ୍ଡାର ମରାମତି ଶେଷ

**ପୁରୀ, ୭।୭(ଅଜିତ୍ କୁମାର ମହାନ୍ତି)**

- ୯୫ ଦିନ କାର୍ଯ୍ୟ ହୋଇଛି
- ୫୨୦ ପଥର ବଦଳାଯାଇଛି

ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ସହମତିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଚାଲିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହୋଇଛି। ୯୫ ଦିନ ଧରି କାମ ଚାଲିଥିଲା। ମୋଟ ୩୩୨ ଘଣ୍ଟା ୪୭ ମିନିଟ୍ କାର୍ଯ୍ୟ ହୋଇଛି। ୫୨୦ଟି ପଥର ବଦଳାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋମବାର ସୂଚନା ଦେଇଛନ୍ତି।

ରତ୍ନଭଣ୍ଡାର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ମରାମତି ଓ ସଂରକ୍ଷଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ରତ୍ନଭଣ୍ଡାରରେ ଅନେକ ସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ପରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ଗତବର୍ଷ ଜୁଲାଇ ୧୪ରେ ବାହାର ରତ୍ନଭଣ୍ଡାର ଏବଂ ୧୮ରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ଖାଲି ଆଲମିରା ଓ ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଏଏସ୍‌ଆଇକୁ ଏହାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲା। ତେବେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଥିବା ସେବାୟତମାନେ କହିବା ପରେ ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ଏହି ସନ୍ଦେହକୁ ଦୂର କରିବା ପାଇଁ ରାଜ୍ୟ ସରକାର ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୪ ସେପ୍ଟେମ୍ବର ୧୮ରେ ଲେଜର ସ୍କାନିଂ ଏବଂ ଜିପିଆର୍ ସର୍ଭେ କରାଯାଇଥିଲା। ସର୍ଭେ ରିପୋର୍ଟ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା। ଏଏସ୍‌ଆଇ ପକ୍ଷରୁ ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଅନେକ ସମୟରେ ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଉଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରରେ ନ ଥିବାବେଳେ ରତ୍ନଭଣ୍ଡାରର ସମସ୍ତ କାର୍ଯ୍ୟ ଶେଷ କରିବାକୁ ଏଏସ୍‌ଆଇକୁ କୁହାଯାଇଥିଲା। ତେଣୁ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ସମସ୍ତ କାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ଶେଷ କରାଯାଇଛି।

# ସଦ୍ୟତମ ନିଯୁକ୍ତି ତଥ୍ୟ ଲୋଡ଼ିଲେ ସରକାର

**ଭୁବନେଶ୍ୱର,୭।୭(ରବିନାରାୟଣ ଜେନା)**

- ୪୧ ବିଭାଗରେ ୯୪,୮୫୪ ପଦ ଖାଲି
- ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୧,୬୦୮

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦକୁ କିଭଳି ଖୁବ୍‌ଶୀଘ୍ର ପୂରଣ କରାଯିବ ସେନେଇ ସରକାର ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବାରମ୍ବାର ସମୀକ୍ଷା କରାଯାଉଥିଲେ ହେଁ କେତେକ ବିଭାଗ ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବାରୁ ସରକାରଙ୍କ ପକ୍ଷରୁ ଚଳିତମାସ ୪ରେ ସବୁ ବିଭାଗକୁ ପତ୍ର ଲେଖାଯାଇ ସଦ୍ୟତମ ତଥ୍ୟ ଲୋଡ଼ାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ନିଯୁକ୍ତି ପୋର୍ଟାଲରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଯୁକ୍ତି ସମ୍ପର୍କିତ ତଥ୍ୟ ଅପ୍‌ଲୋଡ୍ କରିବାକୁ ହେବ।

ସେ ପୁଣି ଦର୍ଶାଇଛନ୍ତି, ଚଳିତମାସ ପହିଲାରେ ମୁଖ୍ୟ ସଚିବ ବ୍ୟକ୍ତିଗତ ଭାବେ ଏନେଇ ନୋଟ୍ ଲେଖି କେଉଁ ବିଭାଗରେ କେତେ ଖାଲିପଦ ରହିଛି ତା'ର ବାସ୍ତବ ତଥ୍ୟ ଜାଣିବାକୁ ଚାହିଁଛନ୍ତି। ସରକାରଙ୍କ ପକ୍ଷରୁ ଚଳିତ ସପ୍ତାହରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏହାପୂର୍ବରୁ ସମସ୍ତ ବିଭାଗ ଯେପରି ସେମାନଙ୍କ ନିଯୁକ୍ତି ସଂକ୍ରାନ୍ତ ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ୍ କରିବେ ସେଦିଗରେ ଗୁରୁତ୍ୱ ଦେବାକୁ ଅତିରିକ୍ତ ସଚିବ ଦର୍ଶାଇଛନ୍ତି। ଏହାସହିତ ସେ କହିଛନ୍ତି, କେଉଁ ବିଭାଗରେ କେତେ ମୂଳ ପଦବୀ ରହିଛି, ସେଥିରୁ କେତେ ଖାଲିରହିଛି, ଉଚ୍ଚ କ୍ଷମତାସମ୍ପନ୍ନ କମିଟି କେତୋଟି ପଦବୀକୁ ଅନୁମୋଦନ ଦେଇଛି ଏବଂ ଆଉ କେତେ ପାଇଁ କମିଟିର ଅନୁମୋଦନ ଆବଶ୍ୟକ ତାହା ଉପରେ ପୂର୍ଣ୍ଣାଙ୍ଗ ବିବରଣୀ ଦର୍ଶାଇବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

ସରକାରଙ୍କ ତଥ୍ୟ ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୧ ଲକ୍ଷ ୫୮ ହଜାର ୬୪୫ ମଞ୍ଜୁର୍‌ପ୍ରାପ୍ତ ମୂଳ ପଦ ରହିଥିବାବେଳେ ସେଥିରୁ ୨୧ ହଜାର ୬୦୮ ପଦବୀ ଖାଲିରହିଛି। ୧୧ ହଜାର ୨୦୦ ପଦକୁ ପୂର୍ବରୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁମୋଦନ ଦେଇଛି। ଅବଶିଷ୍ଟ ପଦବୀ ଅନୁମୋଦନ ଅପେକ୍ଷାରେ ଥିବାବେଳେ ୭୫୩୨ ପଦ ପୂରଣ ପ୍ରକ୍ରିୟା ଭିତରେ ରହିଛି। ସେହିପରି ଗୃହ ବିଭାଗରେ ୫୯ ହଜାର ୪୯୦ ପଦବୀ ମଧ୍ୟରୁ ୧୪ ହଜାର ୧୯୨ଟି ଖାଲିରହିଛି। ୧୧୧୭ଟି ପଦକୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁମୋଦନ ଦେଇସାରିଛି। ୧୨,୩୦୦ ପଦବୀକୁ ଅନୁମୋଦନର ଆବଶ୍ୟକତା ନ ଥିବାବେଳେ ୯୬୩ ପଦ ନିଯୁକ୍ତି ପ୍ରକ୍ରିୟାରେ ରହିଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗରେ ୧୧ ହଜାର ୩୯୬ ପଦ ଖାଲି ରହିଥିବାବେଳେ ରାଜସ୍ୱରେ ୫୩୩୯, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪୨୦୫, କୃଷି ବିଭାଗରେ ୩୯୬୪ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାରଙ୍କ ସମସ୍ତ ୪୧ଟି ବିଭାଗରେ ୩ ଲକ୍ଷ ୮୭ ହଜାର ୭୦୭ ମଞ୍ଜୁର ପଦ ରହିଥିବାବେଳେ ୯୪ ହଜାର ୮୫୪ ପଦବୀ ଖାଲିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ କାରିଗରି, ଶିଳ୍ପ ଓ ସାଧାରଣ ଉଦ୍ୟୋଗ ଭଳି କେତେକ ବିଭାଗର ଖାଲି ପଦ ପୂରଣ ପ୍ରକ୍ରିୟା ଭିତରେ ନ ଥିବା ଭଳି ପରିଲକ୍ଷିତ ହେଉଛି।

# ୨ ସେବା କ୍ୟାଡର୍‌ରେ ଅଧିକାରୀଙ୍କ ସଂଖ୍ୟା ବଢ଼ାଇଲେ ମୁଖ୍ୟମନ୍ତ୍ରୀ

**ମତ୍ସ୍ୟସେବା କ୍ୟାଡର୍‌ରେ ୨୧୭ ଓ କୃଷି ବିଭାଗରେ ୬୭ଟି ପଦବୀ ବଢ଼ିଲା**

**ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ମତ୍ସ୍ୟଚାଷ ସେବା ଏବଂ ଓଡ଼ିଶା ଉଦ୍ୟାନ କୃଷି ସେବା କ୍ୟାଡରର ବିଭିନ୍ନ ପଦବୀର ପୁନର୍ବିନ୍ୟାସ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟ ସରକାର ମତ୍ସ୍ୟଚାଷ ଓ ଉଦ୍ୟାନ କୃଷି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧିର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ୨ ସେବା କ୍ୟାଡରରେ ଅଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ମତ୍ସ୍ୟଚାଷ ସେବା କ୍ୟାଡରର ସମୁଦାୟ ପଦବୀ ସଂଖ୍ୟା ୮୩୫କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୬୧୮ ରହିଥିଲା। ସେହିଭଳି ଉଦ୍ୟାନ କୃଷି ବିଭାଗରେ ପୁନର୍ବିନ୍ୟାସ କରାଯାଇ ୬୭ଟି ପଦବୀ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୪୦୩ ଥିଲା, ପୁନର୍ବିନ୍ୟାସ ପରେ ଏହା ୪୭୦କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଉଦ୍ୟାନ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ଅଭିବୃଦ୍ଧି ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଉଛି।

# ଭାଜପା ବିଧାୟକଙ୍କ ବିରୋଧରେ ମହିଳା କମିଶନଙ୍କୁ ସ୍ମାରକପତ୍ର ଦେଲା ବିଜେଡି

**ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)**

ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଭାଜପା ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିଛନ୍ତି। ଏହା ପୂର୍ବରୁ ମହିଳା ଥାନାରେ ଲେଖାଶ୍ରୀ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜୀକୃତ ହୋଇଛି। ଦଳର ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମହିଳା କମିଶନଙ୍କ ଅଫିସକୁ ଯାଇ ଦଳର ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିଶନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେ। ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କ ସମ୍ମାନ ଉପରେ ନୁହଁ ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ସ୍ମାରକପତ୍ର ପ୍ରଦାନ ପରେ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଟୁକୁନି ସାହୁ କହିଛନ୍ତି, ରାଜ୍ୟରେ ଗତ ଏକ ବର୍ଷର ଭାଜପା ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ବଳାତ୍କାର ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ ଅପରାଧୀ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ଗତ ବର୍ଷେ ହେଲାଣି ରାଜ୍ୟ ମହିଳା କମିଶନ ପଦବୀ ମଧ୍ୟ ଖାଲିପଡିଛି ବୋଲି ସେ କହିଛନ୍ତି।

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା

-ଶ୍ରୀ ଜୀଉଙ୍କ ନୀଳାଦ୍ରିବିଜେ

# ଶକ୍ତି ଓ ଦୁର୍ବଳତା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ମେ' ୭ରୁ ୧୦ ଯାଏ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। 'ଅପରେଶନ ସିନ୍ଦୂର'କୁ ଦୁଇ ମାସ ପୂରିଯାଇଥିଲେ ମଧ୍ୟ ଭାରତୀୟ ସାମରିକ ଅଧିକାରୀଙ୍କ ମନର ବ୍ୟଥା ବାରମ୍ବାର ବୟାନ ଆକାରରେ ଆସୁଛି। ସଦ୍ୟ ଘଟଣାକୁ ଦେଖିଲେ ଜୁଲାଇ ୪ରେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ଆୟୋଜିତ 'ନ୍ୟୁ ଏଜ୍ ମିଲିଟାରି ଟେକ୍ନୋଲୋଜି' ଶୀର୍ଷକ ଆଲୋଚନାଚକ୍ରରେ ସ୍ଥଳସେନା ଉପମୁଖ୍ୟ ରାହୁଲ ସିଂ କହିଥିଲେ, ଅପରେଶନ ସିନ୍ଦୂର ଚାଲିଥିବା ବେଳେ ଭାରତର ପ୍ରସ୍ତୁତି ବିଷୟରେ ସବୁକିଛି ପାକିସ୍ତାନ ଜାଣିଥିଲା। ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ) ସ୍ତରୀୟ କଥାବାର୍ତ୍ତା ବେଳେ ପାକିସ୍ତାନ ବାସ୍ତବରେ ଭାରତୀୟ ପ୍ରତିପକ୍ଷଙ୍କୁ କହିଥିଲା, ଭାରତର କେଉଁ ଯୁଦ୍ଧାସ୍ତ୍ରଗୁଡ଼ିକୁ କେଉଁ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି, ତାହା ସେମାନେ ଜାଣିପାରୁଥିଲେ। କେବଳ ସେତିକି ନୁହେଁ, କେଉଁ କ୍ଷେପଣାସ୍ତ୍ର ମାଡ଼ କରିବାକୁ ପ୍ରସ୍ତୁତ କରାଯାଉଛି ତାହାର ଅବିକଳ ସ୍ଥଳକୁ ଉଲ୍ଲେଖ କରି ପାକିସ୍ତାନର ଡିଜିଏମ୍‌ଓ ମେଜର ଜେନେରାଲ କାଶିଫ୍ ଅବ୍ଦୁଲ୍ଲା ତାଙ୍କ ଭାରତୀୟ ପ୍ରତିପକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ କହିଲେ ଯେ ଭାରତର ଏହି ଅସ୍ତ୍ର ସମ୍ପର୍କରେ ଆମେ ଜାଣିଛୁ ଏବଂ ଆପଣ ତାହାକୁ ଫେରାଇନେବା ଉଚିତ ହେବ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ସିଂଙ୍କ ଏହି କଥାରୁ ଜଣାପଡୁଛି ଯେ ପାକିସ୍ତାନ ଏକ ପ୍ରକାର ଧମକାଇବା ପରିସ୍ଥିତିରେ ରହିଛି, କାରଣ ଭାରତର ସମ୍ପୂର୍ଣ୍ଣ ସଶସ୍ତ୍ର ସେନାର ତଥ୍ୟ ତାହା ପାଖରେ ଅଛି। ଆଜିର ଯୁଗରେ ୟୁଟ୍ୟୁବରଙ୍କ ଦ୍ୱାରା ଗୋଇନ୍ଦା କାର୍ଯ୍ୟ କରାଇବାର ପ୍ରୟୋଜନ ନାହିଁ। ଉଚ୍ଚ ପ୍ରଯୁକ୍ତି କୌଶଳ ବ୍ୟବହାର କରାଯାଇ ସବୁ ପ୍ରକାର ତଥ୍ୟ ବାହାର କରିନେବାର କ୍ଷମତା ଚାଇନା ଓ ଆମେରିକା ପାଖରେ ଅଛି। ଉଭୟ ଦେଶ ପାକିସ୍ତାନ ସପକ୍ଷରେ କାର୍ଯ୍ୟ କରିଥିବା ଭଳି ମନେହୁଏ। ରାହୁଲ ଆହୁରି କହିଥିଲେ ଭାରତ ବିପକ୍ଷରେ ଗୋଟିଏ ସୀମାରେ ପାକିସ୍ତାନ ସହ ଅନ୍ୟ ଶତ୍ରୁ ଭିତରେ ଚାଇନା ସହିତ ତୁର୍କୀର ସମ୍ପୃକ୍ତି ରହିଥିଲା। ଏବଂ ସମ୍ଭବତଃ ଅନ୍ୟ ଶକ୍ତିମାନଙ୍କର ସହଯୋଗ ଉପସ୍ଥିତି ଥିଲା। ଯୁଦ୍ଧ ସମୟରେ ଭାରତର ସେନା ଏହିଭଳି ପରିସ୍ଥିତି ଜାଣିପାରିଥିଲା ବୋଲି ରାହୁଲ ସିଂ କହିଛନ୍ତି।

**ଭାରତ ଓ ପାକିସ୍ତାନ ଡିଜିଏମ୍‌ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ।**

ଟିକେ ପଛକୁ ଗଲେ ଆଉ ଜଣେ ସାମରିକ ଅଧିକାରୀଙ୍କ ମନ୍ତବ୍ୟର ଚର୍ଚ୍ଚା ମଧ୍ୟ ସରିନାହିଁ। ଜୁନ୍ ୧୦ରେ ଇଣ୍ଡୋନେସିଆର ଦିର୍ଗାନ୍ତର ମର୍ସେକଲ ସୂର୍ଯ୍ୟଦର୍ମ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଭାରତ–ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ଶକ୍ତି ରଣନୀତି ଉପରେ ନୌସେନା କ୍ୟାପ୍ଟେନ ତଥା ଇଣ୍ଡୋନେସିଆର ଭାରତୀୟ ଦୂତାବାସରେ ଡିଫେନ୍ସ ଆଟାସେ ଥିବା ଶିବକୁମାର ଦେଇଥିବା ମତ ଗୁରୁତ୍ୱ ବହନ କରିଛି। ପାକିସ୍ତାନୀ ସେନା ପ୍ରତିଷ୍ଠାନ କିମ୍ବା ସେମାନଙ୍କ ବାୟୁସେନା ଘାଟିଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ଭାରତର ରାଜନୈତିକ ନେତୃତ୍ୱ ନିର୍ଦ୍ଦେଶ ଦେଇଥିବାରୁ ଇଣ୍ଡିଆନ୍ ଏୟାର ଫୋର୍ସ (ଆଇଏଏଫ୍)କୁ କେତୋଟି ଯୁଦ୍ଧବିମାନ ହରାଇବାକୁ ପଡ଼ିଥିଲା ବୋଲି ଶିବକୁମାର କହିଥିଲେ। ଅନୁରୂପ ଭାବେ ମେ' ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି–ଲା ଡାଏଲଗ୍‌ରେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ଯୁଦ୍ଧରେ ଭାରତୀୟ ଯୁଦ୍ଧ ବିମାନ ଖସିଥିଲା। କେତେ ଲଢୁଆ ବିମାନ ଖସିଲା ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଅନିଲ ଚୌହାନ ମତ ରଖିଥିଲେ।

ଉପରଲିଖିତ ତିନିଜଣ ଅତି ଉଚ୍ଚପଦସ୍ଥ ଭାରତୀୟ ସାମରିକ ଅଧିକାରୀଙ୍କ ମତ ଦେଶବାସୀଙ୍କୁ ବ୍ୟସ୍ତ କରିଛି। ଯୁଦ୍ଧ ଚାଲିଥିବା ବେଳେ ରାଜନୈତିକ ନେତୃତ୍ୱର ନିଷ୍ପତ୍ତିକୁ ସମାଲୋଚନା କରିବାର ଅର୍ଥ ହେଲା ସାମରିକ ବାହିନୀ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିସହିତ ଡିଜିଏମ୍‌ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯେତେ ଛାତି ପିଟି ଶ୍ରେୟ ନେବାକୁ ଚାହୁଁଥିଲେ ବି ବାସ୍ତବ ନିଷ୍ପତ୍ତି ଦୁଇ ଡିଜିଏମ୍‌ଓଙ୍କ ମଧ୍ୟରେ ନିଆଯାଇଥିଲା ଭଳି ମନେହେଉଛି। ଟ୍ରମ୍ପଙ୍କ ଚାପ ନିଶ୍ଚିତ କାମ କରିଛି, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଭାରତ କିମ୍ବା ପାକିସ୍ତାନ, କୌଣସି ଗୋଟିଏ ପକ୍ଷ ଯଦି ଅମାନ୍ୟ ହୋଇଥାନ୍ତେ, ତେବେ ପରିସ୍ଥିତି ଭୟାବହ ହୋଇଥାଆନ୍ତା। ୨୦୨୫ ମସିହାରେ ଏହି ୪ ଦିନର ଯୁଦ୍ଧ ସମୟରେ ଏବଂ ଯୁଦ୍ଧ ପରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିବା ହେତୁ ଭାରତୀୟ କୂଟନୀତିର ବିଫଳତା ଜଣାପଡ଼ିଲା। ରାହୁଲ ସିଂଙ୍କ କହିବା ଅନୁଯାୟୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ବଳତାକୁ ଘୋଡ଼ାଇ ଦେବା ପରିବର୍ତ୍ତେ ଅତି ଶୀଘ୍ର ତାହାକୁ ସାମ୍ନା କରି ଦେଶର ହିତ ପାଇଁ କାର୍ଯ୍ୟ ଆରମ୍ଭ ହେବା ଦରକାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | |
| 7 | | | | 5 | | 9 | | |
| | 2 | 4 | | | | | | |
| | | 9 | | | 6 | 3 | 4 | |
| | | | | | 3 | 7 | 8 | |
| 4 | | | | | 9 | | | 2 |
| | | | | | 1 | 6 | 5 | |
| | | 7 | 2 | | | | 3 | |
| | | | 4 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 8 | 9 | 5 | 6 | 4 | 7 |
| 9 | 6 | 7 | 1 | 4 | 3 | 2 | 8 | 5 |
| 4 | 5 | 8 | 2 | 7 | 6 | 1 | 3 | 9 |
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 7 | 5 | 4 | 8 | 2 | 3 | 9 | 6 |
| 2 | 9 | 6 | 3 | 5 | 1 | 4 | 7 | 8 |
| 7 | 4 | 2 | 6 | 1 | 8 | 9 | 5 | 3 |
| 6 | 8 | 9 | 5 | 3 | 4 | 7 | 2 | 1 |
| 5 | 1 | 3 | 7 | 2 | 9 | 8 | 6 | 4 |

ଗତକାଲିର ଉତ୍ତର

# ଗୃହଶତ୍ରୁ ଓ ଆଭ୍ୟନ୍ତରଣ ସୁରକ୍ଷା



ଡ. ମନୋଜ କୁମାର ମହାନ୍ତି

ରାଜତନ୍ତ୍ରର ଅସ୍ଥିରତା ସହ ନିଜ ନିଜ ମଧ୍ୟରେ ଷଡ଼ଯନ୍ତ୍ରରେ ଲିପ୍ତଥିବା ଭାରତୀୟଙ୍କୁ ଦିନେ ଘୋରୀ, ଖିଲିଜୀ, ମୋଗଲ ଓ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କରିବ ସେ କଥା କେହି କେବେ ଭାବି ନ ଥିଲେ। ଯେଉଁ ମହମ୍ମଦ ଘୋରୀ ପୃଥ୍ୱୀରାଜ ଚୌହାନଠାରୁ ୧୧ଥର ହାରି ନିଜ ଜୀବନ ବଞ୍ଚାଇବା ଭୟରେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇଯାଇଥିଲେ, ସେଇ ଘୋରୀ ଦିନେ ବେଇମାନ ଜୟଚନ୍ଦ୍ରଙ୍କ ସାହାଯ୍ୟରେ ପୃଥ୍ୱୀରାଜଙ୍କୁ ହରାଇବାକୁ ସକ୍ଷମ ହୋଇଥିଲେ। ଇବ୍ରାହିମ ଲୋଦିଙ୍କୁ ଦିଲ୍ଲୀ ରାଜଗାଦିରୁ ହଟାଇବା ପାଇଁ ନିଜ ସମ୍ପର୍କୀୟ ଦୌଲତ ଖାଁ ଲୋଦି କାବୁଲ ଶାସକ ବାବରଙ୍କୁ ଭାରତକୁ ନିମନ୍ତ୍ରଣ କରିବା ଏକ ଷଡ଼ଯନ୍ତ୍ରର ପରିଭାଷା। ବଙ୍ଗ ନବାବ ସିରାଜଉଦୌଲାଙ୍କ ସମ୍ପର୍କୀୟ ବିଶ୍ୱାସଘାତକ ମିର୍ଜାଫରଙ୍କ ପାଇଁ ଇଂରେଜଙ୍କ ଶହେନବେ ବର୍ଷର ନିର୍ଯାତନା ଭାରତୀୟଙ୍କୁ ସହିବାକୁ ପଡ଼ିଥିଲା। ଇଂରେଜଙ୍କଠାରୁ ଝାନ୍ସୀ ସାମ୍ରାଜ୍ୟକୁ ମୁକ୍ତରଖିବା ପାଇଁ ଲକ୍ଷ୍ମୀବାଈ ରଣନୀତି ପ୍ରସ୍ତୁତ କରିଥିଲେ । କିନ୍ତୁ ସଦାଶିବ ନାରାୟଣ ଝାନ୍ସୀ ଦୁର୍ଗର ଦୁର୍ବଳ ପାର୍ଶ୍ୱ ବିଷୟରେ ବ୍ରିଟିଶମାନଙ୍କୁ ଜଣାଇ ଝାନ୍ସୀକୁ ବ୍ରିଟିଶ ଶାସନରେ ଅନ୍ତର୍ଭୁକ୍ତ କରାଇବାରେ ରାସ୍ତା ଉନ୍ମୁକ୍ତ କରିଥିଲେ। ଏହିଭଳି କେତେଜଣ ଭାରତୀୟ ବିଶ୍ୱାସଘାତକ ଇଂରେଜମାନଙ୍କ ସହ ମିଶି ଦେଶର ଏକତାକୁ ନଷ୍ଟ କରିଛନ୍ତି । ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତ ସ୍ୱାଧୀନତା ସ୍ୱାଦ ଚାଖିବା ପୂର୍ବରୁ ଦୁଇ ପ୍ରମୁଖ ନେତା, ଦୁଇ ପ୍ରମୁଖ ଧାର୍ମିକ ଗୋଷ୍ଠୀଙ୍କ ଜିଦ୍‌ଖୋର ମନୋବୃତ୍ତିର ଫଳାଫଳର ରୂପରେଖ ନେଲା ଭାରତ ଓ ପାକିସ୍ତାନ। ଭାରତକୁ ପୁଣି ଥରେ ରାମରାଜ୍ୟ ପ୍ରତିଷ୍ଠାର ପରିକଳ୍ପନା କରାଗଲା। ରାଜତନ୍ତ୍ରକୁ ସବୁଦିନ ପାଇଁ ଭାରତରୁ ଲୋପକରି ଗଣତନ୍ତ୍ର ସ୍ଥାପନ ପୂର୍ବକ ଜନସାଧାରଣଙ୍କୁ ସେମାନଙ୍କର ସମସ୍ତ ନ୍ୟାଯ୍ୟଦାବି ପ୍ରାପ୍ତି ପାଇଁ ସରକାର ବଦ୍ଧପରିକର ହେଲେ । ପ୍ରତ୍ୟେକ ଜୀବନ ସରକାର ପାଇଁ ମୂଲ୍ୟବାନ୍ ଓ ମହତ୍ତ୍ୱପୂର୍ଣ୍ଣ ତାହା ସର୍ବସମ୍ମୁଖରେ ପ୍ରତିଶ୍ରୁତିବଦ୍ଧ ହେଲା।

ଭାରତୀୟ ଗଣତନ୍ତ୍ରରେ ସ୍ୱାଧୀନତା ପରେ ଜାତୀୟ କଂଗ୍ରେସର ଶାସନ ଓ ପରେ ପରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳ ସୃଷ୍ଟି ହେଲା। ଜନତାଙ୍କ ହାତରେ ସରକାର ତିଆରି କରିବାର ବଡ଼ ଭୂମିକା ସଦାସର୍ବଦା ରହିଆସିଛି। ରାଜନୀତିରେ ଉଷ୍ମତା ସମୟେ ସମୟେ ଦେଖିବାକୁ ମିଳେ। ବିରୋଧାଭାଷ ଗଣତନ୍ତ୍ରର ଏକ ମଜଭୁତ ଅସ୍ତ୍ର। ନଚେତ୍ ଶାସକ ଦଳ ମନମୁଖି ଦୁର୍ନୀତିଖୋର ପାଲଟିଯିବାକୁ ବେଶି ସମୟ ଲାଗିବ ନାହିଁ।

ଦେଶର ଆଇନକାନୁନ,ଶିକ୍ଷା,ସ୍ୱାସ୍ଥ୍ୟ,ଅର୍ଥନୀତି, ବିଦେଶ ନୀତି, ପ୍ରତିରକ୍ଷା ସହ ଭାରତର ପ୍ରଭୁତା ଅଖଣ୍ଡତା ଓ ସର୍ବଭୌମତ୍ୱ ରକ୍ଷାକରିବା ହେଉଛି



ଦେଶର ଶାସନକର୍ତ୍ତାଙ୍କ ଦାୟିତ୍ୱ। ସବୁର ଊର୍ଦ୍ଧ୍ୱରେ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା। କାରଣ ଦେଶର ସୁରକ୍ଷା ବିକାଶ ଓ ପ୍ରଗତି ସହ ସମ୍ପୂର୍ଣ୍ଣ ଜଡ଼ିତ। ଅସୁରକ୍ଷିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ। ବିଶ୍ୱର ପ୍ରତ୍ୟେକ ପ୍ରଗତିଶୀଳ ଦେଶ ପଛରେ ତା'ର ଅଭ୍ୟନ୍ତରୀଣ ସୁରକ୍ଷାର ବୃହତ୍ ଭୂମିକା ଥାଏ। ଶିଳ୍ପ, ଶିକ୍ଷା ବୈଷୟକ କ୍ଷେତ୍ରରେ ସୁରକ୍ଷିତ ନ ରହିଲେ ପୁଞ୍ଜିନିବେଶ କରିବାକୁ କେହି ଆଗ୍ରହ ପ୍ରକାଶ କରିବେ ନାହିଁ। ୟୁରୋପୀୟ,ପଶ୍ଚିମଦେଶ ଓ ଆରବ ଇସ୍‌ଲାମିକ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଏ। କିନ୍ତୁ ଭାରତ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ। ଅବୈଧ ଅନୁପ୍ରବେଶକାରୀଭାବେ ପାକିସ୍ତାନୀ,ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ପ୍ରାୟ ରାଜ୍ୟରେ ଆଡ୍ଡା ଜମାଇବାରେ ବ୍ୟସ୍ତ। ଖାଲି ସେତିକି ନୁହେଁ, ସେମାନଙ୍କର ଆଧାର କାର୍ଡ, ଭୋଟର ପରିଚୟପତ୍ର,ରାଶନ କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ପାସ୍‌ପୋର୍ଟ, ପାନ୍‌କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ସବୁ ଭାରତର ହୋଇସାରିଛି। ସେମାନେ ଭାରତର ନାଗରିକ ଭାବେ ନିଜକୁ ସ୍ୱୀକାର କରିସାରିଲେଣି। କାରଣ ଦେଶର ନାଗରିକ ପାଖରେ ହିଁ ଭୋଟ ଦେବାର ଅଧିକାର ରହିଛି। ଭୋଟର ଲିଷ୍ଟ ସହ ଭୋଟର ପରିଚୟପତ୍ର ଯଦି ଜଣେ ବ୍ୟକ୍ତି ପାଖରେ ଅଛି ସ୍ୱାଭାବିକ ଭାବେ ସେ ଏ ଦେଶର ନାଗରିକ। ଦେଶର ନାଗରିକ ସମ୍ବିଧାନର ସମସ୍ତ ଅଧିକାର ପାଇଁ ଲଢ଼େଇ କରିବା ସହ ଭିନ୍ନ ଭିନ୍ନ ସମୟରେ ଧାରଣା , ପ୍ରତିବାଦ ଓ ପ୍ରତିହିଂସା ଭଳି କାର୍ଯ୍ୟରେ ଉପସ୍ଥିତି ସ୍ୱାଭାବିକ । ଅଧିକାଂଶ ସମୟରେ ପ୍ରତିବାଦ ଓ ପ୍ରତିହିଂସା ଅତି ଉଗ୍ରରୂପ ଧାରଣ କରି ସାଧାରଣ ଧନଜୀବନକୁ ବିପର୍ଯ୍ୟସ୍ତ କରୁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ଅନୁପ୍ରବେଶକାରୀ ଆସିଲେ କିପରି? ଯଦି ଆସିଲେ, ସେମାନଙ୍କର ଭାରତୀୟ ପରିଚୟପତ୍ର ପ୍ରସ୍ତୁତି ହେଲା କିପରି? ଭାରତୀୟଙ୍କ ପରି ବାହ୍ୟ ଅନୁପ୍ରବେଶକାରୀଙ୍କ ଭୋଟର ପରିଚୟପତ୍ର ପ୍ରସ୍ତୁତି ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପଛରେ ରାଜନୈତିକ ଦଳ ପୂର୍ଣ୍ଣମାତ୍ରାରେ ସାମିଲ ଏକଥା ଅସ୍ୱୀକାର କରିହେବ ନାହିଁ। ଭାରତୀୟ ଆଧାର କାର୍ଡ ପ୍ରସ୍ତୁତି ପାଇଁ ଆବଶ୍ୟକ ପ୍ରମାଣପତ୍ର ଭାରତର ଭିନ୍ନ ଭିନ୍ନ ରାଜ୍ୟରୁ କିପରି ସଂଗ୍ରହ କରାଗଲା ? ବାଂଲାଦେଶ,ପାକିସ୍ତାନ,ନେପାଳ ଓ ମ୍ୟାନ୍‌ମାରରୁ ଆସୁଥିବା ଲୋକମାନେ ଭାରତୀୟ ପ୍ରମାଣପତ୍ର ହତେଇଲେ କିପରି? ଏସବୁ ଶାସନ ଦାୟିତ୍ୱରେ ଥିବା ଦଳ ତା' ଭୋଟ ପାଇଁ ଯାହାକୁ ନାହିଁ ତାହାର ଭୋଟର ପରିଚୟପତ୍ର , ରାଶନ କାର୍ଡ ପ୍ରସ୍ତୁତି ଚାଲିଛି।

ଗୁଜରାଟର 'ଚଣ୍ଡଲ ତଲବ' ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀ ମିନି ବାଂଲାଦେଶ ଭାବେ ବସତି ସ୍ଥାପନ କରିଛନ୍ତି ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ହେବ । ସ୍ଥାୟୀ ବାସିନ୍ଦାଭାବେ ବଂଶବିସ୍ତାର କରିବାକୁ ସୁଯୋଗ ସରକାର ଦେଲେ କିପରି? ସବୁ ଆବଶ୍ୟକ ପରିଚୟପତ୍ର ପ୍ରସ୍ତୁତି ସହ ନିର୍ବାଚିତ ପ୍ରତିନିଧି ବାଛିବା ପରେ ଏବେ ପ୍ରଶାସନର ନିଦ ଭାଙ୍ଗୁଛି। ଭାରତକୁ ନିଜର ବାସସ୍ଥାନ ,କର୍ମଭୂମି ଓ ଅର୍ଥ ରୋଜଗାରର ସ୍ଥଳ ମନେକରୁଥିବା ଲୋକମାନଙ୍କ ଚେର ଏତେ ଭିତରକୁ ଯାଇଛି ଯେ ତା'ର ମୂଳୋତ୍ପାଟନ ସମ୍ଭବ ନୁହେଁ। ଭାରତକୁ କବ୍‌ଜା କରିବା ପାଇଁ କେଉଁ ପ୍ରାଚୀନ କାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି । ପାର୍ସୀ,ଗ୍ରୀକ୍ ଆଫଗାନ,ମଙ୍ଗୋଲୀୟ,ମୋଗଲ,ପର୍ତ୍ତୁଗୀଜ, ଫ୍ରେଞ୍ଚ ଓ ପରିଶେଷରେ ବ୍ରିଟିଶ ସାମ୍ରାଜ୍ୟ ସେମାନଙ୍କର ଆଧିପତ୍ୟ ବିସ୍ତାର କରିଛନ୍ତି । ସମସ୍ତଙ୍କ ସେଇ ଗୋଟେ ଲକ୍ଷ୍ୟ ଲୁଣ୍ଠନ, ସାମ୍ରାଜ୍ୟ ପ୍ରତିଷ୍ଠା ଓ ବିସ୍ତାର, ବାଣିଜ୍ୟ ଆଧିପତ୍ୟ ସହ ଭାରତୀୟ ସଭ୍ୟତା ସଂସ୍କୃତିକୁ ନଷ୍ଟଭ୍ରଷ୍ଟକରି ଭାରତୀୟଙ୍କୁ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଅରାଜକତା ଆତଙ୍କ ସୃଷ୍ଟି କରିବା।

ସବୁ ଅରାଜକତା, ଆକ୍ରମଣ ,ଧର୍ମଘଟ ଓ ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ଗୃହଶତ୍ରୁମାନେ ଭୂମିକା ଗ୍ରହଣ କରିଆସିଛନ୍ତି । ଧର୍ମନିରପେକ୍ଷ ରାଷ୍ଟ୍ରର ଦ୍ୱାହିଦେଇ ଭାରତରେ କ'ଣ ସବୁ ଘଟାଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ଭାରତରେ ଯାହା ସବୁ ଘଟିଚାଲିଛି ସେ ସବୁ ପଛରେ ରାଜନୈତିକ ନେତୃତ୍ୱର ହାତ ସ୍ପଷ୍ଟ ଭାବରେ ବାରି ହେଉଛି। ଏସବୁ ସୁଯୋଗ ନେଇଛନ୍ତି ପଡ଼ୋଶୀ ରାଷ୍ଟ୍ର। ସେମାନେ ଭାରତୀୟଙ୍କ ଏକତାକୁ ସଦାସର୍ବଦା ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି।

ନିକଟରେ ପଞ୍ଜାବର ଜ୍ୟୋତି ମାଲହୋତ୍ରା ଆଇଏସ୍‌ଆଇଏସ୍ ଓ ପାକିସ୍ତାନୀ ଆତଙ୍କ ସଂସ୍ଥାକୁ ଭାରତୀୟ ଗୋପନ ତଥ୍ୟ ଓ ସମ୍ବେଦନଶୀଳ ସ୍ଥାନର ଫଟୋଚିତ୍ର ପ୍ରଦାନ କରିଛନ୍ତି। ଜ୍ୟୋତିଙ୍କ ଭଳି ଅନେକ ଅନୁପ୍ରବେଶକାରୀ ଯୁବତୀଯୁବକ ଭାରତରେ ରହି ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗ ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୂପଦେବାରେ ଲାଗିଛନ୍ତି। ପ୍ରଶ୍ନ ଉଠେ, ଭାରତରେ ଏତେ ସୁରକ୍ଷା କର୍ମୀ, ଗୋଇନ୍ଦା ବିଭାଗ କାର୍ଯ୍ୟରତ ଥାଇ ଅନୁପ୍ରବେଶ ହେଉଛି କିପରି? ଭାରତର ସୀମାରେ ସୁରକ୍ଷା ସହ ଆଭ୍ୟନ୍ତରୀଣ ସୁରକ୍ଷାକୁ ଧ୍ୟାନଦେବାର ଏହା ଏକ ଘଡ଼ିସନ୍ଧି ସମୟ। ଯଦି ଅବହେଳା କରାଯାଏ ତା'ର ପରିଣାମ ଭାରତର ଜନସାଧାରଣଙ୍କୁ ଭୋଗିବାକୁ ପଡ଼ିବ।

**ଅଧ୍ୟାପକ, ଦର୍ଶନ ବିଭାଗ, ବି.ଏନ୍.ଏମ୍.ଏ. ମହାବିଦ୍ୟାଳୟ, ଭଦ୍ରକ,**
**ମୋ: ୮୮୯୫୩୪୧୦୩୩**

# କାଳିଆ କେଉଁଠି



ଡ.କୁଳାଙ୍ଗାର

ଈଶ୍ୱର ବିଶ୍ୱାସୀ ହେବା ଭଲ କଥା, ତେବେ ଈଶ୍ୱରଙ୍କ ବିଶ୍ୱାସରେ ବସି ରହିଲେ କି ହୁଏ? ଈଶ୍ୱର ଏକ ଆମେ ଅନେକ। ଅତଏବ ସିଏ ଏକା ଏକା ତ ସବୁ ସ୍ଥାନକୁ ଯାଇ ପାରିବେ ନାହିଁ, ତେଣୁ ଆମ ଭିତରେ ଈଶ୍ୱରୀୟ ସତ୍ତା କିଛି ଛାଡ଼ି ଦେଇଛନ୍ତି ! ତେବେ ତାହା ସର୍ତ୍ତମୂଳକ, ଆପଣ ଚଳଚଞ୍ଚଳ ରହିଲେ ସେଇ ସତ୍ତାଟି ସକ୍ରିୟ ରହିବ, ଆଉ ଆପଣ ଅଳସୁଆ ହେଲେ ସିଏ ଶୋଇପଡ଼ିବ। ଆପଣ ସକାରାତ୍ମକ ହେଲେ ସେଇ ସତ୍ତାଟି ପ୍ରଚଣ୍ଡ ପ୍ରଭାବଶାଳୀ ହୋଇପଡ଼ିବ ଆଉ ନକାରାତ୍ମକ ହେଲେ ସିଏ ଏମିତି ଉଭେଇଯିବ ଯେ ବହୁଦିନ ଯାଏ ଖୋଜି ଖୋଜି ପାଇବେନି!

ତଥାପି ଈଶ୍ୱର ନିର୍ଦ୍ଦୟ ନୁହନ୍ତି। ଯେଉଁମାନେ ବାଲ୍ୟକାଳ ଅତିକ୍ରାନ୍ତ କଲାପରେ ଉପରୋକ୍ତ କାରଣରୁ ନିଜଠାରେ ଈଶ୍ୱରୀୟ ସତ୍ତାଟିକୁ ରଖିବାରେ ଅକ୍ଷମ ହୁଅନ୍ତି ସେଇମାନଙ୍କ ପାଇଁ ସିଏ ଦେବାଳୟରେ ଥିବା ମୂର୍ତ୍ତିରେ ଉପଲବ୍ଧ ଥାନ୍ତି। ତାହା ମଧ୍ୟ ସର୍ତ୍ତମୂଳକ। ସେଇଠି ବିଶ୍ୱାସଟି ଇନ୍ଧନ। ଯେତେ ବିଶ୍ୱାସ ସେଇଠି କେନ୍ଦ୍ରିତ ହୋଇଥାଏ, ସେତେ ଲାଭ ସେଠାରେ ବିଶ୍ୱାସ ରଖି ପହଁଚୁଥିବା ଭକ୍ତମାନଙ୍କୁ ମିଳୁଥାଏ। ତଦନୁସାରେ ସେଇ ଦିଅଁ ସେତେ ପ୍ରଭାବଶାଳୀ ବୋଲାନ୍ତି! ସେଇମିତି ପ୍ରଭାବଶାଳୀ ଦିଅଁ ହେଲେ ଜଗନ୍ନାଥ।

ଲୋକଙ୍କୁ ନିକଟତର କରିବାର ସବୁଠାରୁ ସହଜ ଏବଂ ସରଳ ସୂତ୍ରଟି ହେଲା ତାଙ୍କୁ ସମର୍ପି ଦେବା। କହିବା ଏଇଟା ଲୋକଙ୍କର। ଖାଲି କହିଦେଲେ ତ ହେବନାଇଁ, ତାଙ୍କ ପ୍ରତି କିଛି ସମର୍ପଣ ରଖିବାକୁ ହେବ। ସେଇମିତି ଲୋକଙ୍କର ଠାକୁର ହେଲେ ଜଗନ୍ନାଥ। ସିଏ ତମ ଆମ ପରି ଦୈନନ୍ଦିନ କାର୍ଯ୍ୟ କରନ୍ତି, ତଥାପି ସିଏ ତମ ଆମ ପରି ନୁହନ୍ତି! ସତ କି ନାଇଁ? ସେଇ ସୂକ୍ଷ୍ମ ପ୍ରଭେଦଟି ହେଉଛି ମଣିଷ ଆଉ ଠାକୁର ଭିତରର ଫରକ। ସେଇ ଅମୂଲ୍ୟ ଗୁଣଧାରୀ ହୋଇଥିବାରୁ ସିଏ ଜଗତନାଥ।

ଜଗତର ନାଥ ବୋଲାଇବା ସତରେ କି ଏତେ ସହଜ? ସେ ଖାଲି ବଡ଼ ଦେଉଳ, ବଡ଼ ଦାଣ୍ଡର ମାଲିକ ନୁହନ୍ତି, ସିଏ ବଡ଼ ହୃଦୟର ଦେବତା ବଡ଼ଠାକୁର! ଏଇ ବଡ଼ ବିଚାରଟି ସିଏ ଆମକୁ କେଉଁ କାଳୁ ଦେଇଛନ୍ତି ହେଲେ ଆମେ ନିଜକୁ ଏତେ ଛୋଟ କରି ଦେଇଛେ ଯେ, ଆମେ ମାର୍କେଟିଂ ପଢିବାକୁ ଯାଇ ପଇସା ଦାଖଲ କରି 'ଥିଙ୍କ ବିଗ'ର ପାଠକୁ ଘୋଷି ହେଉଛେ କିନ୍ତୁ ବଡ଼ ଠାକୁରର ବାର୍ତ୍ତାକୁ ବୁଝି ପାରୁନେ!

ଯିଏ ତୁମ ପାଖକୁ ଆସି ପାରୁନି ତୁମେ ତା' ପାଖକୁ ଯାଅ। ଯେତେ ବଡ଼ ଲୋକ ହୋଇଥିଲେ ବି ରାସ୍ତାକୁ ବାହାରି ଆସ, ଅନେକ ଭିତରେ ଏକ ହୁଅ। ସବୁରି ସାଥିରେ ମିଶ, ସବୁରି ଶ୍ରଦ୍ଧାକୁ ସାଉଁଟି ତାଙ୍କର ସୁଖଦୁଃଖରେ ସାମିଲ ହୁଅ। ବେଶ ହୁଅ, ଶୁଦ୍ଧ ଏବଂ ସାଦା ଭୋଜନ କର, ଭାଇ ଭଉଣୀଙ୍କ ସହ ଏକାଠି ରୁହ, ମାଉସୀ ଘର ପରି ବନ୍ଧୁବାନ୍ଧବଙ୍କ ଘରକୁ ଯାଅ, ସମ୍ପର୍କ ରଖ। ଏମିତି ଏମିତି କେତେ ବାର୍ତ୍ତା ସିଏ ଦେଉନାହାନ୍ତି ଭଲା! ହେଲେ ଆମେ କି ବୁଝୁଛେ, ସିଏ ଯାହା ଦେଉଛନ୍ତି ଆମେ ତାହାକୁ ନ ନେଇ ତାଙ୍କୁ ଅଲଗା କଥାଟି ମାଗୁଛେ!



ତା'ର ହାତ ନାହିଁ! ତାକୁ ମାଗୁଛନ୍ତି ଏୟା ଦେ... ସେୟା ଦେ...! ଆରେ ବାଇମନ, ସେଇଥି ପାଇଁ ପରା ସିଏ ତୋତେ ହାତ ଦେଲେ, ତା' ସାଥିରେ ବୁଦ୍ଧି, ବିବେକ, ବିଚାର ଓ ସାହସ ଦେଲେ। ଆଉ କ'ଣ ଦେଇଥାନ୍ତେ? ତାହାକୁ ଉପଯୋଗ କରି ତୁ କ'ଣ ନ ପାଇପାରିବୁ? ସେଇ ପୁଣି ଏ ବଡ଼ ବଡ଼ ଆଖି କରି ଖୋଜିବାର, ଆବିଷ୍କାର କରିବାର ବାର୍ତ୍ତା ଦେଲେ, ତଥାପି ତତେ ତାହା ଦିଶିଲା ନାହିଁ! ସିଏ ନିଜେ ଅସମ୍ପୂର୍ଣ୍ଣ ରହି ଆମକୁ ପୂର୍ଣ୍ଣ କରିଛନ୍ତି, ତଥାପି ହେଲା ନାଇଁ ହେଲା ନାଇଁ, ମୋର କିଛି ନାଇଁ କିଛି ନାହିଁ ବୋଲି କହି ଆମେ ତାଙ୍କୁ ଆମ ନିଜ ଭିତରୁ ନିକାଲି ଦେଉଛେ। ସିଏ କହିଲେ ଅପୂର୍ଣ୍ଣତା ଭିତରେ ହିଁ ପୂର୍ଣ୍ଣତା ଅଛି, କିନ୍ତୁ ସତରେ କିଏ ଅସମ୍ପୂର୍ଣ୍ଣ ଶରୀରଧାରୀ ମଣିଷଟିଏକୁ ସେବା କରିବାକୁ ଅବା କୋଳେଇ ନେବାକୁ ଆଗ୍ରହୀ?

ବଡ଼ ଚିନ୍ତାକର, ବଡ଼ ହୁଅ ଆଗକୁ ବଡ଼ ବୋଲି ତା'ର ବାର୍ତ୍ତାକୁ କେତେଜଣ ବୁଝିଛନ୍ତି? କାଳିଆର ବଡ଼ ଦେଉଳଠୁଁ ଆହୁରି ବଡ଼ ପ୍ରାସାଦ ତୋଳି ଲୋକେ ରହିଲେଣି! ହେଲେ କାଳିଆ ପରି କେତେଜଣ ଅନ୍ୟମାନଙ୍କୁ ସେଠାକୁ ପ୍ରବେଶ କରାଇ ଆଶ୍ରା ଦେଇଛନ୍ତି? ଅନେକ ସ୍ଥାନରେ ବଡ଼ଦାଣ୍ଡପରି ଅଥବା ତା'ଠୁ ଓସାରିଆ ରାସ୍ତା ହେଲାଣି! ତଥାପି ନିଜ ଜାଗା ସାମ୍ନାରେ ଥିବା କିଛି ସରକାରୀ/ ସର୍ବସାଧାରଣ ଜାଗାକୁ ଛାଡ଼ିବାକୁ କୁଣ୍ଠକୁଣ୍ଠ! ରାଜ୍ୟସାରା ଜଗାର ଜାଗା ଓ ଜମିବାଡ଼ି ପଡ଼ିଛି। ତାହାକୁ ଲୋକେ ମାଡ଼ିବସିଛନ୍ତି, ନିଜର ବାପ ସମ୍ପତ୍ତି ପରି ସେଥିରୁ ଫଳିଥିବା ଫସଲକୁ ଖାଉଛନ୍ତି। ସେଥିରୁ ତାକୁ ଭାଗ ଦେବେ କ'ଣ ଆଉ ଦେ... ଆଉ ଦେ... ବୋଲି ମାଗିବାକୁ ଦୌଡ଼ି ଆସୁଛନ୍ତି।

ତିନି ଦିଅଁଙ୍କ ଭିତରେ ଯିଏ ତ୍ରିପଣ୍ଡ କଳା, ସିଏ ହେଉଛନ୍ତି ବଡ଼ ଠାକୁର! ବର୍ଣ୍ଣଭେଦ ବିରୋଧୀ ଏଇ ସମୟତାର ବାର୍ତ୍ତାକୁ ଆମେ କେତେଜଣ ବୁଝିଛେ? ଯଦି ବୁଝିଛେ, ତା' ହେଲେ କିଏ କଳା ବୋହୂଟିଏକୁ ସାଦରେ ସ୍ୱାଗତ କରିବାକୁ ଆଗ୍ରହୀ? ସିନେମାରେ ତା' ବର୍ଣ୍ଣର କେତେ ଅଭିନେତା/ ଅଭିନେତ୍ରୀଙ୍କୁ ଆମେ ନିଜ ହୃଦୟରେ ସ୍ଥାନ ଦେଇଛେ। ତା' ଅଦୃଶ୍ୟର ମଣିଷଙ୍କୁ ଆମେ କେତେ ଆଦର କରୁଛେ? ତା'ର ଭାବକୁ ନ ବୁଝିଲେ, ତା'ର ଇଚ୍ଛାକୁ ନ ରଖିଲେ ତାକୁ ପାଇବା କ'ଣ ଏତେ ସହଜ?

ଏମିତି କେତେ କେତେ ବାର୍ତ୍ତା ସିଏ ଦିଅନ୍ତି, ଯାହାକୁ ବର୍ଣ୍ଣନା କରିବା ପାଇଁ ଏଠାରେ ସ୍ଥାନ ନିଅଣ୍ଟ। ସିଏ ଯାହା ଚାହାନ୍ତି ଆମେ ତାହା କରୁନା, ସିଧା କହିଲେ ଆମେ ତାଙ୍କ ବୋଲ ମାନୁନା। କିନ୍ତୁ ଆମେ ଯାହା ଚାହୁଁଛୁ ସିଏ ତାହା ଦେଇଦିଅନ୍ତୁ ବୋଲି ମାନସିକ ରଖି ଆଶା କରି ତାଙ୍କ ପାଖକୁ ଧାଇଁଯାଉ। ମନେରଖିବାକୁ ହେବ, ସିଏ ଅନ୍ତର୍ଯାମୀ। ତାଙ୍କର ଇଚ୍ଛା ଯାହା ଆମେ ସେଇ ପ୍ରକାର କର୍ମ କଲେ, କଷ୍ଟକରି ଯିବା ଦରକାର ନାହିଁ ସିଏ ନିଜେ ଆମ ପାଖକୁ ଆସିବେ!

ଅତଏବ ପ୍ରଶ୍ନ ଉଠେ, ଏଠି ସେଠି ଦେଉଳ ତୋଳିଦେଲେ, ରଥଗଡ଼ି ଟାଣିଦେଲେ ତାହା ଶ୍ରୀକ୍ଷେତ୍ର ହୋଇଯିବା ଏତେ ସହଜ ଓ ସରଳ? ଏହି ପ୍ରଶ୍ନର ଉତ୍ତରଟି ହେଲା – ହଁ ତାହା ଅତି ସହଜ ଓ ସରଳ, କିନ୍ତୁ ତାହାକୁ କରାଇବା ପାଇଁ ମଣିଷ ଏଯାଏ ସେତେ ସହଜ ଓ ସରଳ ହୋଇପାରିନାହିଁ ଏବଂ ନିକଟ ଭବିଷ୍ୟତରେ ହେଲାପରି ମଧ୍ୟ ଦିଶୁନାଇଁ!

**କଳାଘର – ଲେମ୍ବୋ, ନରସିଂହପୁର,**
**କଟକ, ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଚାର୍ଟର୍ଡ ଆକାଉଣ୍ଟାଣ୍ଟ ସଞ୍ଜୟ ଡୋଗ୍ରାଜକା ଜନସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଗୋଟିଏ ପଟେ ନିଜ ବୃତ୍ତିକୁ ଚଳାଇବା ସହ ପ୍ରତିଦିନ ଅସହାୟ ଲୋକଙ୍କୁ ୧୦ ଟଙ୍କାରେ ପେଟପୂରା ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ତାଙ୍କ ଷ୍ଟଲ୍ ଖୋଲୁଛି ଦିନ ୧୨ଟାରେ ଓ ବନ୍ଦ ହେଉଛି ସାଢ଼େ ଦୁଇଟାରେ। ଏଠାରେ ଶ୍ରମିକ, ରିକ୍ସାବାଲା ଖାଉଛନ୍ତି। ପ୍ରତିଦିନ ୨୦୦–୨୫୦ ଲୋକ ଖାଉଛନ୍ତି ଏବଂ ସେମାନଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ଏହି କାର୍ଯ୍ୟ ପରିଚାଳନା ପାଇଁ ସଞ୍ଜୟ 'ହମାରି ଉଡାନ' ଏନ୍‌ଜିଓ ଗଠନ କରିଛନ୍ତି। ରୋଷେଇ ଓ ଖାଦ୍ୟ ପରଷିବା ପାଇଁ ଏକ ଟିମ୍ ଅଛି। ଏହାବ୍ୟତୀତ ୫ ଜଣ ରୋଷେଇରେ ଓ ଆଉ ପାଞ୍ଚଜଣ ଷ୍ଟଲରେ ରହୁଛନ୍ତି। ବହୁ ସମୟରେ ନିଜେ ସଞ୍ଜୟ ଷ୍ଟଲରେ ରହି ଖାଦ୍ୟ ଦେଉଛନ୍ତି। ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ସଞ୍ଜୟ ଏହି କାମରେ ସୀମିତ ରହିନାହାନ୍ତି, ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆଖି ଓ ଦାନ୍ତ ଚିକିତ୍ସା ପାଇଁ ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୭୬

- ଭାରତରେ ଟେଲିଯୋଗାଯୋଗର ସମ୍ପ୍ରସାରଣ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଭାରତକୁ ୮ କୋଟି ଡଲାର ଋଣ ପ୍ରଦାନ।
- ଚୀନ୍‌ର ଜାତୀୟ ଗଣ କଂଗ୍ରେସ (ପାର୍ଲାମେଣ୍ଟ)ର ଚେୟାରମ୍ୟାନ୍ ମାର୍ଶାଲ ଚୁ ତେ'ଙ୍କ ୯୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ–ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ ।

–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### 'ରଥ ମନୋହର' ଏବେ ସାତ ସପନ

ମହାଶୟ,

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବେଳେ ଶ୍ରଦ୍ଧାଳୁ ଖୋଜୁଛନ୍ତି ପୁରୁଣା ସମୟର 'ରଥ ମନୋହର'। ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ ଏହି ଭୋଗ ନୈବେଦ୍ୟ ଏବେ ପ୍ରସ୍ତୁତ ହେଉନାହିଁ। ପରମ୍ପରା ରହିଛି ପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ବେଳେ ଶୁଖିଲା ଭୋଗ ଅର୍ପଣ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରଥାରୂଢ଼ ଶ୍ରୀଜୀଉଙ୍କ ଭୋଗ ସମ୍ପର୍କରେ ବିବରଣୀ ରହିଥିଲେ ମଧ୍ୟ ଏସବୁ ଭୋଗ ତାଲିକା ଲୋପ ପାଇବାରେ ଲାଗିଛି। ସମ୍ପ୍ରତି ମନ୍ଦିର ପ୍ରଶାସନର କର୍ମଚାରୀ ସଂଖ୍ୟା ଓ ମନ୍ଦିର ସ୍ଥାୟୀ ଜମା ପରିମାଣ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିବାବେଳେ ପ୍ରଭୁଙ୍କ ରଥଯାତ୍ରା ବେଳେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ଭୋଗ ସାମଗ୍ରୀ ସଂଖ୍ୟା ହ୍ରାସ ପାଇବା ଭକ୍ତମନରେ ଆଘାତ ଦେଇଛି। ସମସ୍ତେ ଏବେ ବ୍ୟକ୍ତିଗତ ସେବା ଅଧିକାର ସାବ୍ୟସ୍ତ କରୁଥିବା ବେଳେ ପ୍ରଭୁଙ୍କ ସେବା ସଂଖ୍ୟା କିନ୍ତୁ ହ୍ରାସ ପାଇବାରେ ଲାଗିଛି। ମନେମ୍ପହେଉଛି ସ୍ୱତ୍ୱଲିପିର ପୃଷ୍ଠା ଭିତରେ ସୀମିତ ରହିଯାଇଥିବା ରଥ ଉପରେ ଶୁଖିଲା ଭୋଗ ସାମଗ୍ରୀଗୁଡ଼ିକ ପୁନଃ ପ୍ରଚଳନ କରିବାରେ ପ୍ରଶାସନର ଆଗ୍ରହ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଲାଗି ହେଉଥିବା ବିଲୁପ୍ତପ୍ରାୟ ଭୋଗ ସାମଗ୍ରୀ ମଧ୍ୟ ସଂସ୍କୃତି, ପରମ୍ପରାର ଏକ ଅଂଶ ବିଶେଷ ଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି।

**–ହୃଷୀକେଶ ପୁହାଣ, ଥାଇଲୋ, ବାଲିକୁଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଷ ପିଇଲେ ପ୍ରେମୀ ଯୁଗଳ

ଛତ୍ରପୁର,(ଦିଲୀପ ସାମଲ): ଛତ୍ରପୁର ଥାନା ଅଞ୍ଚଳରେ ଏକ ପ୍ରେମୀ ଯୁଗଳ କୌଣସି କାରଣକୁ ନେଇ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଉଭୟଙ୍କୁ ଆମ୍ବୁଲାନ୍ସରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲ ପଠାଯାଇଛି। ଛତ୍ରପୁର ଥାନା ଅଞ୍ଚଳର ଜଣେ ଗାଡି ଚାଳକଙ୍କର ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେବେ କୌଣସି କାରଣକୁ ନେଇ ସୋମବାର ଅପରାହ୍ନରେ ସେମାନେ ଛତ୍ରପୁର ଉଲ୍ଲେଶ୍ୱରୀ ମନ୍ଦିର ନିକଟରେ ବିଷ ପିଇ ଦେବାରୁ ଗୁରୁତର ହୋଇଥିଲେ। ଛତ୍ରପୁର ପୋଲିସ ମେଡିକାଲ ପହଞ୍ଚି ତଦନ୍ତ କରିଥିଲା।

# ୧୬୬ ଅଭିଯୋଗ ଶୁଣାଣି କଲେ ସିଡିଓ

ଛତ୍ରପୁର,୭ା୭(ଦିଲୀପ ସାମଲ): ଛତ୍ରପୁର ଉପଖଣ୍ଡ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ଓ ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ୧୬୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୫୯ଟି ବ୍ୟକ୍ତିଗତ ଓ ୭ଟି ସାମୁହିକ ଅଭିଯୋଗ ରହିଛି। କେତେକ ଅଭିଯୋଗର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି। ଏହା ସହିତ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଛତ୍ରପୁର ଉପଖଣ୍ଡ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ଯୋଗ ଦେଇ ସେମାନଙ୍କ ଅଭିଯୋଗ ଗୁଡିକ ସିଡିଓ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା,ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ନ ମିଳିବା ଆଦି ଅଭିଯୋଗ ରହିଛି।

# ହାତୀ ଆକ୍ରମଣରେ ଗାଇ ମୃତ

ଜି.ଉଦୟଗିରି,୭ା୭(ବିଜୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରଡିଙ୍ଗା ମଗରଗୁଡ଼ା ଗ୍ରାମରେ ରବିବାର ରାତିରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ମତ ଅନୁସାରେ ହାତୀ ଗାଁରେ ପଶି ବାସଗୃହ ନଷ୍ଟ କରି ଗୁହାଳ ଭିତରେ ବନ୍ଧା ୩ଟି ଗାଈ ମଧ୍ୟରୁ ଗୋଟିଏ ଗାଈକୁ ମାରି ଦେଇଥିବା ସୂଚନା ମିଳିଛି। ଏବେ ବି ବନବିଭାଗ ହାତୀ ଘଉଡ଼ାଇବା ଉଦ୍ୟମ ଜାରି ରଖିଛି। ଫରେଷ୍ଟର ପ୍ରଶାନ୍ତ ସାହୁ, ଫରେଷ୍ଟ ଗାର୍ଡ ମନୋଜ ମହାପାତ୍ର ଓ ଅନ୍ୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହାତୀ ଉପଦ୍ରବରେ କ୍ଷୟକ୍ଷତି ଭରଣା ପାଇଁ ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏହା ହାତୀ ଉପଦ୍ରବ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ

ଫୁଲବାଣୀ,୭ା୭ (ରାକେଶ କୁମାର ରାଉତ)

କନ୍ଧମାଳ ପୋଲିସ ନିକଟରେ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ମହିଳା ଏବଂ ଜଣେ ପୁରୁଷ ରହିଛନ୍ତି। ସେମାନେ ହେଲେ ଛତିଶଗଡ଼ର ସୁକମା ଜିଲାର ମାଡେ ଦେଢି ଓରଫ ଡମ୍ପା, ଆଡମୋ ମାଧଭିଓରଫ ମଞ୍ଜୁ ଏବଂ ରାକୁଭେଡ଼ିଓରଫ ଅଜୟ। ତମ୍ପା ବିଜିଏନ୍ ସଂଗଠନରେ ଡିସିଏମ୍ କ୍ୟାଡର ଥିବା ବେଳେ ମଞ୍ଜୁ ଏବଂ ଅଜୟ କେକେବିଏନ୍ ସଂଗଠନରେ ଏସିଏମ୍ ଭାବେ କାର୍ଯ୍ୟ କରୁଥିଲେ ବୋଲି ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

ତମ୍ପା ୨୦୦୯ରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ମଞ୍ଜୁ ୨୦୧୧ ଏବଂ ଅଜୟ ୨୦୧୬ରେ ସାମିଲ ହୋଇଥିଲେ। ଏମାନେ ସମସ୍ତେ ଛତିଶଗଡ଼ କ୍ୟାଡରର। ସମସ୍ତେ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ–ଛତିଶଗଡ଼ କରିଡରକୁ ପୁନଃ ସକ୍ରିୟ କରିବା ଦିଗରେ ଏମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓବାଦୀ କାର୍ଯ୍ୟକଳାପରେ ଏମାନଙ୍କ ସମ୍ପୃକ୍ତି ଥିଲା। କିଛିଦିନ ତଳେ ବାଲିଗୁଡା ଥାନା ଅଞ୍ଚଳରେ ପୋଲିସ ସହ ଗୁଳି ବିନିମୟ ବେଳେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲାରେ ଲଗାତାର ମାଓବାଦୀ ସଙ୍ଗଠନ ଦୁର୍ବଳ ହେଉଛି। ଗତ ମାସକ ମଧ୍ୟରେ ୧୫ ମାଓବାଦୀଙ୍କ ସଂଖ୍ୟା କମିଛି। ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲାରେ ଏମାନଙ୍କ ସଂଖ୍ୟା ୫୦ରୁ ୬୦ ଭିତରେ ରହିଛି। ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ସେମାନଙ୍କୁ ଆହ୍ୱାନ ଦେଉଛୁ। ଓଡ଼ିଶା ପୋଲିସ ଉପରେ ଭରସା କରି ଏହି ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହିଁବେ, ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ଆଇଜି କହିଛନ୍ତି।ସୁରକ୍ଷା ବାହିନୀ ପକ୍ଷରୁ ଲଗାତାର ମାଓବାଦୀ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବିତସ୍ପୃହ ହୋଇ ପୋଲିସ ପାଖରେ ଆତ୍ମସମର୍ପଣ କରିଛୁ ବୋଲି ମାଓବାଦୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଘୋଷିତ ପ୍ୟାକେଜ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବି.ସି ଏବଂ ୧୨୭ ସିଆର୍‌ପିଏଫ୍ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।



# ଏକକାଳୀନ ୩ ସନ୍ତାନ ପ୍ରସବ କଲେ କୁଟିଆ ମହିଳା

ତୁମୁଡିବନ୍ଧ,୭ା୭(ଦୀପକ ରାଉତ)

ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତରେ ଜଣେ କୁଟିଆ ମହିଳା ରବିବାର ଏକକାଳୀନ ୩ ସନ୍ତାନ ପ୍ରସବ କରିଛନ୍ତି। ବେଉଗାଡ଼ା ଗ୍ରାମର କଂସ ମାଝିଙ୍କ ସ୍ତ୍ରୀ ରଞ୍ଜିତା ମାଝି ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାଭାବିକ ଭାବେ ୩ଟି ପୁତ୍ର ସନ୍ତାନ ପ୍ରସବ କରିଛନ୍ତି। ୩ ସନ୍ତାନଙ୍କ ସହ ମା' ରଞ୍ଜିତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି ସେଠାର ସ୍ୱତନ୍ତ୍ର ନବଜାତ ଶିଶୁକେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି। ମା ଓ ୩ ଶିଶୁ ସୁସ୍ଥ ଥିବା ବାଲିଗୁଡା ଉପଖଣ୍ଡ ଚିକିତ୍ସାଧିକାରୀ ଶ୍ରବଣ କୁମାର ସାହୁକାର କହିଛନ୍ତି। ରଞ୍ଜିତାଙ୍କ ପ୍ରସବ ବେଦନା ହେବାରୁ ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରସନ୍ନ କୁମାର ସୁନା ପ୍ରାଥମିକ ଚିକିତ୍ସା କରିବା ସମୟରେ ପ୍ରଥମ ଶିଶୁ ଜନ୍ମ ନେଇଥିଲା। ପୁଣି ଶିଶୁ ଜନ୍ମ ହେବାକୁଥିବା ଜାଣିବା ପରେ ଡାକ୍ତର ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟଜ୍ୟୋତି କର ଓ ଜଣେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ତତ୍ତ୍ୱାବଧାନରେ ଆଉ ୨ଟି ସନ୍ତାନ ପ୍ରସବ କରାଇବାରେ ସଫଳ ହୋଇଛନ୍ତି।

# ଅଧରପଣା ଦିନ ମନ୍ଦିରରେ ପହଞ୍ଚିଲେ ମହାପ୍ରଭୁ



ଦାରିଙ୍ଗବାଡ଼ି, ୭ା୭ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସିମନବାଡି ଠାରେ ସୋମବାର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରାତିକାନ୍ତି ପରେ ପୁଣି ରଥରେଶ କାର୍ଯ୍ୟ କରାଯାଇଛି। ମହାପ୍ରଭୁଙ୍କ ଅଧରପଣାର ନୀତିକାନ୍ତି କରାଯିବା ପରେ ପୁଣି ରଥରେଶ ଯାଇଛି। ଶନିବାର ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରୁ ବାହାରି ବଜାରରେ ଅଟକି ଯାଇଥିଲେ। ସେଠାରେ ମା'ଦୁର୍ଗା ମନ୍ଦିର ସମ୍ମୁଖରେ ୨ ଦିନ ଧରି ପୂଜା ପାଇଥିଲେ। ସୁନାବେଶ ଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ରହିଥିବା ବେଳେ ଅଧରପଣା ନୀତି କରାଯାଇଥିଲା। ଏହି ନୀତିକାନ୍ତିକୁ ଜଗନ୍ନାଥ ମନ୍ଦିର ପୂଜକ ସତ୍ୟନାରାୟଣ ପଣ୍ଡା ସମ୍ପାଦନ କରିଥିବା ବେଳେ ୨ ଦିନ ଧରି ଅର୍ନ ଭୋଗ ଓ ଅନ୍ୟାନ୍ୟ ଭୋଗ ମହାପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଇଥିଲା। ଏହାକୁ ଆଶୁତୋଷ ସାହୁ, ସରୋଜ ସାହୁ, ବିନୋଦ ସାହୁ, ବାଥଲାମ ନାୟକ, ପିଣ୍ଟୁ ସାହୁ, ଚିତ୍ତରଞ୍ଜନ ସାହୁ, ମହେଶ ସାହୁ, ଅମୂଲ୍ୟ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ୮ ଆଦିବାସୀ ଗ୍ରାମବାସୀ

## ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଛତ୍ରପୁର,୭ା୭(ଦିଲୀପ ସାମଲ): ଜମି, ଘରବାରି ପଟ୍ଟା ଏବଂ ଗାଁକୁ ରାସ୍ତା, ପାନୀୟ ଜଳ ଯୋଗାଣ ଆଦି ମୌଳିକ ସୁବିଧାରୁ ବଞ୍ଚିତ ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ୮ ଖଣ୍ଡ ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସିନ୍ଦୁରପଲ୍ଲୀ, ବେଙ୍ଗେଇସାହି, ଦ୍ୱିତୀୟାସାହି, ଫୁଡାଡିହ, ବାଟଡିହପଡା, କରାବାଙ୍କି, ବୁରୁଡାସିଂ, ଗମ୍ଭାରୀଖୋଇ, ଯନ୍ତ୍ରଗଡ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଦିବାସୀ ଓ ଦଳିତ ଲୋକେ ବସବାସ କରୁଥିବା ଉପରୋକ୍ତ ଗ୍ରାମଗୁଡିକୁ ରାସ୍ତା ନଥିବାରୁ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ଆଣିବାରେ ଅସୁବିଧା ହେଉଛି। କେବେ କେବେ ରୋଗୀଙ୍କୁ ମେଡିକାଲ ଆଣିବା ବେଳେ ରାସ୍ତାରେ ମୃତ୍ୟୁ ହେଉଛି। ୮ ଖଣ୍ଡ ଗ୍ରାମର କୌଣସି ବ୍ୟକ୍ତିଙ୍କ ଘରବାଡି ପଟ୍ଟା ନଥିବାରୁ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜାତିଗତ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ପତ୍ର ନାହିଁ। ଗ୍ରାମକୁ ଦିଆଯାଇଥିବା କୋଠଘର ଏବଂ ସୋସାଇଟ ଘର ମରାମତି, ଝଗଡାପଲ୍ଲୀ ମୌଜାରେ ପଟ୍ଟା ମିଳିଥିବା ବ୍ୟକ୍ତିଙ୍କ ଜମି ଚିହ୍ନଟ କରିବା ଏବଂ ପଟ୍ଟା ପାଇନଥିବା ବ୍ୟକ୍ତିଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରିବା ଓ ବାଘଲଟି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା କିଛି ପରିବାରକୁ ଟଙ୍କା ମିଳିନଥିବା ବେଳେ ସେମାନଙ୍କୁ ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି।


## INDIRA PRIYADARSHINI WOMEN'S HIGHER SECONDARY SCHOOL

AT/PO - G.UDAYAGIRI, DIST. : KANDHAMAL, ODISHA

**WALK-IN-INTERVIEW**

A walk in interview will be held on 17/07/2025 (Thursday) at 10.00 A.M. onwards in the office chamber of the Principal-cum-Secretary for **ONE POST of PHYSICAL EDUCATION TEACHER (P.E.T.)** on a temporary/contract basis. Interested candidates (Preferable for women) having required qualification of B.P.E.D. or equivalent are requested to reach the venue on or before 10.00 A.M. along with all Original Document (Certificates & testimonials). One set of self attested photocopy and Bio-data.
No TA/DA shall be provided for attending the interview.
**For more details contact : 9556014464.**

Sd./- Principal-cum-Secretary
I.P.Women's Higher Secondary School,
G.Udayagiri, Dist.: Kandhamal

No.B-273

## GOVERNMENT OF ODISHA
## e-Procurement Notice
## ANGUL (R&B) DIVISION

**Bid Identification No.- 13 of 2025-26**

e-mail ID- angulrbdivision@yahoo.co.in

1. Number of Works : 01 (One) number of Electrical work
2. Approximate estimated cost : 47.41 lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.08.07.2025 at 10.00 A.M.**
5. Last date/ Time for receipt of bid in the portal : **Dt.18.07.2025 up to 5.00 P.M.**
6. Date of opening Bid : **Dt.19.07.2025 at 11.00 A.M.**
7. Name and address of the Office inviting Bid : Superintending Engineer, Angul (R&B) Division, Angul
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- Superintending Engineer
Angul (R&B) Division

OIPR-34074/11/0030/2526

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 17-SBP-TRD-OT-2025-26, ତା. 01.07.2025 ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ - ଥେରୁବାଲି ସେକ୍ସନରେ କି.ମି. 205/27-29 ଠାରେ ଟିଟିଲାଗଡ଼ - କେସିଙ୍ଗା ମଧ୍ୟରେ ମାନବଯୁକ୍ତ ଲେବୁଲ କ୍ରସିଂ ଫାଟକ RV-163 ର ଇଣ୍ଟରଲକିଂ ଏବଂ 20 ହଜାରରୁ ଅଧିକ TVU ଥିବା ଲେବୁଲ କ୍ରସିଂ ଫାଟକ (RV-164, ST-63)ର ଇଣ୍ଟରଲକିଂ" କାର୍ଯ୍ୟ ସହିତ ଜଡ଼ିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 42,72,739.11, EMD (₹) : 85,500.00, ଶେଷ ହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-328/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ବିଭାଗୀୟ ମୂଲ୍ୟ; ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: ୧); ସିଓଏମ୍‌୫୪-ଏଏମ୍‌ଏନ୍-ଆର୍‌ଓୟୁ-ପିଏଚ୍-୨୫ ତାରିଖ:୦୧ା୦୭ା୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ରାଉରକେଲା ରେଳ ଷ୍ଟେସନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୮୧,୩୭,୯୨୩.୧୦; ₹୧,୭୨,୮୦୦.୦୦; ୨); ସିଓଏମ୍‌୫୪-ଏଏମ୍‌ଏନ୍-ଟିଏଟିଏ-ପିଏଚ୍-୨୫ ତାରିଖ:୦୧ା୦୭ା୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଟାଟାନଗର ରେଳ ଷ୍ଟେସନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୧,୭୦,୭୨,୯୪୮.୦୦; ₹୨,୩୫,୪୦୦.୦୦; ୩); ସିଓଏମ୍‌୫୪-ଏଏମ୍‌ଏନ୍-ଜେଏସ୍‌ଜି-ପିଏଚ୍-୨୫ ତାରିଖ:୦୧ା୦୭ା୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଝାରସୁଗୁଡ଼ା ରେଳ ଷ୍ଟେସନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୫୨,୨୦,୧୦୫.୯୦; ₹୧,୦୪,୪୦୦.୦୦; ୪); ସିଓଏମ୍‌୫୪-ଏଏମ୍‌ଏନ୍-ସିକେପି-ପିଏଚ୍-୨୫ ତାରିଖ:୦୧ା୦୭ା୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଚକ୍ରଧରପୁର ରେଳ ଷ୍ଟେସନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ। ₹୨୮,୨୮,୧୮୭.୯୦; ₹୫୬,୬୦୦.୦୦; ୫); ସିଓଏମ୍‌୮୧-ଟିଟିଆର୍‌ଆର୍-ଜେଏସ୍‌ଜି-ଆର୍‌ଓୟୁ-୨୫ ତାରିଖ: ୦୨ା୦୭ା୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ରାଉରକେଲା ଓ ଝାରସୁଗୁଡ଼ା ରେଳ ଷ୍ଟେସନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରଖା; ₹୧,୧୧,୩୫,୨୨୮.୪୮; ₹୨,୦୫,୭୦୦; ୬); ସିଓଏମ୍‌୮୧-ଟିଟିଆର୍‌ଆର୍-ସିକେପି-ଟିଏଟିଏ-୨୫ ତାରିଖ: ୦୨ା୦୭ା୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ଟାଟାନଗର ଓ ଚକ୍ରଧରପୁର ରେଳ ଷ୍ଟେସନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରଖା; ₹୯୬,୦୯,୭୭୧.୮୪; ₹୧,୯୨,୨୦୦.୦୦; ଟେଣ୍ଡର ଫର୍ମ ମୂଲ୍ୟ: ୫,୦୦୦ (କ୍ର.ସଂ. ୧-୩ ଓ ୫-୬ ପାଇଁ); ୩,୦୦୦ (କ୍ର.ସଂ. ୪ ପାଇଁ)। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୩.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୧ ରୁ ୪ ପାଇଁ) ଏବଂ ୨୪.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୫ ଓ ୬ ପାଇଁ); ୱେବ୍‌ସାଇଟ୍ ବିବରଣୀ: www.ireps.gov.in (କ୍ର.ସଂ. ୧ ଓ ୬ ପାଇଁ)। (PR-363)

No.CAD-964

idco | ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No. IDCO:H.O./P&C/EST/E-2923/01/2025/19026 Dated : 30.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Converting the entire median to Road in Surge Protection Embankment at Paradeep, Jagatsinghpur District, Odisha
2. Value of the work : Rs.1754.20 Lakhs
3. Period of completion : 08 (Eight) Calendar months
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/E-23/ 2025-26 | 10.07.2025 at 17.00 Hrs. | 25.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0189/2526

## FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.No. 527/2024**

**Bank of Maharashtra, BBSR Branch** ..................**Applicant**
**Versus**
**Biswaranjan Maharana & Others** ..............**Defendant(s)**

**To,**
**D-1) Mr. Biswaranjan Maharana,** S/o: Krutibash Maharana, Plot No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha (Borrower).
**D-2) Mrs. Rashmita Maharana,** W/o: Mr. Biswaranjan Maharana, Plot No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha (Co-Borrower cum Guarantor).

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 527/2024** in the court of the Debts of Recovery Tribunal, Cuttack for recovery of **Rs.20,05,440/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 16.07.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of May 2025.**

**Sd/- Registrar**

## FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A.No. 436/2024**

**Bank of Maharashtra, Berhampur Branch** ................**Applicant**
**Versus**
**Umesh Chandra Madhi & Others** ..............**Defendant(s)**

**To,**
**Umesh Chandra Madhi,** S/o: Satya Bajee Madhi, At/Plot No.: 349, Sikhar Chandi Nagar, Near Big Bazar, Ps: Infocity, Kalarahanga, KIIT, Khordha-751024, Permanent Address: C/o Lalumohan Behera, At: Jayamangal Nagar, Gate Bazar, Berhampur, Po: Berhampur Sadar, Dist Ganjam-760001.
**D-2) Smt. Namita Kumari Behera,** W/o: Umesh Chandra Madhi, At: Plot No.: 349, Sikhar Chandi Nagar, Ps: Infocity, KIIT, Khordha-751024, Present Address, At/Po: Plot No.: 349, Sikhar Chandi Nagar, KIIT, Khordha-751024.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 436/2024** in the court of the Debts of Recovery Tribunal, Cuttack for recovery of **Rs.22,03,694.00/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 24.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **3rd day of July 2025.**

**Sd/- Registrar**

## TPNODL
## TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) July 8th, 2025**

**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000989 | RC for Housekeeping and Facility management services at all Circle of PAN TPNODL |
| 2 | TPNODL/OT/2025-26/2500000974 | Rate Contract for Electrification of Households in Mayurbhanj & Keonjhar districts through Solar PV standalone system |
| 3 | TPNODL/OT/2025-26/3000000082 | RC for WhatsApp Business API Solution for TPNODL for 1 year |
| 4 | TPNODL/OT/2025-26/ 3000000077 | RC for Pest Control Services across TPNODL for a period of 1 year |
| 5 | TPNODL/OT/2025-26/ 2500001008 | Rate Contract of 1 year for supply of Hardware Fittings |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts &MM**

## TENDER NOTICE

**No. MM-115:-** Sealed tenders are invited from the intending purchasers for sale of confiscated vehicles of the following description on "as is where is basis" presently available in the campus noted against each so as to reach the office of the Divisional Forest Officer, Keonjhar Wildlife Division, Anandapur by 05.30 PM on 22.07.2025. The tender will be opened on 23.07.2025 at 11.00 AM.

The tender paper along with terms and conditions of the tender can be obtained from the office of the undersigned from 10.00 AM dated 08.07.2025 to 05.30 PM dated 21.07.2025 on any working day during working hours of the Divisional Forest Officer, Keonjhar Wildlife Division, Anandapur on submission of a Bank Draft/ Bankers Cheque of Rs. 100/- (Rupees one hundred) only drawn in favour of the Divisional Forest Officer, Keonjhar Wildlife Division, Anandapur payable at SBI Branch, Anandapur. For further details the undersigned may be contacted.

| Sl No. | Name of vehicle | Registration No. | Place of storage |
|---|---|---|---|
| 1 | Commander Jeep | OR-22-3529 | Kathakata |
| 2 | Tata 207 DI | OR-09F-6289 | Kathakata |
| 3 | Tata 207 DI | WB-39-9722 | Kathakata |
| 4 | Bolero | OR-02N-9687 | Kathakata |
| 5 | Bolero DI | OR-05K-6907 | Kathakata |
| 6 | Tata Spacio | OR-02M-8021 | Kathakata |
| 7 | Bolero | OR-09G-4039 | Kathakata |
| 8 | Maruti 800 | WB-02G-3616 | Kathakata |
| 9 | Tata Xenon PickupWhite Colour | OD-09D-1945 | Kathakata |
| 10 | Mini Truck | OR-01-3579 | Anandapur |
| 11 | Bolero White Colour | OR-09U-4015 | Anandapur |
| 12 | Ashok Leyland Truck | OD-29C-8396 | Hadagarh |
| 13 | Commander Jeep | OR-09B-6282 | Deogaon |
| 14 | Tractor & Trolly | OR-04B-9529/9530 | Deogaon |
| 15 | TVS Motor Cycle | Engine No.- 9205M326892 | Deogaon |
| 16 | Bajaj Champion | OR-04A-1654 | Deogaon |
| 17 | Tractor & Trolly | OR-09-4213, OR-09-4214 | Deogaon |
| 18 | Tata 207 DI | Engine No.-26240115 Chassis No. 374463CTZ912002 | Deogaon |
| 19 | Bolero | OR-09G-9014 | Deogaon |
| 20 | Yamha Rx 100 Engine No. 111035338 | Engine No. 111035338 | Deogaon |
| 21 | Bajaj Classic Scooter | Not Visible | Deogaon |
| 22 | Suzuki Samurai | OR-04A-0843 | Deogaon |
| 23 | Bajaj CT 100 | OR-A2-2271 | Deogaon |
| 24 | Hero Honda Passion Plus | OR-09G-5381 | Deogaon |
| 25 | Max Maxi Truck | OR-09H-9215 | Deogaon |
| 26 | Hero Honda Passion Pro | OR-07-5852 | Deogaon |
| 27 | Suzuki Max 100 Motor Cycle | Engine No.I204M266869 Chassis No.1204F211127 | Deogaon |
| 28 | Bajaj Scootor | OR-04B-3503 | Deogaon |
| 29 | Suzuki Max 100 Motor Cycle | OR-04B-4787 | Deogaon |
| 30 | Hero Honda Passion Plus | Not Visible | Deogaon |
| 31 | Hero Honda Splender Plus | OD-05AF-9304 | Deogaon |
| 32 | Hero Honda Splender Plus | OR-05T-1019 | Deogaon |
| 33 | Hero Honda Splender Plus | OR-04C-2241 | Deogaon |
| 34 | Hero Honda Splender Plus | Not Visible | Deogaon |
| 35 | Hero Honda Splender Plus M/C | Not Visible | Deogaon |
| 36 | Hero Honda Splender Plus M/C | Not Visible | Deogaon |
| 37 | Hero Honda Glamor | OR-09J-8763 | Deogaon |
| 38 | Hero Honda Splender Plus | Chassis No.MBLHA10EJ8HH07213 | Deogaon |
| 39 | Hero Honda Passion Plus | Chassis No.04C0961502 | Deogaon |
| 40 | Tata Magic | OD-04A-1027 | Deogaon |
| 41 | Marshal | OR-04B-9035 | Hadagarh |
| 42 | Truck | OR-09-7451 | Hadagarh |
| 43 | XENON Pick up | OD-22A-0746 | Hadagarh |
| 44 | Hero Honda Motor Cycle | OR-04G-5105 | Brahmanipal |
| 45 | Suzuki Motor Cycle | OR-04A-5177 | Brahmanipal |
| 46 | Hero Honda Splender plus | OR-05M-1029 | Brahmanipal |
| 47 | Tata 207 DI Pickup Van | Engine No.WZ934149 Chassis No.374415AUZ900725 | Brahmanipal |
| 48 | Hero Honda Splender Plus | 0R-04D-1525 | Brahmanipal |
| 49 | Hero Honda Passion Pro | OR-07T-0556 | Brahmanipal |
| 50 | Hero Honda Passion Plus | OR-04H-6263 | Brahmanipal |
| 51 | Hero Honda Splender Plus | OR-09N-7996 | Brahmanipal |
| 52 | Hero Honda Splender Plus | Ch. No. MBLHA10EJ8GB02462 | Brahmanipal |
| 53 | Hero Honda Splender Plus | OR-09B-9424 | Brahmanipal |
| 54 | Tata Tipper | OR-09P-2638 | Brahmanipal |
| 55 | Bajaj Discover | OR-04Q-0064 | Brahmanipal |
| 56 | Hero Honda Splender Plus | CH. No.06K16C01776 | Brahmanipal |
| 57 | Hero Honda Splender Plus | OR-05Z-9859 | Brahmanipal |
| 58 | Hero Honda Splender Plus | OR-05-9758 | Brahmanipal |
| 59 | Hero Honda Passion Plus | OR-04J-6521 | Brahmanipal |
| 60 | Hero Honda Passion Plus | OR-22C-1795 | Brahmanipal |
| 61 | Hero Honda Passion Plus | OR-05Y-1189 | Brahmanipal |
| 62 | Motor Cycle | Chassis No.BFBGJ46401 | Brahmanipal |
| 63 | Hero Honda Passion Plus | OR-07L-0556 | Brahmanipal |
| 64 | Hero Honda Passion Plus | OD-22A-9755 | Brahmanipal |
| 65 | Hero Honda Splender Plus | OD-08C-8704 | Brahmanipal |
| 66 | Hero Honda Passion Plus | Not Visible | Brahmanipal |
| 67 | Hero Honda Splender Plus | Not Visible | Brahmanipal |
| 68 | Hero Honda Splender Plus | OR-09N-1541 | Brahmanipal |
| 69 | TVS Max 100 Motor Cycle | Not Visible | Brahmanipal |
| 70 | Hero Honda Splender | OR-04E-3792 | Brahmanipal |
| 71 | Hero Honda Passion Plus Black & Blue | Not Visible | Brahmanipal |
| 72 | Hero Honda Splender Plus Red Colour | Not Visible | Brahmanipal |
| 73 | Hero Honda CD Deluxe | Not Visible | Brahmanipal |
| 74 | Hero Honda CD Deluxe Black & Red Colour | OR-02BJ-7550 | Brahmanipal |
| 75 | Hero Honda Splender Plus | Not Visible | Brahmanipal |
| 76 | Hero Honda CD Deluxe | Not Visible | Brahmanipal |
| 77 | Hero Honda Passion Plus | OR-05AE-2051 | Brahmanipal |

Sd./- Divisional Forest Officer,
Keonjhar Wildlife Division, Anandapur

OIPR-08147/11/0012/2526

## ବଟି ମାଗି ୨ ବନ୍ଧା ହେଲେ

ବ୍ରହ୍ମପୁର,୭।୭(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେମାନେ ହେଲେ ବଡବଜାର ଅଞ୍ଚଳର ୱାଇ ରାମୁଲୁ ଓରଫ ରାମୁ(୫୦) ଓ ପି. ଶ୍ରୀନିବାସ ଓରଫ ଭାସୁ(୫୦) । ମିଲିଟାରୀ ଲାଇନର ଜି. ଶରତଚନ୍ଦ୍ର ରାଓ ସପ୍ତାହେ ତଳେ ରାମଲିଙ୍ଗମ ରୋଡ ଦେଇ ଯାଉଥିବା ବେଳେ ୪ ବ୍ୟକ୍ତି ତାଙ୍କୁ ଅଟକାଇ ୫୦ ହଜାର ଟଙ୍କା ବଟି ମାଗିଥିଲେ । ହେଲେ ଶରତ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ୧ ସପ୍ତାହ ମଧ୍ୟରେ ଦାଦାବଟି ଦେବୁ ନଚେତ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଶରତ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ଯୁକ୍ତ୨ ପ୍ରଥମ ମେରିଟ ଲିଷ୍ଟ ବାହାରିଲା

ବ୍ରହ୍ମପୁର, ୭।୭(ସୁବାସ ଚନ୍ଦ୍ର ପାଢ଼ୀ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ନାମଲେଖାର ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇଛି। ସରକାରୀସ୍ତରରୁ ମିଳିଥିବା ସୂଚନା ଅନୁସାରେ ଯୁକ୍ତ ଦୁଇ ନାମଲେଖାର ପ୍ରଥମ ମେରିଟ ଲିଷ୍ଟ ବାହାରିଛି। ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ମୋଟ ୪୫୪୬୮ ଟି ମୋଟ ସିଟ ରହିଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମୋଟ ୪୧୪୩୦ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ନାମଲେଖା ଚାଲିବା ନେଇ ସାମସ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ରହିଥିବା ୧୫୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪୧୦୮ଟି କଳା, ୧୬୫୩୬ ବିଜ୍ଞାନ, ୩୮୯୬ ବାଣିଜ୍ୟ, ୩୫୨ ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ୫୭୬ ସହ ସର୍ବ ମୋଟ ୪୫୪୬୮ ସିଟରେ ନାମ ଲେଖା ଯିବ। ସେହିପରି ବ୍ରହ୍ମପୁର ସହରରେ ୨୧ଟି ବିଦ୍ୟାଳୟରେ ମୋଟ ୮୬୪୦ ଟି ସିଟରେ ନାମଲେଖା ପ୍ରକ୍ରିୟା ଚାଲିବ। ତନ୍ମଧ୍ୟରୁ କଳାରେ ୨୩୫୨, ବିଜ୍ଞାନରେ ୪୮୦୦ , ବାଣିଜ୍ୟରେ ୧୪୨୪ ଓ ସଂସ୍କୃତରେ ୬୪ ସିଟ ରହିଛି। ହସ୍ତଗତତଥ୍ୟ ଅନୁସାରେ ସହରର ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାଧାରଣ ବର୍ଗ କଳାରେ ୭୦.୬୭, ବିଜ୍ଞାନ ୮୪.୩୩ ଓ ବାଣିଜ୍ୟ ୬୬.୬୭ ରହିଛି ସେହିପରି ଶଶିଭୂଷଣ ରଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସାଧାରଣ ବର୍ଗରେ କଳା ୭୩.୫୦, ବିଜ୍ଞାନ ୮୨.୪୦, ବାଣିଜ୍ୟରେ ୬୫.୧୭ ରହିଛି। ବିନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସାଧାରଣ ବର୍ଗର କଳାରେ ୬୨.୬୭, ବିଜ୍ଞାନ ୭୨.୬୭ ଓ ବାଣିଜ୍ୟରେ ୪୭.୩୩ ଓ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣ ବର୍ଗ କଳାରେ ୫୭.୧୭,ବିଜ୍ଞାନରେ ୬୩.୮୩ ଓ ବାଣିଜ୍ୟରେ ୩୩ ରହିଛି।

## ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କଲେ କମିଶନର

ବ୍ରହ୍ମପୁର,୭।୭(ସ୍ମୃତି ରଞ୍ଜନ ମହାଲିକ)– ଅବାଧ ଗୋରୁ ବିଚରଣକୁ ରୋକିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ କର୍ପୋରେସନ ବୈଠକରେ ବାରମ୍ବାର ପ୍ରସ୍ତାବ ଆଗତ ହୋଇଛି। ରାସ୍ତା ଉପରେ ବୁଲୁଥିବା ଗାଈକୁ ଉଠାଯିବା ସହିତ ମାଲିକଙ୍କଠାରୁ ଜରିମାନା ଆଦାୟ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ବିଏମସିର ସ୍ୱତନ୍ତ୍ର ଗୋ ଶାଳା ନ ଥିବା କାରଣରୁ ଉକ୍ତ ନିୟମ କାର୍ଯ୍ୟକାରିତାରେ ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ବିଏମସି ବୁଲାଗୋରୁଙ୍କୁ ଉଠାଇବା ପାଇଁ ତତ୍ପରତା ଦେଖାଇଛି। ସୋମବାର ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିଗମ ପକ୍ଷରୁ ଗୋସାଣୀ ନୂଆ ଗାଁ ଓ ହୁଗୁଲାପଟାଠାରେ ନିର୍ମିତ ଗୋ ଶାଳାକୁ ପରିଦର୍ଶନ କରିଛନ୍ତି। ୨ ମାସରେ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରରେ ବୁଲୁଥିବା ଗୋରୁଙ୍କୁ ଧରାଯାଇ ଏଠାରେ ରଖାଯିବ। ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଓ ସିଟି ଇଞ୍ଜିନିୟର ଇଂ ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚଞ୍ଚକତା କରି ୨୫ କର୍ମଚାରୀଙ୍କ ନାଁରେ ଋଣ ଉଠାଣ, ଏସ୍‌ପିଙ୍କୁ ଫେରାଦ

ବ୍ରହ୍ମପୁର,୭।୭(ସୁବାସ ଚନ୍ଦ୍ର ପାଢ଼ୀ) ଏକ ଘରୋଇ କମ୍ପାନୀ ବିରୋଧରେ ଉକ୍ତ ସଂସ୍ଥାରେ କାମ କରୁଥିବା ୨୫ ରୁ ଅଧିକ କର୍ମଚାରୀ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେମାନେ ଋଣ ନେଇନଥିବା ବେଳେ ତାଙ୍କ ନାମରେ ଋଣ ଟଙ୍କା ପରିଶୋଧ ପାଇଁ ବାରମ୍ବାର ନୋଟିସ ଓ ତାଙ୍କ ଦୀର୍ଘମାସ ପର୍ଯ୍ୟନ୍ତ ଦରମା ବନ୍ଦ ରହିଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଖଜୁରିଆ ଠାରେ ଥିବା ଏକ ଘରୋଇ କମ୍ପାନୀର ଶାଖାରେ କାର୍ଯ୍ୟରତ ୨୫ ରୁ ଅଧିକ କମର୍ଚାରୀ ସଂପୃକ୍ତ କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଛନ୍ତି । ସେହି କମ୍ପାନୀ ପକ୍ଷରୁ କର୍ମଚାରୀଙ୍କ ଅଜାଣତରେ ସେମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ଉଠାଣ କରାଯାଇଛି । ଏପରିକି ଆଜକୁ ୫ ମାସରୁ ଅଧିକ ସମୟ ହେବ କର୍ମଚାରୀଙ୍କୁ ଦରମା ମଧ୍ୟ ମିଳୁନାହିଁ। ଠକେଇର ଶିକାର ହୋଇଥିବା କର୍ମଚାରୀମାନେ ସୋମବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିକଟରେ ଏନେଇ ଫେରାଦ ହେବା ପରେ ଏବେ ଘଟଣା ସାମ୍ନାକୁ ଆସିଛି । ଖଜୁରିଆ ଠାରେ ଥିବା ଫ୍ଲିପକାର୍ଟ ଗ୍ରୋସରୀ କମ୍ପାନୀର ହବ୍ ତଥା ଗୋଦାମରେ ବ୍ରହ୍ମପୁର ଓ ଗଞ୍ଜାମ ଜିଲାର ୨୫ରୁ ଅଧିକ ଯୁବକ କାମ କରୁଛନ୍ତି । ଏହି ଯୁବକମାନେ ଜେଭୋ ଇଲେକ୍ଟ୍ରିକ କମ୍ପାନୀ ଅଧିନରେ ନିଯୁକ୍ତ ହୋଇଥିଲେ । ସେମାନେ



ଏସପିଙ୍କୁ ଫେରାଦ ହୋଇଥିବା କର୍ମଚାରୀ।

ଜେଭୋ କମ୍ପାନୀ ଗାଡିରେ ଫ୍ଲିପକାର୍ଟ ଗ୍ରୋସରୀ ଭର୍ତ୍ତି କରି ଅର୍ଡର କରିଥିବା ଗ୍ରାହକଙ୍କ ଘରକୁ ଘର ବୁଲି ସାମଗ୍ରୀ ପହଞ୍ଚାଉଥିଲେ । ପୂର୍ବରୁ ଜେଭୋ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ଆସୁଥିଲା । ଡେଲିଭେରୀ ବଏ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ୧୫ ହଜାର ଟଙ୍କା ଦରମା ମିଳୁଥିବା ବେଳେ ସୁପରଭାଇଜରଙ୍କୁ ୨୭ ହଜାର ଟଙ୍କା ଦରମା ମିଳୁଥିଲା ।ହେଲେ ଆଜକୁ ୫ ମାସ ତଳେ ଜେଭୋ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ କରମା ଲାଇଫ ନାମକ ଏକ କମ୍ପାନୀର ମୋବାଇଲ ଆପ୍ଲିକେସନ ଡାଉନଲୋଡ କରିବାକୁ କୁହାଯିବା ସହ ଏଣିକି ସେହି ଆପ ଜରିଆରେ ଦରମା ମିଳିବ ବୋଲି କୁହାଯାଇଥିଲା । ସେହିକ୍ରମରେ କର୍ମଚାରୀମାନେ କରମା ଲାଇଫ ଆପ ଡାଉନଲୋଡ କରି ସେଥିରେ ନିଜର ଅଧାକାର କାର୍ଡ, ପାନ କାର୍ଡ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦାଖଲ କରି କେୱାଇସି କରାଇଥିଲେ । ସେହିପରି ଏହି ଆପ ଜରିଆରେ ସମସ୍ତ କର୍ମଚାରୀଙ୍କ ଜୀବନ ବୀମା କରାଯିବ ବୋଲି କୁହାଯାଇଥିଲା । ୨ ମାସ ଯାଏଁ ସେହି ଆପ ଜରିଆରେ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇଥିଲା । ହେଲେ ଏହାପରେ ସମସ୍ତ କର୍ମଚାରୀଙ୍କ ନାମରେ ଋଣ ଉଠାଣ ହୋଇଥିବା ନେଇ ସେମାନଙ୍କ ନିକଟକୁ ମେସେଜ ଆସିଥିଲା । କମ୍ପାନୀର ସୁପରଭାଇଜର ଭାବେ କାର୍ଯ୍ୟରତ ଶ୍ରୀରାମନଗର ନିକଟ ଜଗନ୍ନାଥବିହାରର ଶୁଭମ ଦାସଙ୍କ ନାମରେ ୭୫ ହଜାର ଟଙ୍କା ଋଣ ଉଠାଣ ହୋଇଥିବା ବେଳେ ଅନ୍ୟ କର୍ମଚାରୀଙ୍କ ନାମରେ ୫୦ ହଜାର ଲେଖାଏଁ ଋଣ ଉଠାଣ ହୋଇଥିବା ଜଣାପଡିଥିଲା । ଏପରିକି ସେହି ଋଣର ମାସିକ କିସ୍ତି ପଇଠ କରିବାକୁ ମଧ୍ୟ କୁହାଯାଇଥିଲା । ତେବେ କର୍ମଚାରୀମାନେ ନିଜ ପକ୍ଷରୁ କୌଣସି ପ୍ରକାର ଋଣ ନେଇନଥିବା ବେଳେ କିସ୍ତି କାହିଁକି ପରିଶୋଧ କରିବେ ସେ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ଏହାପରେ କମ୍ପାନୀ ପକ୍ଷରୁ ସମସ୍ତ ଋଣ ଖୁବଶୀଘ୍ର ପରିଶୋଧ କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ହଲେ ଏକାଧିକ ମାସ ପରେ ମଧ୍ୟ ଋଣ ପରିଶୋଧ କରାଯାଇନଥିବା ବେଳେ କିସ୍ତି ପରିଶୋଧ କରୁନଥିବାରୁ କର୍ମଚାରୀଙ୍କୁ ଦରମା ମଧ୍ୟ ଦିଆଯାଇନଥିଲା । ବର୍ତ୍ତମାନ ଋଣ ଉଠାଣ କରିଥିବା କମ୍ପାନୀ ବନ୍ଦ ହୋଇଯାଇଛି ବୋଲି କର୍ମଚାରୀଙ୍କୁ କୁହାଯାଉଛି । ଫଳରେ ସେମାନଙ୍କ ନାଁରେ ନିଆଯାଇଥିବା ଋଣ କିଏ ପରିଶୋଧ କରିବ ତାକୁ ନେଇ ଏକ ବିରାଟ ପ୍ରଶ୍ନ ଉଠିଛି । ଠକେଇର ଶିକାର ହୋଇଥିବା ଜାଣିବା ପରେ ସୁପରଭାଇଜର ଶୁଭମଙ୍କ ନେତୃତ୍ୱରେ ୨୦ରୁ ଅଧିକ କର୍ମଚାରୀ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । କର୍ମଚାରୀଙ୍କ ଅଭିଯୋଗ ଶୁଣିବା ପରେ ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ହେବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

## ଭିକାରୀ ଚରଣ ମହାପାତ୍ରଙ୍କ ଆଧ୍ୟାତ୍ମିକ ସଂକଳନ ଲୋକାର୍ପିତ



ଅତିଥିଙ୍କ ଦ୍ୱାରା ଲୋକାର୍ପିତ ଆଧ୍ୟାତ୍ମିକ ସଂକଳନ।

ବ୍ରହ୍ମପୁର,୭।୭(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ସମାଜର ଉପସଭାପତି ପ୍ରଫେସର ଡ. ବନମାଳୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ବିଭାଗୀୟ ମୁଖ୍ୟ ଡ. ଇ. ରାଜା ରାଓ ମୁଖ୍ୟ ଅତିଥି ରୂପେ, କବି ମନୋରଞ୍ଜନ ପାଣିଗ୍ରାହୀ ଓ ସଂଗଠନ ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସଂଯୋଜିକା କବିୟିତ୍ରୀ ପଦ୍ମିନୀ ମିଶ୍ର ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ କବି ଭିକାରୀ ଚରଣ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ସଂକଳନ ଗୀତରେ ଗୀତରେ ଗୀତା, ଗୀତା ପ୍ରଦୀପିକା ଓ ଅଧୁରା ସପନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିସହ ଓଡିଆଙ୍କ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଆଲୋଚନା ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡିଆଙ୍କ ଆଧ୍ୟାତ୍ମିକ ଚେତନାର ମୂଳ ଉତ୍ସ। ସେ ବିଶ୍ୱ ଦେବତା। ସମଗ୍ର ପୃଥିବୀର ସମସ୍ତ ଅଂଚଳରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉତ୍ସବ ହେଉଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସର୍ଭିଙ୍କ ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀ ଜଗନ୍ନାଥ ବୋଲି ମୁଖ୍ୟ ଅତିଥି କହିଥିଲେ। ସାହିତ୍ୟ ସମାଜର ସଭାପତି ଶ୍ରୀଜଗନ୍ନାଥଙ୍କ ସଂପର୍କରେ କହିଥିଲେ। କବିୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ଡ . ସନ୍ତୋଷ କୁମାର ଦାଶ, ଭିକାରୀ ଚରଣ ମହାପାତ୍ର, ଅନୁପ କୁମାର ମିଶ୍ର ଓ ଦେବୀ ପ୍ରସାଦ ମହାପାତ୍ରଙ୍କ ସମେତ ବହୁ କବି ଏବଂ କବିୟିତ୍ରୀ କବିତା ପାଠ କରିଥିଲେ।

# ଏସ୍. ମର୍ଦ୍ଦରାଜପୁର ଗ୍ରାମରେ ଝାଡ଼ାବାନ୍ତି, ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



ପାତ୍ରପୁର,୭।୭(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତର ଏସ୍. ମର୍ଦ୍ଦରାଜପୁର ଗ୍ରାମରେ ଝାଡ଼ାବାନ୍ତି ଦେଖାଦେଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଗ୍ରାମବାସୀଙ୍କ କହିବା ଅନୁସାରେ ରବିବାର ଗ୍ରାମର ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲୁ। ମାତ୍ର ଗ୍ରାମକୁ ଯିବାକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସି ନ ଥିଲା। ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଦୋଳାରେ ବୁରୁପଡ଼ା ପର୍ଯ୍ୟନ୍ତ କାଦୁଅ ରାସ୍ତାରେ ବୋହିଆଣି ଅଟୋରେ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲୁ। ଝାଡାବାନ୍ତିରେ ଆକ୍ରାନ୍ତଙ୍କ ମଧ୍ୟରେ ତିନି ଜଣ ଛୋଟ ପିଲା ରହିଛନ୍ତି । ଆକ୍ରାନ୍ତମାନେ ହେଲେ ଗ୍ରାମର ଟଭି ନାୟକ (୪୦), କମଳା ସାଧବ (୩୫),କୁନିରାଉତ(୫୦), ସାବିତ୍ରୀ ଦଳେଇ (୨୬),କୁନ୍ଦନ ସାଧବ (୬୫), ଦମୟନ୍ତୀ ସାଧବ (୪୦),ବୁଢ଼ିମା ପ୍ରଧନା(୩୩),ଭୂମିକା ଦଳେଇ (୫),ଶିଳ୍ପ ସାଧକ(୧୦) ଓ ଦେଢ଼ ବର୍ଷର ଶିଶୁ ଚିରଞ୍ଜିବୀ ଦଳେଇ। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଥିବା ଜଣାପଡ଼ିଛି। ଖବର ପାଇ ସୋମବାର ସକାଳେ ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ତଦାରଖ କରିଥିଲେ। ସେଠାରେ ପୁଣି ୪ ଜଣ ଆକ୍ରାନ୍ତ ହୋଇଥିବା ଦେଖି ସେମାନଙ୍କୁ ଆଦର୍ଶ ବିଦ୍ୟାଳୟ ନିକଟରେ ଆସି ରହିଥିବା ଆମ୍ବୁଲାନ୍ସରେ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଚିକିତ୍ସା କରିଥିଲେ। ଏସ. ମର୍ଦ୍ଦରାଜପୁର ଗ୍ରାମରେ ଗୋଟିଏ ନଳକୂପ ରହିଛି । ନଳକୂପ ଚତୁଃପାର୍ଶ୍ୱରେ ମଇଳା ପାଣି ଜମି ରହୁଛି। ସେଥିରୁ ଗୋଳିଆ ପାଣି ବାହାରୁଛି। ଏହାକୁ ଲୋକେ ବ୍ୟବହାର କରୁଛନ୍ତି। ଦୂଷିତ ପାଣି ପିଇ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସମ୍ବିତ ବେଗରାୟଙ୍କୁ ପଚାରିବାରୁ ସେ କହିଲେ, ଦୂଷିତ ପାଣି ପିଇଥିବା ଓ କିଛି ଜଙ୍ଗଲ ଜାତ ଛତୁ ଖାଇଥିବା ଯୋଗୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଇଛି। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଏକ ସ୍ୱାସ୍ଥ୍ୟ ଟିମ ତଦନ୍ତ ପାଇଁ ସମ୍ପୃକ୍ତ ଗ୍ରାମକୁ ଯାଇଛନ୍ତି। ସେଠାକାର ପାଣି ପରୀକ୍ଷା କରାଯାଇଛି ବୋଲି ଡା. ବେଗରାୟ କହିଛନ୍ତି। ଖବର ପାଇ ବାଦପୁର ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ ମେଡ଼ିକାଲରେ ପହଞ୍ଚି ରୋଗୀମାନଙ୍କୁ ଭେଟିଥିଲେ। ଭୈରପୁର ଓ ବୁରୁପଡା ଗ୍ରାମରେ ମଧ୍ୟ କେତେ ଜଣ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସରପଞ୍ଚ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଉସ୍ତପଲ୍ଲୀରେ ଝାଡ଼ାବାନ୍ତି, ଜଣେ ମୃତ

ଦିଗପହଣ୍ଡି,୭।୭(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଜନଜାତି ବହୁଳ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ପ୍ରାୟ ୫ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ରବିବାର ସୁଦ୍ଧା ୧୧ ଜଣ ଆକ୍ରାନ୍ତ ହୋଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ ୨ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି। ଗ୍ରାମର ପ୍ରକାଶ ରଇତ ଝାଡ଼ାବାନ୍ତିରେ ଗୁରୁତର ହୋଇ ପଡିବାରୁ ସୋମବାର ସକାଳେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ତୁ ଘଟିଛି। ପାଟପୁର ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ରହ୍ମପୁର ଉପ ଜିଲାପାଳ ଧିନା ଦସ୍ତାଗିର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀ ବୃନ୍ଦ, ଜିଲା ସ୍ୱାସ୍ଥ୍ୟ ଟିମ୍ ଗାଁ ରେ ପହଞ୍ଚି ସବିଶେଷ ଅନୁଧ୍ୟାନ କରି ଫେରିଛନ୍ତି। ଏହା ପୂର୍ବରୁ ଗ୍ରାମର ଦାସ ଶବର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଗତ କିଛିଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ବର୍ଷା ଲାଗି ରହିଛି। ଜଙ୍ଗଲ ପାହା'ଘେରା ଉସ୍ତପଲ୍ଲୀ ଗାଁ ଲୋକେ ଦୂଷିତ ପାଣି ବ୍ୟବହାର କରି ଆସୁଛନ୍ତି। ରବିବାର ସକାଳୁ ଗ୍ରାମର ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଅନିତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବରଙ୍କୁ ଝାଡାବାନ୍ତି ହୋଇଥିଲା। ଆକ୍ରାନ୍ତମାନଙ୍କୁ ଦୋଳାରେ ଗ୍ରାମଠାରୁ ୨ ଶହ ମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ନିକଟକୁ ଆଣି ପରେ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅନିତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର ହୋଇଥିବା ବେଳେ ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ସ୍ଥିତି ଅନୁଧ୍ୟାନ କରିବେ ରାଜ୍ୟସ୍ତରୀୟ ଟିମ୍

ଭୁବନେଶ୍ୱର, ୭।୭(ବନ୍ଦନା ସେଠୀ) ଉସ୍ତପଲ୍ଲୀରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତିର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ । ଉକ୍ତ ଗ୍ରାମରେ ସଚେତନତା ଓ ବିଶୋଧନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର ଡା. ସୁରଜିତ ଗରାବଡୁ, ଜାତୀୟ ଭାଇରାଲ ହେପାଟାଇଟିସ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡା. କଲ୍ଲୋଳ ଦାସଙ୍କୁ ଉସ୍ତପଲ୍ଲୀ ଗ୍ରାମ ପଠାଯାଇଛି। ଏମାନେ ଜିଲା ଓ ସ୍ଥାନୀୟ ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରି ଜଳବାହିତ ରୋଗର ପ୍ରତିରୋଧ ଓ ପ୍ରତିଷେଧକ କାର୍ଯ୍ୟକ୍ରମ ଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନକୁ ନିରୀକ୍ଷଣ କରିବେ। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଡାକ୍ତର, ପାରାମେଡିକାଲ ଷ୍ଟାଫ, ଆବଶ୍ୟକ ଔଷଧ, ଇଞ୍ଜେକ୍ସନ ସାଲାଇନ ଆଦି ଡାକ୍ତରଖାନା, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ରଖାଯାଇଛି। ତେଣୁ ଭୟଭୀତ ନ ହେବାକୁ ଅନୁରୋଧ କରାଯାଇଛି। ପାଣିକୁ ଫୁଟାଇ ଥଣ୍ଡା ହେଲା ପରେ ପିଇବା, ଗରମ ସୁଷମ ଖାଦ୍ୟ ଖାଇବା, ବାହାର ଖାଦ୍ୟ ନ ଖାଇବା, ଫାଷ୍ଟଫୁଡ୍ ଆଦିକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା, ଖାଇବା ପୂର୍ବରୁ ଏବଂ ପରେ ଭଲ ଭାବେ ସାବୁନରେ ଧୋଇବା, ସ୍ୱାସ୍ଥ୍ୟ ସୁରକ୍ଷା ଓ ପରିଚ୍ଛନ୍ନତା ନିୟମକୁ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି।

# ବିଡିଓଙ୍କୁ ଘେରିଲେ ଆଦିବାସୀ ମହିଳା



ଜଗନ୍ନାଥପ୍ରସାଦ,୭।୭(ବିଭୁ ପ୍ରସାଦ ପଟ୍ଟନାୟକ): ନିଜର ସମସ୍ୟାକୁ ନେଇ ସୋମବାର ଜଗନ୍ନାଥପ୍ରସାଦ ବ୍ଲକରେ ଆଦିବାସୀ ମହିଳାମାନେ ବିଡିଓଙ୍କ ନିକଟରେ ପହଞ୍ଚି ଅସନ୍ତୋଷ ଝାଡିଛନ୍ତି। ରାଉତି ପଞ୍ଚାୟତର ଆଦିବାସୀଙ୍କ ଗ୍ରାମ ହେଉଛି ଏକଘରିଆ ପଲ୍ଲୀ ଆଲମଡା ଗ୍ରାମ। ଉକ୍ତ ଗ୍ରାମକୁ ଯିବାକୁ ପକ୍କା ରାସ୍ତା ନାହିଁ । ମୁଖ୍ୟ ରାସ୍ତାଠାରୁ ମାତ୍ର ୫ କି.ମି. ଦୂରରେ ଥିବା ଏହି ଆଦିବାସୀ ଗ୍ରାମକୁ ଯିବାକୁ ହେଲେ ପଙ୍କାଳ ସାହିଠାରୁ ତଳ ବେଢାଘାଇ, ଉପର ବେଢାଘାଇ,ଏକଘରିଆପଲ୍ଲୀ ଦେଇ ଯିବାକୁ ପଡେ।। ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ବର୍ଷା ହେଲେ ଯିବାଆସିବା ସମ୍ପୂର୍ଣ୍ଣ ଠପ୍। ସ୍ୱାସ୍ଥ୍ୟ ସେବା ନ କହିବା ଭଲ। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟିଏ ଗାଁକୁ ଯାଇପାରୁନାହିଁ। ଗ୍ରାମର ବନିତା ପ୍ରଧାନ କହିଛନ୍ତି ୭/୮ ଦିନ ହେଲା ଲଗାଣ ବର୍ଷାରେ ଆମେ ବହୁତ ହଇରାଣ ହେଉଛୁ। ପିଲାମାନେ ସ୍କୁଲ ଯାଇପାରୁନାହାନ୍ତି। ଦେହ ଯଦି ଖରାପ ହୁଏ ତେବେ ସ୍ୱାସ୍ଥ୍ୟ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେବାକୁ ପଡୁଛି। ଏହି ସବୁରେ ପ୍ରଶାସନର ବିଫଳତା ଦର୍ଶାଉଥିବା ଅଭିଯୋଗ କରିଛନ୍ତି। ବିଡିଓ ନିଜେ ସେହି ରାସ୍ତାରେ ଚାଲି ଦେଖନ୍ତୁ, ସମସ୍ୟା ଜାଣିପାରିବେ ବୋଲି ଜିଦ୍ କରିଥିଲେ। ସମସ୍ୟା ଶୁଣି ବିଡିଓ ସମାଧାନ କରିବା ବଦଳରେ ଚ୍ୟାମ୍ବରରୁ ବାହାରି ଯିବାରୁ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଦେଇଥିଲା। ତେବେ ଏନେଇ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେବାକୁ ବିଡିଓ ମନ୍ମଥ ମଲ୍ଲିକ ମନା କରି ଦେଇଥିଲେ।

# ଘୁମୁସର କରାଟେ ଏକାଡେମୀର ସଫଳତା



କୃତୀ ପ୍ରତିଯୋଗୀ।

ଭଞ୍ଜନଗର,୭।୭(ବାବୁଲା ପ୍ରଧାନ)– ରାଜ୍ୟ ସ୍ତରୀୟ ସୋଟୋକନ କରାଟେ ପ୍ରତିଯୋଗିତା ରବିବାର ଭୁବନେଶ୍ୱରରେ ହୋଇଥିଲା। ଏଥିରେ ଘୁମୁସର କରାଟେ ଏକାଡେମୀକୁ ସଫଳତା ମିଳିଛି। ହିମାଂଶୁ ଲାଲ ସାହୁ ପ୍ରଥମ, ବି. ଭିଜନ ପାତ୍ର ଦ୍ୱିତୀୟ, ଅମ୍ଲାନ ଆଦିତ୍ୟ ସେଠୀ, ବି ସୋହମ ରାଓ ଦୋରା ଏବଂ ଘନଶ୍ୟାମ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୋଚ ସୋମନାଥ ସେଠୀ ଶୁଭେଚ୍ଛା ଜଣାଇଛନ୍ତି।

# ଗଞ୍ଜାମ ଜିଲା ଫୁଟବଲ: ଫାଇନାଲରେ ବରାର୍କ ଓ ବ୍ରହ୍ମପୁର ପୋଲିସ

ବ୍ରହ୍ମପୁର,୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଫୁଟବଲ ଲିଗ୍‌ର ସୋମବାର ସେମିଫାଇନାଲ ହୋଇଥିଲା। ଏଥିରେ ବାରର୍କ ଏଫ. ସି, ଗ୍ରୀନ ଚିଲି ପଦ୍ମନାଭପୁର, ବ୍ରହ୍ମପୁର ପୋଲିସ ଓ ନଟରାଜ ଏଫ. ସି କ୍ଲବ ଖେଳିଥିଲେ। ପ୍ରଥମ ସେମି ଫାଇନାଲ ବାରର୍କ ଏଫ. ସି ଓ ଗ୍ରୀନ ଚିଲି ପଦ୍ମନାଭପୁର ମଧ୍ୟରେ ଖେଳା ଯାଇଥିଲା। ଗ୍ରୀନ ଚିଲ୍ଲୀ ଗୋଟିଏ ଗୋଲ କରିଥିବା ବେଳେ ବାରର୍କ ୪ଟି ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମି ଫାଇନାଲ ବ୍ରହ୍ମପୁର ପୋଲିସ ସହ ନଟରାଜ ଏଫ. ସି ମଧ୍ୟରେ ରେ ହୋଇଥିଲା। ନଟରାଜ ଗୋଟିଏ ଗୋଲ ଦେଇଥିବାବେଳେ ବ୍ରହ୍ମପୁର ପୋଲିସ ୩ ଗୋଲ ଦେଇ ବିଜୟୀ ହୋଇଛି। ଫଳରେ ବାରର୍କ ଓ ବ୍ରହ୍ମପୁର ପୋଲିସ ଫାଇନାଲ ଖେଳିବା ପକ୍କା ହୋଇଯାଇଛି। ରେଫରୀ ଥିଲେ ରମେଶ ଚନ୍ଦ୍ର ବେହେରା, ଭିନସେଣ୍ଟ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା ଓ ଅଭିମନ୍ୟୁ ବେହେରା। ଅତିଥିଭାବେ ବ୍ରହ୍ମପୁର ପୋଲିସ ସଙ୍ଘର ସଭାପତି ନୟନ ଆଚାର୍ଯ୍ୟ ଓ ବ୍ରହ୍ମପୁର ପୋଲିସ ସଙ୍ଘ ସମ୍ପାଦକ ପ୍ରଶାନ୍ତ ମାରାଥ ଏବଂ ଏଲ. କେ. ରାଓ ରେଡି, ଡି. ଆପାରାଓ,ବିଜୟୀ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ. ବାବୁ ଏବଂ ଗଞ୍ଜାମ ଜିଲା ସଙ୍ଘର ସଦସ୍ୟ ମାନେ ଉପସ୍ଥିତ ଥିଲେ ବୋଲି ଗଞ୍ଜାମ ଜିଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ୪ଟାରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ସୂଚନା ମିଳିଛି।



# ସାଇବର ଠକ ବୃଦ୍ଧାଙ୍କ ଆକାଉଣ୍ଟରୁ ୨.୮୦ ଲକ୍ଷ ନେଇଗଲେ

ବ୍ରହ୍ମପୁର,୭।୭(ସୁବାସ ଚନ୍ଦ୍ର ପାଢ଼ୀ) ସାଇବର ଠକ କିଛିମାସ ବ୍ୟବଧାନରେ ବିଦ୍ୟୁତ ବିଲ ଅପଡେଟ କରାଇବା ନାଁରେ ଜାଲ ବିଛାଇଛନ୍ତି। ସେମାନେ ଜଣେ ବୃଦ୍ଧାଙ୍କ ଏକାଉଣ୍ଟରୁ ୨.୮୦ ଲକ୍ଷ ଟଙ୍କା ନେଇଯାଇଛନ୍ତି। ନିଜକୁ ବିଦ୍ୟୁତ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ ସାଇବର ଗ୍ୟାଙ୍ଗ ଉପରୋକ୍ତ ଟଙ୍କା ଠକି ନେଇଛନ୍ତି । ଠକେଇର ଶିକାର ହୋଇଥିବା ଜଣାପଡିବା ପରେ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଗାନ୍ଧୀନଗର ୯ମ ଲାଇନରେ ରହୁଥିବା ୬୫ ବର୍ଷୀୟ ବୃଦ୍ଧାଙ୍କ ନିକଟକୁ ୨ ଦିନ ତଳେ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବିଦ୍ୟୁତ ବିଭାଗର କର୍ମଚାରୀ ବୋଲି ପରିଚୟ ଦେବା ସହ ବିଦ୍ୟୁତ ବିଲ ଅପଡେଟ କରିବାକୁ କହିଥିଲେ । ବିଲ ଅପଡେଟ ନହେଲେ ଜୋରିମାନା ଦେବାକୁ ପଡିବ ବୋଲି ତାଙ୍କୁ ଭୟଭୀତ କରିଥିଲେ। ସେହିକ୍ରମରେ ମହିଳା ଜଣଙ୍କ ନିଜର ବିଦ୍ୟୁତ ବିଲ ଅପଡେଟ କରିବାକୁ ପରାମର୍ଶ ଲୋଡିଥିଲେ । ଏହାପରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ତାଙ୍କୁ ଲକ ଲିଙ୍କ ପଠାଇଥିଲେ । ସେହିଲିଙ୍କରେ କ୍ଲିକ କରିବା ପରେ ମହିଳାଙ୍କ ଆକାଉଣ୍ଟରୁ ପ୍ରଥମେ ୮୦ ହାଜର ଟଙ୍କା କଟି ଯାଇଥିଲା । ଏହାର କିଛି ସମୟ ପରେ ୧ ଲକ୍ଷ ୯୫ ହଜାର ଓ ତା' ପରେ ୫ ହଜାର ଟଙ୍କା କଟି ଯାଇଥିଲା । ତେବେ ମୋଟ ୨ ଲକ୍ଷ ୮୦ ହଜାର ଟଙ୍କା କଟିଯିବା ପରେ ମହିଳା ଜଣଙ୍କ ବିଦ୍ୟୁତ ବିଭାଗର କର୍ମଚାରୀ ବୋଲିପରିଚୟ ଦେଇ କଲ କରିଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । ହେଲେ ସେହି ବ୍ୟକ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପରିନଥିଲା । ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରକାଶଥାଉକି, ଆଜକୁ ୩ ଦିନ ତଳେ କାଠମେଣ୍ଟ୍ରୁ ଛକର ଜଣେ ବ୍ୟକ୍ତିଙ୍କ ଠାରୁ ବକେୟା ବିଦ୍ୟୁତ ପିଲ ପଇଠ ନାମରେ ସାଇବାର ଠକମାନେ ୩ ଲକ୍ଷ ଟଙ୍କା ଠକି ନେଇଥିଲେ । ଦିନକୁ ଦିନ ସାଇବର ଅପରାଧି ମାନେ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଏଯାବତ ଉକ୍ତ ଥାନାରେ ୪୫ ଗୋଟି ମାମଲା ହୋଇ ସାରିଲାଣି।

## ୫ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଗିରଫ

ବାଲିଗୁଡା,୭।୭( ସଞ୍ଜୟ କୁମାର ପାଣିଗ୍ରାହୀ)

ଅବକାରୀ ବିବାଗ ସୁପରିଟେଣ୍ଡେଣ୍ଟ ଶୁଶାନ୍ତ ପାତୀଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ରେଞ୍ଜ ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଗଞ୍ଜେଇ କେଶ୍‌ରେ ୫ ଆନ୍ତଃରାଜ୍ୟ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଇଯାଛି। ଖମନଖୋଲ ଘାଟିରେ ଏକ କାର ଆସୁଥିବା ଦେଖି ତାକୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ୬୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଗିରଫ ହୋଇଥିବା ୫ ଜଣଙ୍କ ମଧ୍ୟରୁ ୨ଜଣ ମହିଳା ଓ ୩ଜଣ ପୁରୁଷ ସେମାନେ ହେଲେ ୱେଷ୍ଟବେଙ୍ଗଲ ରାଜ୍ୟର ନଦିଆ ଜିଲାର କ୍ରୀଷ୍ଣଗଞ୍ଜ ଥାନ ଅଞ୍ଚଳର ସନ୍ତୁଦାସ, ହରଦର ଦାସ, ବାପି ଦାସ ଏବଂ ମହିଳା ୨ଜଣ ହେଲେ ଭାରତୀ ବିଶ୍ୱାସ ଓ ଜମୁନାରାଣି ବିଶ୍ୱାସ।

## ରାମଚନ୍ଦ୍ରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

ଖଲ୍ଲିକୋଟ,୭।୭(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ କନକା ଗ୍ରାମର ରାମଚନ୍ଦ୍ର ନାଏକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି। ସୋମବାର ଛତ୍ରପୁର ସୁନ୍ଦରପଲ୍ଲୀ ନଗର ବନଠାରେ ଡିଏଫଓ ସନି ଖୋକର ତାଙ୍କୁ ଏହି ପୁରସ୍କାର ଭାବେ ପ୍ରମାଣପତ୍ର ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ରାମଚନ୍ଦ୍ର ଜଣେ ଉଦ୍ୟାନ ପ୍ରେମୀ । ସେ ନିଜ ଗ୍ରାମ ନିକଟରେ ପ୍ରାୟ ୮ଏକର ଜମିରେ ବିଭିନ୍ନ କିସମର ଫୁଲ, ଫଳ ଚାଷ କରିଛନ୍ତି। ଗଛ ଲଗାଇବାରେ ତାଙ୍କର ଆଗ୍ରହ ଏବଂ ଯତ୍ନ ନେଇ ଗଛ ବଢ଼ାଇବାକୁ ଖୁସି ଲାଗେ ବୋଲି ସେ କୁହନ୍ତି।

**ସଂକ୍ଷେପରେ**

## ଲଳିତ ଦିଗାଲ ଫୁଲବାଣୀ ବିଧାୟକ ପ୍ରତିନିଧି



ଫୁଲବାଣୀ,୭।୭ (ରାକେଶ କୁମାର ରାଉତ) ଫୁଲବାଣୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରତିନିଧି ଭାବେ ଲଳିତ ଦିଗାଲ ଚୟନ ହୋଇଛନ୍ତି। ବିଧାୟକ ଉମା ଚରଣ ମଲିକ ଏନେଇ ଫୁଲବାଣୀ ବିଡିଓଙ୍କୁ ଏକ ଚିଠିରେ ଅବଗତ କରିଛନ୍ତି। ବିଧାୟକଙ୍କ ଅନୁପସ୍ଥିତିରେ ଲଳିତ ବ୍ଲକସ୍ତରୀୟ ସମସ୍ତ ବୈଠକରେ ଯୋଗ ଦେବା ସହିତ ବ୍ଲକର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଇପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ତାଙ୍କୁ ଏହି ପଦବୀ ମିଳିଥିବାରୁ ଦଳୀୟ କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି।

## ପଣ୍ଡିତ ରଘୁନାଥଙ୍କୁ ଉତ୍କଳ ରତ୍ନ ସମ୍ମାନ



ପାରଳାଖେମୁଣ୍ଡି,୭।୭(ଗିରିଧାରୀ ପରିଚ୍ଛା) ଶ୍ରୀକ୍ଷେତ୍ର ପୁରୀଠାରେ ରବିବାର ଆୟୋଜିତ ସୁନାବେଶ ଅବସରରେ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୩୦ତମ ସୁନାବେଶ ଭଜନ ସମାରୋହରେ ଓଡିଶାର ବିଶିଷ୍ଟ ସଙ୍ଗୀତଗୁରୁ ପଣ୍ଡିତ ରଘୁନାଥ ପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ବଦ୍ରିନାଥ ମିଶ୍ର, ସମ୍ପାଦକ ମନୋଜ ଦାସ ମହାପାତ୍ର, ଆବାହକ ପ୍ରଣବ ପଟ୍ଟନାୟକ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି କରଣସାହି ନିବାସୀ ସଙ୍ଗୀତଗୁରୁ ପଣ୍ଡିତ ରଘୁନାଥ ଏହି ସମ୍ମାନ ପାଇବା ପରେ ତାଙ୍କୁ କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ପଦାମୃତ ନୃତ୍ୟାୟନର ସଭାପତି କେ.ରାମସ୍ୱାମୀ, ନାଟ୍ୟକାର ଦେବେନ୍ଦ୍ର ଦାସ, ରୂପେଶ ସାହୁଙ୍କ ସହ ବିଭିନ୍ନ ମହଲରୁ ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ପୁନଃରୁଦ୍ଧାର ହେଉଛି ଗଦଡ଼ି, କିଲୁକୁପା ଜଙ୍ଗଲ

ଦାରିଙ୍ଗବାଡ଼ି, ୭।୭ (ଅରୁଣ ସାହୁ ) ଦାରିଙ୍ଗବାଡ଼ି ବନାଞ୍ଚଳରେ ଉଜୁଡ଼ିଯାଇଥିବା ଜଙ୍ଗଲର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ସିମନବାଡ଼ି ସେକ୍ସନର ବାଡାବାଙ୍ଗା ପଞ୍ଚାୟତ ଗଦଡ଼ି ଜଙ୍ଗଲର ଉଜୁଡ଼ିଯାଇଥିବା ୫୦ ହେକ୍ଟର ଜମି ଚିହ୍ନଟ କରାଯିବା ସହ ଚାରା ରୋପଣ ପାଇଁ ପ୍ରସ୍ତୁତି କରାଯାଇଛି। ସୋମବାର ୧ ହଜାର ଚାରା ରୋପଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା କହିଛନ୍ତି। ସେହିପରି ଉକ୍ତ ବନାଞ୍ଚଳର ବୁଡ଼ାଗୁଡା ସେକ୍ସନରେ ଗୁମିକିଆ ପଞ୍ଚାୟତ କିଲୁକୁପା ଜଙ୍ଗଲରେ ୫୫ ହେକ୍ଟର ଜମିରେ ୮ ହଜାର ଚାରା ରୋପଣ କରାଯିବ ବୋଲି ବନପାଳ ମନ୍ମଥ ପରିଚ୍ଛା କହିଛନ୍ତି। କାର୍ଯ୍ୟକ୍ରମରେ ସିମନବାଡି ସରପଞ୍ଚ ଅମିତା ପ୍ରଧାନ , ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ବନପାଳ ବନିତା ପ୍ରଧାନ, ବନରକ୍ଷୀ ସଂଜୀବ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୪୦ ମହିଳା ପୁରୁଷଙ୍କୁ ୧ କୋଟି ୩୭ ଲକ୍ଷ ଠକିଲେ ମହିଳା

- ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାରୁ ଋଣ କରାଇ ଦେଉଥିଲେ
- ଅଧିକ ସୁଧ ଦେବାକୁ ଲୋଭ ଦେଖାଇ ଲୋକଙ୍କ ଋଣ ଟଙ୍କା ନେଇଯାଉଥିଲେ



ପାରଳାଖେମୁଣ୍ଡି,୭।୭ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଭିକ୍ଟରି କଲୋନି ବାସିନ୍ଦା ଝିଲି ସାହୁ ସହରର କେତେଜଣ ମହିଳାପୁରୁଷଙ୍କଠାରୁ ଅଧିକ ହାରରେ ସୁଧ ଦେବାକୁ କହି ସେମାନଙ୍କ ନାମରେ କରାଇ ଦେଉଥିବା ଋଣ ଟଙ୍କାକୁ ଠକି ନେଇଛନ୍ତି। ଏପରି ସେ ଲୋକଙ୍କଠାରୁ କୋଟିଏ ୩୭ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏବେ ସେ ଫେରାର ହୋଇଯାଇଛନ୍ତି। ଠକେଇର ଶିକାର ହୋଇଥିବା ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏନେଇ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ୪ମାସ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଧରିପାରିନି। ସୋମବାର କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଖବରରୁ ଜଣାପଡିଛି, ସମ୍ପୃକ୍ତ ମହିଳା ଝିଲି ସାହୁ ଏକ ପ୍ରାଇଭେଟ ଲୋନ ସେଣ୍ଟର ଖୋଲିଥିଲେ। ଏଥିରେ ତାଙ୍କ ସ୍ୱାମୀ ଉଦୟନାଥ ସାହୁ ସହାୟତା କରୁଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀ ସହ ତାଙ୍କର ଭଲ ସମ୍ପର୍କ ଅଛି, ସହଜରେ ଋଣ କରିଦେବେ କହି ସେ ଋଣ ଆବଶ୍ୟକ କରୁଥିବା ଲୋକମାନଙ୍କ ପ୍ରଥମେ ସ୍ୱଳ୍ପ ଋଣ କରି ବିଶ୍ୱାସଭାଜନ ହୋଇଥିଲେ। ପରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଋଣ ଅନେକଙ୍କ ନାମରେ କରି ୧ କୋଟି ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଫେରାର ହୋଇଯାଇଛନ୍ତି। ଝିଲିଙ୍କ ସହାୟତାରେ ବିଭିନ୍ନ ଘରୋଇ ବ୍ୟାଙ୍କ ଓ ମାଇକ୍ରୋ ଫାଇନାନ୍ସ କମ୍ପାନୀ, ସୂର୍ଯ୍ୟ ଉଦ୍ୟୋଗ, ମୁଥୁଟ୍ ଫାଇନାନ୍ସଠାରୁ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଋଣ ଆଣୁଥିବା ଲୋକମାନଙ୍କୁ ଅଧିକ ସୁଧ ଦେବା ଲୋଭ ଦେଖାଇ ଝିଲି ସେମାନଙ୍କଠାରୁ ଟଙ୍କା ନେଇ ଆସି ନିଜ କାର୍ଯ୍ୟରେ ଲଗାଉଥିଲେ। ଲୋକମାନେ ମଧ୍ୟ ଅଧିକ ସୁଧ ପାଇବା ଆଶାରେ ତାଙ୍କୁ ଟଙ୍କା ଦେଉଥିଲେ । ଏପରିକି ଝିଲି ବିଶ୍ୱାସ ଜନ୍ମାଇ ଅନେକଙ୍କଠାରୁ ସୁନାଗହଣା ନେଇ ମହିଳାଙ୍କ ଉପରେ ଋଣବୋଝ ଲଦି ଦେଇଛନ୍ତି। ଏବେ ବ୍ୟାଙ୍କରୁ ଆଣିଥିବା ଋଣ ଶୁଝିବା ଚିନ୍ତାରେ ଅଛନ୍ତି ଋଣକାରୀ ମହିଳାପୁରୁଷ। ଠକେଇର ଶିକାର ହୋଇଥିବା ବ୍ୟକ୍ତିମାନେ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଝିଲି ଓ ତାଙ୍କ ସ୍ୱାମୀଙ୍କୁ ଠାବ କରିପାରିନାହିଁ ବୋଲି ରୁକୁଣା ପ୍ରଧାନ, ସଙ୍ଗୀତା ନାୟକ, ଜ୍ୟୋତ୍ସନା ମିଶ୍ର, ଅନିମିତା ପାଢୀ ଓ ଅନ୍ୟମାନେ କହିଛନ୍ତି।

ଇତି ମଧ୍ୟରେ ହାଇକୋର୍ଟରେ ଝିଲି ଉଦୟନାଥ ଓ ତାଙ୍କ ଦୁଇ ସନ୍ତାନଙ୍କ ନାମରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ସ୍ୱାମୀ ସ୍ତ୍ରୀଙ୍କ ଜାମିନ ଆବେଦନ ନାମଞ୍ଜୁର କରି ଦେଇଛନ୍ତି। ତାଙ୍କ ଦୁଇ ସନ୍ତାନଙ୍କୁ ତଦନ୍ତରେ ପୋଲିସକୁ ସହଯୋଗ କରିବାକୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପୋଲିସ ଅଭିଯୋଗ ଅନୁଯାୟୀ ୬୫/୨୫ରେ ମାମଲା ରୁଜୁକରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଅଭିଯୁକ୍ତଙ୍କ ରାୟଗଡାସ୍ଥିତ ସମ୍ପର୍କୀୟଙ୍କ ଘର ଉପରେ ଚଢ଼ାଉ କରାଯାଇଛି। ତାଙ୍କ ନିକଟତମ ସମ୍ପର୍କୀୟଙ୍କ ଉପରେ ନଜର ରଖାଯାଇଥିବା ପୋଲିସ କହିଛି। ଅଭିଯୋଗକାରୀମାନେ ଏ ସମ୍ପର୍କରେ ଏସ୍‌ପିଙ୍କୁ ଜଣାଇ କୌଣସି ସୁଫଳ ନ ପାଇ ସୋମବାର ଜିଲାପାଳ ବିଜୟ ଦାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ କହିଛନ୍ତି ଯେ, ମହିଳାମାନେ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ ପତ୍ରକୁ ଭିତ୍ତିକରି ପାରଳାଖେମୁଣ୍ଡି ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜୀବଜଗତ ପାଇଁ ବୃକ୍ଷର ଆବଶ୍ୟକତା ରହିଛି

ବେଲଗୁଣ୍ଠା,୭।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ କୁମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଗାଙ୍ଗପୁର ବନପାଳ ମିତା ପୋଲାଇଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଶିଶିର ସ୍ୱାଇଁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ବନରକ୍ଷୀ ବୁଲୁ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣ ସ୍ୱାଇଁ, ସ୍କାଉଟ୍ ଶିବରାମ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବୃକ୍ଷର ମହତ୍ତ୍ୱ ଏବଂ ଜୀବଜଗତ ପ୍ରତି ଥିବା ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ପରିବେଶ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ପିପୁଲ୍ସ କଲେଜର ଜାତୀୟ ସେବା ଯୋଜନା ୟୁନିଟ ପ୍ରଥମ ଓ ଦ୍ୱିତୀୟର ମିଳିତ ଆନୁକୂଲ୍ୟରେ ଶୀର୍ଷକ ଟ୍ରି ପ୍ଲାଣ୍ଟେସନ୍ସ ଆଣ୍ଡ ସଷ୍ଟେନେବିଲଟ୍‌ସ ସମ୍ପର୍କିତ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ବନପାଳ ପଲ୍ଲଭୀ ନନ୍ଦ, ମୁଖ୍ୟ ବକ୍ତା ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଶେଖ୍ ଫରିଦ୍ ଓ ସମ୍ମାନିତ ଅତିଥି ଭାବେ କଲେଜର ଏକାଡେମିକ୍ ବର୍ସାର ଅଧ୍ୟାପକ ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏନଏସଏସ ୟୁନିଟ୍-୧ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରବିନ୍ଦ୍ର ନାଥ ପୋଲାଇ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ୟୁନିଟ୍-୨ର ପ୍ରୋଗାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ।

**ରମ୍ଭା,(ବନବାସୀ ସେଠୀ)**ରମ୍ଭା ନିକଟସ୍ଥ ବାଉରୀ ଗଣ୍ଡାପଲ୍ଲୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ପ୍ରିନ୍ସିପାଲ ଦୀପକ ବେହେରାଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ରମ୍ଭା ଫରେଷ୍ଟର ସ୍ୱର୍ଣ୍ଣ ପ୍ରଭା ମହାପାତ୍ର ଅତିଥିଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଇକୋ କ୍ଲବ ପକ୍ଷରୁ ଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଆନନ୍ଦିତା ପାଟି, ସବିତା ଶବର, ଐଶ୍ୱର୍ଯ୍ୟା କର ପ୍ରମୁଖ ସହଯୋଗ କରିଥିଲେ।

## ନାରୀ ସୁରକ୍ଷା ପାଇଁ ସଚେତନ କରିବେ ୨ ଯୁବକ




ଛତ୍ରପୁର,୭।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ ): ଦେଶରେ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ଏହାକୁ ବନ୍ଦ କରିବା ଏବଂ ନାରୀଙ୍କୁ ସୁରକ୍ଷା ଦେବା ନେଇ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା କଣମଣା ପଞ୍ଚାୟତ ବାଟଛତ୍ରପୁର ଗାଁର କିରଣ ସେଠୀ ଓ ଧରାକୋଟ

**ସାଇକେଲରେ ଭାରତ ବୁଲିଲେ**

ବ୍ଲକ କଳାସୁତା ଗ୍ରାମର ଦୀପକ ଗୌଡ ସୋମବାର ସାଇକେଲରେ ଭାରତ ଭ୍ରମଣ ଅଭିଯାନରେ ବାହାରିଛନ୍ତି। ଦେଶର ୧୨ଟି ଜ୍ୟୋର୍ତିଲିଙ୍ଗ ଦର୍ଶନ କରିବେ ବୋଲି କିରଣ କହିଛନ୍ତି। ଭ୍ରମଣ ବେଳେ ନାରୀ ସୁରକ୍ଷା ବାର୍ତ୍ତା ଜନ ସାଧାରଣ, ସ୍କୁଲ ଓ କଲେଜ ପିଲାଙ୍କୁ ସଚେତନ କରିବେ ବୋଲି ସେ କହିଛନ୍ତି। ବଜରଙ୍ଗ ଦଳର ଏସ. ରାମକ୍ରିଷ୍ଣା ରେଡ୍ଡୀ ଉଭୟଙ୍କୁ ସମ୍ବର୍ଦ୍ଧନା ଦେବା ସହ ଏଭଳି ମହତ କାର୍ଯ୍ୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ମନମାନି କରୁଛି ଠିକା ସଂସ୍ଥା

କବିସୂର୍ଯ୍ୟନଗର, (କୃପାସିନ୍ଧୁ ସ୍ୱାଇଁ) ଦୀର୍ଘଦିନ ଧରି କବିସୂର୍ଯ୍ୟନଗର ଏନଏସିରୁ ବିନା ଟେଣ୍ଡରରେ ସଫେଇ କାର୍ଯ୍ୟ ହାତେଇଥିବା ଠିକାସଂସ୍ଥାର ମନମାନି ଚଳାଇଥିବା ଅଭିଯୋଗ ହେଉଛି। କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ବକେୟା ଦରମା ଦେଉ ନ ଥିବା ବେଳେ କର୍ମଚାରୀଙ୍କ ନିରାପତ୍ତା ପାଇଁ ଗୁରୁତ୍ୱ ଦେଉନି। ନିୟମ ଅନୁଯାୟୀ କର୍ମଚାରୀଙ୍କୁ ମିଳନି ସାବୁନ ମାସ୍କ, ଗ୍ଲୋବ, ଡ୍ରେସ,ସାବୁନ। ଫଳରେ ବିଭିନ୍ନ ସମୟରେ କର୍ମଚାରୀ ରୋଗାକ୍ରାନ୍ତ ହେବା ସହ ଆର୍ଥିକ ଅନଟନର ଶିକାର ହେଉଛନ୍ତି। ଏନଏସି ପକ୍ଷରୁ ଠିକସଂସ୍ଥାକୁ ବାରମ୍ବାର କର୍ମଚାରୀଙ୍କ ଇପିଏଫ ବାନ୍ଧିବାକୁ କୁହାଗଲେ ମଧ୍ୟ ସଂସ୍ଥା ବାନ୍ଧୁନାହିଁ। କେତେ କର୍ମଚାରୀ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଡାଟା ଏନଏ ସି ପକ୍ଷରୁ ମଗାଯାଉଥିଲେ ମଧ୍ୟ ଠିକାସଂସ୍ଥା ଦେଉନି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ଏବଂ ସମ୍ପୃକ୍ତ ଠିକାସଂସ୍ଥାର ଟେଣ୍ଡର ବାତିଲ କରିବାକୁ ଦାବି ହେଉଛି।

## ଢୁଙ୍କାପଡ଼ାରେ ଦଳପତି ସମାଜ ବୈଠକ



ବୈଠକରେ ଉପସ୍ଥିତ ଦଳପତି ସମାଜ କର୍ମକର୍ତ୍ତା।

ପୋଲସରା,୭।୭(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ଆଠଗଡ ତାଲୁକ, ମଥୁରା ଅଞ୍ଚଳ ଢୁଙ୍କାପଡ଼ା ଦଳପତି ସମାଜର ଗ୍ରାମ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଭୂୟାଁଙ୍କ ଅଧ୍ୟକ୍ଷତା ଓ କୃଷ୍ଣ ଚନ୍ଦ୍ର ଭୂୟାଁଙ୍କ ସଂଯୋଜନାରେ ପ୍ରଥମେ ଦଳପତି ଜାତିର ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରାଯାଇ ସଭା ଆରମ୍ଭ ହୋଇଥିଲା। ଅବିଭକ୍ତ ଗଞ୍ଜାମ ଜିଲା ଦଳପତି ସମାଜ କେନ୍ଦ୍ରୀୟ କମିଟିସମ୍ପାଦକ ଆଇନଜୀବୀ ପବିତ୍ର କୁମାର ନାୟକ କାର୍ଯ୍ୟାଳୟ ଚିଠି ପଢିଶୁଣାଇ ଗ୍ରାମ୍ୟ କମିଟି ଗଠନ, ଦଳପତି ଜାତିକୁ ପଛୁଆ ବର୍ଗରେ ସାମିଲ ଓ ଦଳପତି ମାଗ୍ରିମୋନି ଗ୍ରୁପ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଭିନ୍ନ କମିଟି, ଉପ କମିଟି ଗଠନ ଉପରେ ଆଲୋଚନା କରାଯାଇଥିଲା। ଦଳପତି ଜାତିର ୫୦୦ ବର୍ଷର ଇତିହାସ ତର୍ଜମା କରାଯାଇଥିଲା। ଶେଷରେ ସର୍ବସମ୍ମତି କ୍ରମେ ଢୁଙ୍କାପଡ଼ା ଗ୍ରାମ୍ୟ କମିଟି ସଭାପତି ଭାସ୍କର ଭୂୟାଁ, ଉପସଭାପତି ପ୍ରଫୁଲ୍ଲ ମହାନ୍ତି, ସମ୍ପାଦକ କୃଷ୍ଣ ଚନ୍ଦ୍ର ଭୂୟାଁ, ସହ ସମ୍ପାଦକ ନାରାୟଣ ମାହାନ୍ତି, କୋଷାଧ୍ୟକ୍ଷ ଧ୍ରୁବଚରଣ ମହାନ୍ତି, ପଛୁଆ ବର୍ଗ ଅଧ୍ୟକ୍ଷ ରଜନୀକାନ୍ତ ଭୂୟାଁ, ଉପଦେଷ୍ଟା ପିତାମ୍ବର ଭୂୟାଁ ଓ କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ପବିତ୍ର ରାଉତ, ସନାତନ ମହାନ୍ତି ଓ ରାଧାମୋହନ ଭୂୟାଁଙ୍କୁ ମନୋନୀତ କରାଯାଇଥିଲା। ବିଦ୍ୟାଧର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକ୍ରିୟାକରଣ ହେବ ଷ୍ଟ୍ରବେରୀ, ହଳଦୀ, କଫି: ମିଶନଶକ୍ତି ନିର୍ଦ୍ଦେଶକ



ମହିଳାମାନଙ୍କ ସହ ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶିକା ତଥା ଆଇଏଏସ୍ ମନିକା ପ୍ରିୟଦର୍ଶିନୀ।

ଦାରିଙ୍ଗବାଡ଼ି, ୭।୭ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳକୁ ରବିବାର ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶିକା ତଥା ଆଇଏଏସ୍ ମନିକା ପ୍ରିୟଦର୍ଶିନୀ ଗସ୍ତ କରିଥିଲେ। ତାଙ୍କୁ ଦାରିଙ୍ଗବାଡ଼ି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଡ଼ିଓ ପ୍ରୀତିରଞ୍ଜନ ରଥ ସ୍ୱାଗତ କରିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା ମନିକା ଦାରିଙ୍ଗବାଡ଼ି କଫି ବଗିଚା ଓ କଫି କାଫେ ସମେତ ହିଲଭିୟୁ ପାର୍କ, ଦଣ୍ଡିମାଠା ଓ ସୁଲୁମାହାଠାରେ ଥିବା ମିଶନଶକ୍ତି ମହିଳାଙ୍କ ହଳଦୀ ପ୍ରକ୍ରିୟାକରଣ କେନ୍ଦ୍ର ଆଦି ଦେଖିଥିଲେ। ମିଶନଶକ୍ତି ମହିଳାମାନେ ଉକ୍ତ ବ୍ଲକ୍‌ର ଏକାଧିକ ସ୍ଥାନରେ ଷ୍ଟ୍ରବେରୀ ଚାଷ କରୁଛନ୍ତି। ଏହା କମ ସମୟରେ ଅଧିକ ଲାଭ ଦେଉଛି। କିନ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା ହୋଇଥିଲେ ଷ୍ଟ୍ରବେରି ବର୍ଷ ସାରା ରୋଜଗାର ଦେଇପାରିବ। ସ୍କ୍ୱାସ ଏବଂ ଜାମ ପ୍ରସ୍ତୁତ କରିବା ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ ପ୍ରକ୍ରିୟାକରଣ ପାଇଁ ବ୍ୟବସ୍ଥା କରାଗଲେ ଚାଷୀମାନେ ଅଧିକରୁ ଅଧିକ ଲାଭବାନ ହୋଇ ପାରିବେ ବୋଲି ନିର୍ଦ୍ଦେଶିକା କହିବା ସହ ଏନେଇ ସେ ପଦକ୍ଷେପ ନେବେ ବୋଲି ବିଡ଼ିଓଙ୍କୁ କହିଥିଲେ। ସେହିପରି କନ୍ଧମାଳ ହଳଦୀକୁ ପ୍ରକ୍ରିୟକରଣ ସହ ଜିଆଇ ଟ୍ୟାଗ ଲେବୁଲ ସହ ବ୍ରାଣ୍ଡିଂ ଲେବୁଲରେ ବିକ୍ରିବଟା ପାଇଁ ପଦକ୍ଷେପ ନିଆଯିବ। ଦାରିଙ୍ଗବାଡିରେ କଫିର ପ୍ରକ୍ରିୟାକରଣ କରାଯିବାକୁ ମଧ୍ୟ ସରକାର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ତୁମୁଡିବନ୍ଧ,୭।୭(ଦିପକ କୁମାର ପରାସେଠ) ତୁମୁଡିବନ୍ଧ ବ୍ଲକ ସଭା ଗୃହରେ ସୋମବାର ପୂର୍ବାହ୍ନରେ କନ୍ଧମାଳ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତୁମୁଡିବନ୍ଧ ବ୍ଲକର ୧୧ଟି ପଞ୍ଚାୟତରୁ କୋଟଗଡ଼ ବ୍ଲକର ଅଞ୍ଚଳର ଲୋକମାନେ ଆସି କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ, ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ, ଜିଲା ପାରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦିଙ୍କୁ ନିଜ ନିଜର ଅସୁବିଧା ସହିତ ଗ୍ରାମର ବିଭିନ୍ନ ସମସ୍ୟାକୁ ଲିଖିତ ଭାବେ ଜଣାଇଛନ୍ତି। ବ୍ୟକ୍ତି ଗତ ଓ ଗୋଷ୍ଠୀ ଗତ ଭାବେ ମୋଟ ୭୫ଟି ଅଭିଯୋଗ ହୋଇଛି। ଗୋଷ୍ଠୀ ଗତ ଅଭିଯୋଗ ଗୁଡ଼ିକ ମଧ୍ୟରୁ ତୁମୁଡିବନ୍ଧ ପଞ୍ଚାୟତର କୁଟିଆ ଜନଜାତିର ୪ ଗ୍ରାମ ଯଥା ନିଲିଙ୍ଗ ପଦର, ପୁକଝୁଲା, ପଲମ ଓ ବଲମକୁ ରାସ୍ତା ନାହିଁ, ସିର୍ଲା ପଞ୍ଚାୟତର ସଦରରେ ଜିଓ ନେଟ ୱାର୍କ ନଥିବା, ଝିରିପାଣି ଓ ଭଣ୍ଡରଙ୍ଗୀ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀଙ୍କ ବସ ସେବା ବର୍ଷା ଯୋଗୁ ବନ୍ଦ ଥିବା ନେଇ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଗୁଡ଼ିକୁ ଉପସ୍ଥିତ ଥିବା ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ୍ ଅଧ୍ୟକ୍ଷା ବାସନ୍ତି ମାଝି ଉପସ୍ଥିତ ଥିଲେ।

## ଶୁଣାଣି ପାଇଁ ୬୩ ଅଭିଯୋଗ ଗ୍ରହଣ କଲେ ଜିଲାପାଳ

ପାରଳାଖେମୁଣ୍ଡି,୭।୭ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମମୁଖୀ ପ୍ରଶାସନ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ପ୍ରମୁଖ ଉପସ୍ଥିତ ରହି ଶୁଣାଣି ପାଇଁ ୬୩ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତସମସ୍ୟାମୂଳକ ଅଭିଯୋଗ ୪୯ଟି ଥିବା ବେଳେ ୧୪ଟି ଗ୍ରାମ ସମସ୍ୟାଭିତ୍ତିକ ଯଥା ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନଆରଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସାସ୍ଥ୍ୟ ;ସବା ସମ୍ପର୍କିତ ଅଭିଯୋଗ ଥିଲା। ଶିବିରରେ ୩ଟି ଅଭିଯୋଗର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା।

## ଯୁବ ରେଡ୍‌କ୍ରସ ଜିଲା କାର୍ଯ୍ୟକାରିଣୀ ବୈଠକ




ଛତ୍ରପୁର,୭।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟଠାରେ ଗଞ୍ଜାମ ଜିଲା ଯୁବ ରେଡ୍‌କ୍ରସ ତରଫରୁ ଜିଲାସ୍ତରୀୟ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲା ରେଡ୍‌କ୍ରସ ସଭାପତି ଡ. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାର ପ୍ରଥମ ଅଧିବେଶନରେ ଯୁବ ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଓ ଉଚ୍ଚଶିକ୍ଷା ଆଞ୍ଚଳିକ ଉପ ନିର୍ଦ୍ଦେଶକ ଡ. ସୁଶାନ୍ତ ଦାଶ ଉପସ୍ଥିତ ରହି ଯୁବଶକ୍ତିର ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭାର ଦ୍ୱିତୀୟ ବୈଷୟିକ ଅଧିବେଶନରେ ବି. ଗୋବିନ୍ଦ ରାଓ ଯୁବ ସେବାର ଦୃଢ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସଂଯୋଜକ ଡ. ଜଗଦୀଶ ଚନ୍ଦ୍ର ପାଲ ବିକାଶଶୀଳ ଯୁଗରେ ଯୁବ ରେଡ୍‌କ୍ରସ ଅଭିଯାନକୁ ଆଧୁନିକ ଦୃଷ୍ଟିକୋଣ ଦେଇ ବୃହତ୍ ଭାବେ ପ୍ରସାର କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅଧିବେଶନରେ ଗଞ୍ଜାମ ଜିଲା ସହକାରୀ ପରିବହନ ଅଧିକାରୀ ସୌମ୍ୟ ପ୍ରକାଶ ଭୋଇ ଯୋଗଦେଇ ଯୁବ ରେଡ୍‌କ୍ରସର ଅନୁଶାସନ ଆଲୋଚନା କରିଥିଲେକ। ବୈଠକରେ ଜିଲାର ୧୨୦ଟି ମହାବିଦ୍ୟାଳୟର ୯୯ ଜଣ ଯୁବ ରେଡ୍‌କ୍ରସ ପରାମର୍ଶଦାତା ଓ କର୍ମକର୍ତ୍ତା ଯୋଗଦେଇଥିଲେ । ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଆବାହକ ଅଧ୍ୟାପିକା ଡ. ମିଳିମିତା ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ଜଗଦୀଶ ଚନ୍ଦ୍ର ପାଲ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଡ. ମାନସ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

## ଗଞ୍ଜାମ ଜିଲାର ପାଇଲେ ୨୨ ପ୍ରକୃତିବନ୍ଧୁ, ୨୦ ଜଣ ପ୍ରକୃତି ମିତ୍ର ପୁରସ୍କାର

**ଧରାକୋଟ ବ୍ଲକରୁ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ରାଉଳଙ୍କୁ ମିଳିଲା ପ୍ରକୃତି ବନ୍ଧୁ**



ଛତ୍ରପୁର/ଧରାକୋଟ,୭।୭(ସନ୍ତୋଷ ପାଢୀ/ବିଷ୍ଣୁକେଶରୀ ଆଚାର୍ଯ୍ୟ) ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ୩୦ ଜିଲାରୁ ଚୟନ ହୋଇଥିବା ୧୮୫ ପ୍ରକୃତିମିତ୍ର ଓ ୨୧୧ ପ୍ରକୃତିବନ୍ଧୁ ଚୟନ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ପ୍ରକୃତିବନ୍ଧୁ ଭାବରେ ୨୨ ଜଣ ଓ ପ୍ରକୃତି ମିତ୍ର ଭାବରେ ୨୦ ଜଣ ଚୟନ ହୋଇଛନ୍ତି। ଛତ୍ରପୁରର ନଗରବନ ସିନ୍ଧୁରାପଲ୍ଲୀଠାରେ ଏକ ଜିଲାସ୍ତରୀୟ ଉତ୍ସବରେ ସମସ୍ତଙ୍କୁ ପୁରସ୍କୃତ କରାଯାଇଛି। ତେବେ ଧରାକୋଟ ବ୍ଲକରୁ ପ୍ରକୃତି ବନ୍ଧୁ ଭାବେ ପୁରସ୍କାର ପାଇଛନ୍ତି ଶରଧାପୁରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ରାଉଳ। ଉତ୍ସବରେ ଛତ୍ରପୁର ଉପ ଜିଲାପାଳ ଶିବାଶିଷ ବାର୍ଲା, ବ୍ରହ୍ମପୁର ଡିଏଫ୍‌ଓ ସନି ଖୋକର, ଭଞ୍ଜନଗର ଘୁମୁସର ଉତ୍ତରଖଣ୍ଡ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଘୁମୁସର ଦକ୍ଷିଣଖଣ୍ଡ ଡିଏଫଓ ବିପାସା ପାତ୍ରୁଲ, ଖଣ୍ଡାଦେଉଳି ହାଇସ୍କୁଲ ପ୍ରଧାନଶିକ୍ଷକ ଡକ୍ଟର ଶଙ୍କର ନାରାୟଣ ବେଜ ଅତିଥିରୂପେ ଉପସ୍ଥିତ ଥିଲେ। ଅତିଥିମାନେ ରଶ୍ମିତାଙ୍କ ସମେତ ଜିଲାର ସମସ୍ତ ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାର ପାଇଁ ଚୟନ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ସହ ୧୦ ହଜାର ଲେଖାଏ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ବାବୁ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରେଞ୍ଜର, ଫରେଷ୍ଟର, ଛତ୍ରପୁର ଇକୋକ୍ଲବ ଓ ଭାରତ ସ୍କାଉଟ, ଗାଇଡ଼ର ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ଆସିକା, ୭।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ରଙ୍କୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିର୍ବନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି । ସୋମବାର ଛତ୍ରପୁର ନିକଟସ୍ଥ ସିନ୍ଧୁରିଆପଲ୍ଲୀ ସଂଲଗ୍ନ ବନ ବିଭାଗର ନଗରବନଠାରେ ଆୟୋଜିତ ଏକ ଜିଲାସ୍ତରୀୟ ଉତ୍ସବରେ ମହାପାତ୍ରଙ୍କୁ ଏହି ପୁରସ୍କାର ବାବଦରେ ନଗଦ ୧୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଛି ।

## ହେଲାନି ଦାବି ପୂରଣ, କଳାବ୍ୟାଜ୍ ପରିଧାନକରି ପ୍ରତିବାଦ ଜଣାଇଲେ ଅମଲା

ପାରଳାଖେମୁଣ୍ଡି, ୭।୭(ଗିରିଧାରୀ ପରିଚ୍ଛା) ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଅନୁସାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ଶାଖା ପକ୍ଷରୁ ପୂର୍ବରୁ ୧୦ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ୧୫ ଦିନ ମଧ୍ୟରେ ସରକାର ସେମାନଙ୍କ ଦାବି ପୂରଣ ନ କରିବାରୁ ଗଜପତି ଜିଲାର ସମସ୍ତ ରାଜସ୍ୱ ଅମଲା ଜୁଲାଇ ୭ରେ କଳାବ୍ୟାଜ୍ ପରିଧାନ କରି ସରକାରଙ୍କ ଅବହେଳାକୁ ବିରୋଧ କରିଥିଲେ। ଏହା ୧୧ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେଭଲ-୯କୁ ବୃଦ୍ଧି କରିବା, ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରିବା, ୨୦୨୦ରେ ଲାଗୁ ହୋଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ଉଚ୍ଛେଦ କରି ୧୯୯୦ର ଆଇନ ଲାଗୁ କରିବା, ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ଯଦି ସରକାର ଆସନ୍ତା ୧୩ ତାରିଖ ସୁଦ୍ଧା ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ କରନ୍ତି ତେବେ ୧୪ରୁ ସଂପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଗଜପତି ଜିଲା ସଭାପତି ଶାନ୍ତନୁ ମିଶ୍ର କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସହ ଉପଜିଲାପାଳ, ସମସ୍ତ ତହସିଲ, ବ୍ଲକ, ଶିଶୁ ବିକାଶ ପ୍ରକଳ୍ପ, ଜିଲା ପରିଷଦ, ସିଏସ୍‌ଓ, ଆର୍‌ଟିଓ, ଆଦିବାସୀ ବିଦ୍ୟାଳୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କଳାବ୍ୟାଜ୍ ପରିଧାନ କରିଥିଲେ।

**ଛତ୍ରପୁର, (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):** ଛତ୍ରପୁରରେ ୧୦ ଦାବି ନେଇ ସୋମବାରଠାରୁ ଅମଲାମାନେ କଳା ବ୍ୟାଜ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆସନ୍ତା ୧୧ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପିନ୍ଧିବେ। ଦାବି ପୂରଣ ନ ହେଲେ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ଅମଲା ସଂଘ ନିର୍ଦ୍ଦେଶରେ ଗଞ୍ଜାମ ଜିଲା ଅମଲା ସଂଘ ପକ୍ଷରୁ ବହୁ ସଭ୍ୟାସଭ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ ରଥଯାତ୍ରାରେ ୨୦ଲକ୍ଷ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା

■ନବଯୌବନ ଦର୍ଶନରୁ ସୁନାବେଶ ପର୍ଯ୍ୟନ୍ତ ଅନ୍ନ ସେବା
■ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ୧୧ ଦିନ ଧରି ଦେୟମୁକ୍ତ ସୁବିଧା

ଭୁବନେଶ୍ୱର,୭।୭ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଫାଉଣ୍ଡେଶନ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସାମିଲ ହୋଇ ଦେୟ ମୁକ୍ତ ସେବା ଓ ସୁବିଧା ଭକ୍ତମାନଙ୍କୁ ଯୋଗାଇ ଦେଇଥିଲା। ବିଶେଷ କରି ନବଯୌବନ ଦର୍ଶନରୁ ସୁନାବେଶ ପର୍ଯ୍ୟନ୍ତ ଭକ୍ତ ଓ ଅନ୍ୟସମସ୍ତ ସହାୟକଙ୍କୁ ଯୋଗାଇ ଦେଇଥିଲା। ଏପରିକି ଦୀର୍ଘ ୧୧ ଦିନ ଧରି ଦେୟ ମୁକ୍ତ ଅନ୍ନ ସେବା ସ୍ୱେଚ୍ଛାସେବୀଙ୍କ ଜରିଆରେ କରାଯାଉଥିଲା।

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପୁରୀର ପବିତ୍ର ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା କରିବାର ଦୀର୍ଘ ପରମ୍ପରାକୁ ଜାରି ରଖିଛି। ଏପରିକି ଚଳିତ




ବର୍ଷ ୨୦ଲକ୍ଷରୁ ଅଧିକ ଭୋଜନ ସେବା ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ନବଯୌବନ ଦର୍ଶନ ଦିନଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଜିନ୍ଦଲ ଫାଉଣ୍ଡେଶନ ସତେଜ ଓ ଗରମ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲାବେଳେ ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା ଯୋଗାଇବା ପାଇଁ ପୁରୀ ରେଳଷ୍ଟେଶନ ଏବଂ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବସ୍ ଷ୍ଟାଣ୍ଡଠାରେ ୨ଟି ବୃହତ ଖାଦ୍ୟ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲଗୁଡିକରେ ସତେଜ ରନ୍ଧା ଯାଇଥିବା ପୁଷ୍ଟିକର ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା ଅରୁଆ ଅନ୍ନ, ଡାଲମା ଏବଂ ଖଟା ଆଦି ପ୍ରଦାନ କରାଯାଇଥିଲା। ସେହିପରି ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଏହି ଖାଦ୍ୟ ପ୍ରସ୍ତୁତ ହେଉଥିବାବେଳେ ଆଧ୍ୟାତ୍ମିକ ଭାବାବେଗକୁ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା। ଏପରିକି ୧୬୦ରୁ ଅଧିକ ସମର୍ପିତ ସ୍ୱେଚ୍ଛାସେବୀ ଓ କର୍ମଚାରୀ ନିରନ୍ତର ଭାବେ ରନ୍ଧନ, ପରିବହନ ଓ ବଣ୍ଟନ କାର୍ଯ୍ୟରେ ନିୟୋଜିତ ଥିଲେ।

ସୂଚନାଯୋଗ୍ୟ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର ବସ୍‌ଷ୍ଟାଣ୍ଡ ଷ୍ଟଲର ଶୁଭାରମ୍ଭ କରିଥିବାବେଳେ ରେଳଷ୍ଟେଶନ ଷ୍ଟଲକୁ ଏଡିଆରଏମ ଡି.କେ.ବେହେରା ଶୁଭାରମ୍ଭ କରିଥିଲେ।

ଏ ନେଇ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ପୁରୀ ରଥଯାତ୍ରା ସମୟରେ ଜଣେ ବି ଶ୍ରଦ୍ଧାଳୁ ଯେପରି ଭୋକରେ ରହିବେ ନାହିଁ, ସେଥିପାଇଁ ବିଗତ ୧୧ ବର୍ଷ ଧରି ଆମେ ଆମର ଏହି ସମର୍ପିତ ପ୍ରୟାସକୁ ଜାରି ରଖିଛୁ। ଏହି ପବିତ୍ର ଶ୍ରଦ୍ଧା ଓ ଏକତାର ପର୍ବରେ ଆମେ ସେବା କରିପାରୁଥିବାରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଆମେ ଧନ୍ୟବାଦ ଜଣାଉଛୁ।

ବିଶେଷ କରି ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂର ଦୃଷ୍ଟିରେ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେଶନ୍ ୨୦୧୫ରୁ ପୁରୀ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା ଯୋଗାଇ ଆସୁଛି।

ଅପରପକ୍ଷରେ ଭୋଜନ ସେବା ବ୍ୟତୀତ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ୧୦,୦୦୦ ଓଆରଏସ ପ୍ୟାକେଟ ମଧ୍ୟ ବଣ୍ଟନ କରାଯାଇଥିଲା। ଏପରିକି ଜିଲା ପ୍ରଶାସନ ପକ୍ଷରୁ ନିୟୋଜିତ ଆଗଧାଡ଼ିର ସ୍ୱେଚ୍ଛାସେବୀଙ୍କ ସହାୟତା ପାଇଁ ଫାଉଣ୍ଡେଶନ ୬୦୦ ରେନିକୋଟ୍ ମଧ୍ୟ ପ୍ରଦାନ କରାଯାଇଥିଲାବେଳେ ହଜାରେ ଲିଟର ଧାରଣ କ୍ଷମତା ବିଶିଷ୍ଟ ୩ଟି ଶୀତଳ ପାନୀୟ ଜଳ ଟ୍ୟାଙ୍କର ନିରନ୍ତର ଭାବେ ନିୟୋଜିତ ହୋଇଥିଲା। ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ତଥା ରଥଯାତ୍ରାରେ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନକୁ ୫୦ଟି ବାୟୋଟଏଲେଟ ମଧ୍ୟ ପ୍ରଦାନ କରାଯାଇଥିଲା। ଉତ୍ସର୍ଗୀକୃତ ସେବା ଓ ସହଯୋଗ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବାର୍ତ୍ତାରେ ଜିନ୍ଦଲ ଫାଉଣ୍ଡେଶନକୁ ଉଚ୍ଚ ପ୍ରଶଂସା କରାଯାଇଛି।

# ୨୯୩ କୋଟିର ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୭।୭

ଶକ୍ତି ପମ୍ପସ (ଇଣ୍ଡିଆ) ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଏହା ପ୍ରତିଷ୍ଠାନ ନିବେଶକଙ୍କ ପାଇଁ କମ୍ପାନୀର ଯୋଗ୍ୟ ପ୍ରତିଷ୍ଠାନ ପ୍ଲେସମେଣ୍ଟ (କ୍ୱାଲିଫାଏଡ ଇନଷ୍ଟିଚ୍ୟୁଟ ପ୍ଲେସମେଣ୍ଟ/କ୍ୟୁଆଇପି) ସମସ୍ୟାକୁ ସଫଳତାର ସହ ବନ୍ଦ କରିବା ସହିତ ପ୍ରାୟ ୨୯୩ (୨୯୨.୬୦ କୋଟି) କୋଟି ଟଙ୍କା ପାଣ୍ଠି ଆକାରରେ ସଂଗ୍ରହ କରିଛି। ଏ ସମ୍ପର୍କରେ ଶକ୍ତି ପମ୍ପସ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପାଟିଦାର କହିଛନ୍ତି, ଆମର କ୍ୟୁଆଇପି ଇସ୍ୟୁ ପ୍ରତି ଉତ୍ସାହୀ ପ୍ରତିକ୍ରିୟା ଦେଖି ଆମେ ବହୁତ ଉତ୍ସାହିତ। ଏହି ସଫଳ ପାଣ୍ଠି ସଂଗ୍ରହ ଆମର ବ୍ୟବସାୟ ମଡେଲ୍ ଏବଂ ଅଭିବୃଦ୍ଧି ରଣନୀତି ଉପରେ ଆମର ନିବେଶକମାନଙ୍କର ବିଶ୍ୱାସକୁ ସ୍ପଷ୍ଟ କରିଛି। ଆମର ଅଭିବୃଦ୍ଧି ପଦକ୍ଷେପକୁ ଆଗକୁ ବଢ଼ାଇବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବା ପାଇଁ ଆମେ ଏହି ପାଣ୍ଠିକୁ ବ୍ୟବହାର କରିବାକୁ ଆଗ୍ରହୀ ଅଛୁ। ଶକ୍ତି ପମ୍ପସ ଏହାର ନିବେଶକମାନଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ହୃଦୟର ସହିତ କୃତଜ୍ଞତା ଜଣାଉଛି ଏବଂ କମ୍ପାନୀ ପାଇଁ ଏକ ଆଶାଜନକ ଭବିଷ୍ୟତ ଆଶା କରୁଛି। ସେହିଭଳି କ୍ୟୁଆଇପି ଇସ୍ୟୁର ମୂଲ୍ୟ ପ୍ରତି ଶେୟାର ପିଛା ୯୧୮.୦୦ ଟଙ୍କା ଥିଲା।

## ଅବସରପ୍ରାପ୍ତ ଅଧ୍ୟକ୍ଷା ସୁଧାଂଶୁବାଳାଙ୍କ ପିଏଚ୍‌ଡି. ଲାଭ



ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ସୁଧାଂଶୁବାଳା ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣା ସନ୍ଦର୍ଭ "କୁନ୍ତଳା ସ୍ରଷ୍ଟାମାନସର ବର୍ଣ୍ଣ ବୈଚିତ୍ର୍ୟ" ଗବେଷଣା କରି ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ କୋଲହନ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ଓଡ଼ିଆ ପ୍ରଫେସର ସୁରେଶ ଚନ୍ଦ୍ର ଦାଶ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ପଟ୍ଟନାୟକ କୁଜଙ୍ଗ ମଲ୍ଲିପୁରା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଉତ୍ସବାନନ୍ଦ ନାୟକ, ସୁନ୍ଦରୀ ଦେବୀଙ୍କ କନ୍ୟା ଓ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବଡ଼ବଜାର (ଭୂଇଁବୃତ୍ତି)ସ୍ଥ ସ୍ୱର୍ଗତ ରାମଚନ୍ଦ୍ର ନାୟକଙ୍କ କନିଷ୍ଠ ପୁତ୍ର ଡଃ ବ୍ରଜ କିଶୋର ନାୟକଙ୍କ ପତ୍ନୀ ଓ ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ନାୟକ, ନିରଞ୍ଜନଙ୍କ ଭାଇବୋହୂ। ଏ ସଫଳତା ପାଇଁ ପ୍ରଫେସର ନୃସିଂହ ଷଡ଼ଙ୍ଗୀ, ପ୍ରଫେସର ଯୁଧିଷ୍ଠିର ଖଟୁଆ, ପୁତ୍ର ଡଃ ଉତ୍କଳ, କଳିଙ୍ଗ, ସାଧନ, କନ୍ୟା ରେଜିୟା ପ୍ରମୁଖଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ଓ ମାହାଙ୍ଗା ମହିଳା ମହାବିଦ୍ୟାଳୟ ଓ ପୁଷ୍ପଗିରି ମହାବିଦ୍ୟାଳୟର ସହକର୍ମୀମାନଙ୍କର ଗବେଷଣା କ୍ଷେତ୍ରରେ ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୁଧାଂଶୁବାଳା ପଟ୍ଟନାୟକ
ଧ-୧୧୯୭


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବେଦାନ୍ତ ମୋବାଇଲ ହେଲ୍‌ଥ ୟୁନିଟର ସମ୍ପ୍ରସାରଣ

ଭୁବନେଶ୍ୱର,୭।୭

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମୋବାଇଲ ହେଲ୍‌ଥ ସ୍ୱାସ୍ଥ୍ୟ ୟୁନିଟ (ଏମ୍‌ଏଚ୍‌ୟୁ) ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ୟୁନିଟର ସେବା କ୍ରମାଗତ ଭାବେ ବୃଦ୍ଧି ପାଉଛି। ବର୍ତ୍ତମାନ ଓଡ଼ିଶାର ୫୨ ଗ୍ରାମରେ ୩୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏହା ଜରିଆରେ ପ୍ରଦାନ କରାଯାଉଛି। ବିଶେଷ କରି ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲାରେ କମ୍ପାନୀ ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳଗୁଡିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିଛି। ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ବ୍ୟବଧାନ ପୂରଣ ଉପରେ ଧ୍ୟାନ କେନ୍ଦ୍ରିତ କରି ଏହି ସେବା ଓ ଶିବିରଗୁଡ଼ିକ ବିଭିନ୍ନ ପ୍ରକାରର ମାଗଣା ସେବା ପ୍ରଦାନ କରୁଛି। ଯେଉଁଥିରେ ଡାକ୍ତରୀ ଯାଞ୍ଚ, ମ୍ୟାଲେରିଆ ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଅନ୍ତର୍ଭୁକ୍ତ ରହିଛି। ପ୍ରତ୍ୟେକ ଏମଏଚ୍‌ୟୁ ସମ୍ପୂର୍ଣ୍ଣ ଭାବେ ଡାଇଗ୍ନୋଷ୍ଟିକ୍‌କିଟ୍ ଏବଂ ମୌଳିକ ଔଷଧ ସହିତ ସଜ୍ଜିତ ରହିଛି। ତୁରନ୍ତ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ସମ୍ବୋଧିତ କରିବା ସହିତ କମ୍ପାନୀର ଏହି ପଦକ୍ଷେପ ପ୍ରତିରୋଧକ ଯତ୍ନ ଉପରେ ଗୁରୁତ୍ୱାରୋପ କରୁଛି। ଯାହା ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣରେ ଯୋଗଦାନ ଦେଇଥାଏ।

କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକରେ କମ୍ପାନୀର ଏହି ପଦକ୍ଷେପ ୨୧ଟିଗ୍ରାମରେ ପହଞ୍ଚିଥିବାବେଳେ ରାୟଗଡା ଜିଲାର କାଶୀପୁର ବ୍ଲକରେ ଏହି ସେବା ୧୪ଟି ଗ୍ରାମ ଏବଂ ସୁନ୍ଦରଗଡ ଜିଲାର ହେମଗିର ବ୍ଲକରେ ୧୧ଟି ଗ୍ରାମ ଓ ଝାରସୁଗୁଡା ଜିଲାର ଲଖନପୁର ବ୍ଲକରେ ୬ଟି ଗ୍ରାମରେ ପହଞ୍ଚି ପାରିଛି। ସ୍ୱାସ୍ଥ୍ୟଶିବିରଗୁଡ଼ିକ ସାଧାରଣତଃ ଉଚ୍ଚ ରକ୍ତଚାପ, ଗ୍ୟାଷ୍ଟ୍ରିକ ସମସ୍ୟା, ଫଙ୍ଗାଲ ସଂକ୍ରମଣ, ରକ୍ତ ହୀନତା, ସାଧାରଣ ଥଣ୍ଡା, ଗଣ୍ଠି ଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ମଧୁମେହ ଏବଂ ଚର୍ମ ଅବସ୍ଥା ଯେପରିକିସ୍କାବିସ୍ପରି ରୋଗଗୁଡ଼ିକର ସମାଧାନ କରିଥାଏ। ପ୍ରତିରୋଧକ ସଚେତନତା ଅବସର ମଧ୍ୟ ଏହି ପଦକ୍ଷେପର ଏକ ପ୍ରମୁଖ ଅଂଶ ବୋଲି କୁହାଯାଉଛି। ଯେଉଁଥିରେ ଋତୁସ୍ରାବ ପରିଚ୍ଛନ୍ନତା, ସ୍ତନ୍ୟପାନ, ତମାଖୁ ବନ୍ଦ, କୃମିନାଶକ, ଦୀର୍ଘକାଳୀନ ରୋଗ ପରିଚାଳନା ଏବଂ ଋତୁକାଳୀନ ରୋଗନିବାରଣ ଭଳି ସମସ୍ୟାର ନିବାରଣ କରିଥାଏ।

# ଏନ୍‌ଏଫ୍‌ଓ ଜରିଆରେ ୧୭,୮୦୦ କୋଟି

ଭୁବନେଶ୍ୱର,୭।୭

ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ) କୁ ନିକଟରେ ଏକ ବଡ ସଫଳତା ମିଳିଛି। ଏପରିକି ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ଜରିଆରେ କମ୍ପାନୀ ମୋଟ ୧୭,୮୦୦ କୋଟି (ପ୍ରାୟ ୨.୧ ବିଲିୟନ ଡଲାର) ରୁ ଅଧିକ ଟଙ୍କାର ନିବେଶ ହାସଲ କରିଛି। ସେହିଭଳି କମ୍ପାନୀ ପକ୍ଷରୁ ୩ଟି ନଗଦ/ଋଣ ମ୍ୟୁଚୁଆଲ୍ ଫଣ୍ଡ ଶୁଭାରମ୍ଭ କରାଯାଇଥିଲାବେଳେ ଏଥିରେ ଜିଓବ୍ଲାକରକ ଓଭରନାଇଟ୍ ଫଣ୍ଡ, ଜିଓବ୍ଲାକରକ ଲିକ୍ୱିଡ୍ ଫଣ୍ଡ ଏବଂ ଜିଓବ୍ଲାକରକ ମନି ମାର୍କେଟ୍ ଫଣ୍ଡ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅଫରର ଅବଧି ମଧ୍ୟରେ ୯୦ରୁ ଅଧିକ ସଂସ୍ଥାଗତ ନିବେଶକ ଏବଂ ୬୭,୦୦୦ ରୁ ଅଧିକ ବ୍ୟକ୍ତିବିଶେଷ ଏହି ପାଣ୍ଠିରେ ନିବେଶ କରିଛନ୍ତି। ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ହେଉଛି, ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ ଇଙ୍କର ଏକ ମିଳିତ ଉଦ୍ୟୋଗ। ଏ ସମ୍ପର୍କରେ ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଏମ୍‌ଡି ତଥା ସିଇଓ ସିଡ୍ ସ୍ୱାମୀନାଥନ୍ କହିଛନ୍ତି, ଆମର ପ୍ରଥମ ଏନଏଫଓକୁ ସଂସ୍ଥାଗତ ଏବଂ ଖୁଚୁରା ନିବେଶକଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏପରିକି ଏହା ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟର ନିବେଶ ଦର୍ଶନ, ରିସ୍କ ପରିଚାଳନା କ୍ଷମତା ଏବଂ ଡିଜିଟାଲ୍-ପ୍ରଥମ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରୁଛି। ଏହା ଭାରତର ବିକଶିତ ହେଉଥିବା ନିବେଶ ପରିଦୃଶ୍ୟରେ ଏକ ଶକ୍ତି ଭାବେ ଉଭା ହେବା ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି କୁହାଯାଉଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୭।୭

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୦ (୯.୬୧) ପଏଣ୍ଟ ବୃଦ୍ଧି ଘଟି ୮୩,୪୪୨ (୮୩,୪୪୨.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୦.୩୩ ପଏଣ୍ଟ ବଢି ୨୫,୪୬୧.୩୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏଚ୍‌ପିର ନୂତନ ଉତ୍ପାଦ

ଭୁବନେଶ୍ୱର,୭।୭

ଏଚ୍‌ପିର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ 'ନେକ୍ସଟ-ଜେନ ଏଆଇ ପିସି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀ ଭାରତରେ ତା'ର ସବୁଠାରୁ ସୁଲଭ ନେକ୍ସଟ-ଜେନ ଏଆଇ ପିସି ଶୃଙ୍ଖଳାର ଅନାବରଣ ସହ ନୂଆ ଏଚ୍‌ପି ଓମ୍ନିବୁକ ୫ ଓ ୩ ସିରିଜକୁ ବଜାର ପ୍ରବେଶ କରାଇଛି। ଅପରପକ୍ଷରେ ବଜେଟ ସଚେତନ ଉପଭୋକ୍ତାଙ୍କ ପାଇଁ ଏହାକୁ ଡିଜାଇନ କରାଯାଇଛି। ଶକ୍ତିଶାଳୀ ନେକ୍ସଟ-ଜେନ ଏଆଇ କ୍ଷମତା ଆଣିବା ପାଇଁ କମ୍ପାନୀ ଦୀର୍ଘ ଯୋଜନା କରିଥିଲାବେଳେ ଓମ୍ନିବୁକ ୫ରେ କ୍ୱାଲକମ ସ୍ନାପଡ୍ରାଗନ ଏକ୍ସ ପ୍ଲସ ପ୍ରୋସେସର ଏବଂ ଓମ୍ନିବୁକ ୩ରେ ଏଏମ୍‌ଡି ରାଇଜେନ ଏଆଇ ୩୦୦ ସିରିଜ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଉତ୍ସର୍ଗୀକୃତ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନପିୟୁ) ସହ ସୁସଜ୍ଜିତ ରହିଛି। ଏହା ସେକେଣ୍ଡ ପିଛା ୪୫ରୁ ୫୦ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ବୋଲି କୁହାଯାଉଛି। ଭିଡିଓ କଲ୍, ସହଭାଗିତା ଓ କାର୍ଯ୍ୟଦକ୍ଷତାକୁ ଉନ୍ନତ କରୁଥିବା ପରବର୍ତ୍ତୀ ପିଢିର ଏଆଇ ଫିଚରଗୁଡିକ ସହିତ ଏଚ୍‌ପି ଓମ୍ନିବୁକ ଶୃଙ୍ଖଳାରେ ୧୪ ଇଞ୍ଚ ଏଚ୍‌ପି ଓମ୍ନିବୁକ ୫, ୧୫.୬ ଇଞ୍ଚ ଏଚ୍‌ପି ଓମ୍ନିବୁକ ୩ ଓ ୧୪ ଇଞ୍ଚ ଏଚ୍‌ପି ଓମ୍ନିବୁକ ୩ ଅନ୍ତର୍ଭୁକ୍ତ ରହିଛି।

## Classified Everyday
0674-2580101, 9692975378



REAL ESTATE
SALE

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452 D-76471

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Positively health benefits SPA expert female therapist homely atmosphere. 8658088274. D-1177

AFFIDAVIT

By virtue of an affidavit sworn before Notary Public, Bhubaneswar, dated- 05.07.2025. I, Bhanupratap Sahoo Kundibag, Bhadrak Bypass, Bhadrak, Odisha, PIN-756181 declare that I have changed my name from Bhanu Pratap Sahu to Bhanupratap Sahoo. Henceforth, I shall be known as Bhanupratap Sahoo for all purposes. Bhanupratap Sahoo D-1196

I, Surendra Nath Parida, S/o- Jaladhar Parida, Resident of At- Balapur, P.O.- Bagalpur, P.S.- Biridi, Dist.- Jagatsinghpur, PIN- 754102, Odisha declare by this affidavit No.- 96/2025, Dated 04.07.2025. That now onwards I shall be known as SURENDRA PARIDA for all future purposes. D-1188

By virtue of an affidavit sworn before Notarised Reg. No.- 02/16.06.2025 at Odagaon Notary, I, Santosh Bantha, Address: At- Komanda, P.O.-Godipada, P.S.-Sarankul, Dist.- Nayagarh, PIN-752092, declare that I have corrected my mother's name from Kuni Dei to Kuni Bantha. Henceforth, I shall be known as correct name is Kuni Bantha for all purposes. Santosh Bantha D-1195

I, Satrujita Mohanty, D/o- Late Prafulla Chandra Mohanty, resident of Plot No.- 124(P), Kali Mandir Lane, Satyanagar, Bhubaneswar, Dist.- Khurda, PIN-751007, Odisha, declare by this affidavit No.- 128/AA dtd.- 24.06.2025 that now onwards I shall be known as SHATRUJITA MOHANTY for all future purposes. D-61976

I, Sudeep Kumar Padhi, S/o- Santilata Padhi, Resident of Gopinathpur, P.O./P.S.- Balugan, Dist.- Khurda, PIN- 752030, Odisha declare by this affidavit No.- 1306, dtd.- 26.06.2025. That my mother name is wrong in Passport need to change as Santilata Padhi as per my 10th Certificate. D-1186

By this affidavit sworn before the Notary Public, Nuapada, date 03.07.2025, I, Premamati Majhi, D/o- Ganapati Majhi, R/o. Village- Bhurukadhoda, P.O.- Kurumpuri, P.S.- Lakhna, Dist.- Nuapada declare that my name has been wrongly written as Preamamati Majhi, D/o- Gantayata Majhi in my Aadhaar Card. In order to correct my Aadhaar Card. Henceforth, I shall be known as Premamati Majhi, D/o- Ganapati Majhi for all purposes. D-1193

By virtue of an affidavit sworn in the Court of Executive Magistrate, Bhubaneswar vide C.F. No.-73, dtd. 07.07.2025, I, RUPALI DASH, permanent resident of Bangar Sahi, P.O./P.S.-Badagada, Dist.- Ganjam, Odisha, PIN- 761109, declare that I have changed my name from AJIT DASH to RUPALI DASH. Henceforth, I shall be known as RUPALI DASH for all purposes. D-76473

I, Tushar Ranjan Samal, S/o- Late Rabindra Kumar Samal, resident of Village Aruha, P.O.-Aruha, P.S.- Dharmasala, Dist.- Jajpur, PIN- 755024, Odisha declare by this affidavit No.-1817, dtd.- 05.05.2025. That now onwards I shall be known as Tusharr Ranjan Samal for all future purposes. D-1191

By virtue of an affidavit sworn before Executive Magistrate, Bhubaneswar, dated 04.07.2025, I, Mina Rout, Resident of Kanaguli, Kunjakothi, VTC: Kanaguli, P.O.- Kunjakothi, District.- Jagatsinghpur, Odisha, PIN- 754139 declare that I have changed my name from Mina Mahali to Mina Rout. Henceforth, I shall be known as Mina Rout for all purposes. D-1187

By virtue of an affidavit sworn before Executive Magistrate, Nayagarh, dt. 04.07.2025, I, Raja Sahoo, At- Mardarajpur, P.O.- Biruda, P.S.- Itamati, Dist.- Nayagarh, PIN- 752068 declare that I have changed my name from Rajesh Sahoo to Raja Sahoo. Henceforth, I shall be known as Raja Sahoo for all purposes. D-1189

By virtue of an affidavit sworn before Executive Magistrate, Bhubaneswar, dated- 05.07.2025, I, NEHA DASH, Address- 3/3A, MM LILAVATI Complex, Kalarahanga, Patia, BBSR-24, declare that I have changed my name from NEHA PRIYADARSHINI to NEHA DASH. Henceforth, I shall be known as NEHA DASH for all purposes. NEHA DASH D- 1203


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଭାତୀ ଦାସ
ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୯।୦୩।୧୯୭୧
ତିରୋଧାନ: ୨୮।୦୬।୨୦୨୫
ଆପଣ ଥିଲେ ଆମ ପରିବାର ପାଇଁ ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କର ପରିବାର ପ୍ରତି ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା, ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପାଖକୁ ନେଇଗଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ, ପୁତ୍ର, କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୭୬୪୭୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୭୫୩୯୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ବର୍ଷାଦିନେ ସ୍ୱାସ୍ଥ୍ୟର ଯତ୍ନ

ବର୍ଷାଦିନ ଆରମ୍ଭ ହେଲେ ଚାରିଆଡ଼େ ଗଛଲତାର ସବୁଜିମା ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ। ଏଥିସହ ଏହି ଦିନରେ ଜ୍ୱର, ଥଣ୍ଡା, କାଶ, ସଂକ୍ରମଣ ଏବଂ ପେଟଜନିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ। ତେଣୁ ବର୍ଷାଦିନେ ମହିଳାମାନେ କିପରି ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବେ ସେ ବିଷୟରେ ସୂଚନା...



**ହଳଦୀ-ତୁଳସୀ କାଢ଼ା**
ପ୍ରତିଦିନ ସକାଳେ କିମ୍ବା ସନ୍ଧ୍ୟାରେ ହଳଦୀ ଏବଂ ତୁଳସୀର କାଢ଼ା କରି ପିଅନ୍ତୁ। ଏହା ଶରୀର ଭିତରୁ ଅପରିଷ୍କାର ତତ୍ତ୍ୱକୁ ବାହାର କରିବା ସହିତ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ତ୍ରିଫଳା ଚୂର୍ଣ୍ଣ:** ତ୍ରିଫଳାକୁ ଆୟୁର୍ବେଦରେ ବହୁତ ଭଲ ବୋଲି ଜଣାଯାଏ। ଏହାକୁ ନିୟମିତ ସେବନ ଦ୍ୱାରା ଏହା ପାଚନ ତନ୍ତ୍ରକୁ ମଜଭୁତ କରିବା ସହିତ ଶରୀରକୁ ଭାଇରାଲ ଇନ୍‌ଫେକ୍‌ସନ୍‌ରୁ ଲଢ଼ିବାରେ ସକ୍ଷମ ହୋଇଥାଏ।

**ଉଷୁମ ପାଣି**
ଏହି ଦିନରେ ପାଣିକୁ ଫୁଟାଇ ପିଇବା ଆବଶ୍ୟକ। ଥଣ୍ଡା ଏବଂ ବାହାର ପାଣି ପିଇବା ଦ୍ୱାରା ଏହା ପେଟ ଖରାପ କରିବାର ଆଶଙ୍କା ରହିଛି। ଏଥିପାଇଁ ଭଲ ହେବ ସବୁବେଳେ ନଖଉଷୁମ ପାଣି କିମ୍ବା ସିଝା ପାଣି ପିଇବାକୁ ଚେଷ୍ଟା କରନ୍ତୁ।

**ଗିଲୟ ଏବଂ ଲିମ୍ବ :** ଗିଲୟ ଏବଂ ଲିମ୍ବପତ୍ରକୁ ଫୁଟାଇ ତା'ର କାଢ଼ା ପ୍ରସ୍ତୁତ କରନ୍ତୁ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ଏହି ଦିନରେ ଓଦା ହେବାଠାରୁ ନିଜକୁ ଦୂରେଇ ରଖନ୍ତୁ। ନ ହେଲେ ଏହାଦ୍ୱାରା ସ୍କିନ୍ ଇନ୍‌ଫେକ୍‌ସନ୍, ଥଣ୍ଡା ଏବଂ କାଶ ଆଦିର ଆଶଙ୍କା ରହିଛି।

## ଫ୍ୟାଶନ୍

# ବର୍ଷାଦିନରେ ଆରାମଦାୟକ ଡ୍ରେସ୍

**କଟନ ଡ୍ରେସ୍:** ବର୍ଷାଦିନରେ କର୍ଟନ ଫାବ୍ରିକ୍‌ର ଡ୍ରେସ୍ ବହୁତ ଆରାମଦାୟକ ହୋଇଥାଏ। ଏହି ଫାବ୍ରିକ୍ ସ୍କିନ୍‌ରେ ରାସେସ୍ ହେବାକୁ ଦେଇ ନ ଥାଏ। ଏଥିରେ ଯଦି କୌଣସି ଦାଗ ଲାଗିଯାଏ ତେବେ ଏହା ସହଜରେ ଛାଡ଼ିଯାଇଥାଏ।



**ସ୍କିନ୍ ଫିଟ୍ ନ ହୋଇଥିବା ଡ୍ରେସ୍:** ବର୍ଷାଦିନରେ ଟାଇଟ୍ ଫିଟିଂ ଡ୍ରେସ ପିନ୍ଧିବା ବଦଳରେ ଢିଲା ଡ୍ରେସ ପିନ୍ଧନ୍ତୁ। ଏଦିନେ ସ୍କିନ୍ ଫିଟିଂ ଜିନ୍ସ ବଦଳରେ କର୍ଟନ ପ୍ୟାଣ୍ଟ ପିନ୍ଧି ପାରିବେ। ଟାଇଟ୍ ପ୍ୟାଣ୍ଟ ବଦଳରେ ପ୍ଲାଜୋ କିମ୍ବା କମ୍ଫର୍ଟେବଲ୍ ପ୍ୟାଣ୍ଟ ପିନ୍ଧିପାରିବେ। ଯାହା ଓଦା ହେଲା ମାତ୍ରେ ସହଜରେ ଶୁଖିଯାଉଥିବ।

**ଫାବ୍ରିକ୍:** କୌଣସି ଫାବ୍ରିକ୍ କିଣିବା ସମୟରେ ଏହା କେଉଁ ଫାବ୍ରିକ୍‌ର ତାହା ଜାଣିବା ନିହାତି ଜରୁରୀ। କାରଣ ଯଦି ଫାବ୍ରିକ୍ ମୋଟା ଥିବ ତେବେ ଏହା ଶୁଖିବା ଲାଗି ଅଧିକ ସମୟ ଲାଗିଥାଏ। ଯେଉଁ ଫାବ୍ରିକ୍ ଶରୀରରେ ଯେପରି ଲାଖି ନ ରହିବ ଯେମିତିକି ନାଇଲନ୍, ସିଫନ୍, ଲିନେନ୍, ରେୟନ୍ ଆଦି।

**ଲାଇଟ୍ କଲର ଡ୍ରେସ :** ବର୍ଷାରେ ଓଦା ହେଲା ମାତ୍ରେ ଲାଇଟ୍ କଲର ଡ୍ରେସ ପିନ୍ଧିଥିଲେ ଏହା ଶରୀରରେ ଲାଖିକି ରହିଯାଏ। ଫଳରେ ଶରୀରକୁ ଏହା ଭଲ ମାନି ନ ଥାଏ।

# କିଛି କଥା କହିହୁଏନି....

"ଅଧିକାଂଶ ମହିଳା ନିଜର ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସ୍ୱାମୀଙ୍କୁ ଜଣେଇ ନଥାନ୍ତି। ସେମାନେ ଭାବିଥାନ୍ତି ଏତେ ଛୋଟ ସମସ୍ୟାକୁ କହି କାହିଁକି ଚିନ୍ତିତ କରିବି। ନିଜ ଭିତରେ କଷ୍ଟ ରଖି ନିଜେ କଷ୍ଟ ପାଇଥାନ୍ତି। ସେ ନିଜେ କିଛି ଘରୋଇ ଉପଚାର କରି ଏଥିରୁ ଆରାମ ପାଇବାକୁ ଚେଷ୍ଟା କରିଥାନ୍ତି। ଯଦି କିଛି ଘରୋଇ ଉପାୟ ଦ୍ୱାରା ଏହା ଭଲ ହୋଇ ନ ଥାଏ, ତେବେ ଏହା ବିଷୟରେ ସେ ଶେଷରେ ସ୍ୱାମୀଙ୍କୁ କହିଥାନ୍ତି।"





ଗୋଟେ ଗୀତ ଅଛି 'ପରଦେ ମେଁ ରେହେନେ ଦୋ ପରଦା ନା ଉଠାଓ, ପର୍ଦା ଜୋ ଖୁଲ୍ ଗୟା ତୋ ଭେଦ ଖୁଲ୍ ଜାଏଗା...'। ପୁରୁଷ ହୁଅନ୍ତୁ ଅବା ମହିଳା- କେତେକ କଥାକୁ ମନ ଭିତରେ ଲୁଚାଇ ରଖିଥାଆନ୍ତି। କିନ୍ତୁ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ କଥା ଲୁଚାଇବାକୁ ଚେଷ୍ଟା କରିଥାନ୍ତି। ବେଳେବେଳେ ପରିସ୍ଥିତି ଏଭଳି କରିବାକୁ ବାଧ୍ୟ କରିଥାଏ। ଆଉ କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ବିଶେଷଭାବରେ ମହିଳାଙ୍କର ଏମିତି କିଛି ସିକ୍ରେଟ୍ କଥା ରହିଥାଏ, ସେ କାହାକୁ ବି କିଛି କହି ନ ଥାନ୍ତି। ସେଭଳି କେତୋଟି ପ୍ରମୁଖ କଥା ବିଷୟରେ ଆଲୋଚନା..

**ଗର୍ଲ୍ସ ଟକ୍**
ଝିଅମାନେ ବି ମିଶି କେତେ କଥାବାର୍ତ୍ତା ହୋଇଥାନ୍ତି। ଜଣେ କିଏ ପଚାରିଲେ କାହାକୁ କିଛି କହି ନ ଥାନ୍ତି। କଥାବାର୍ତ୍ତା ହେବାର କୌଣସି ସୀମା ନ ଥାଏ। ଯଦି ଆପଣ ଏହି ମହିଳାଙ୍କ କଥା ହେଉଥିବାର ଶୁଣି ଦିଅନ୍ତି ଦେଖିବେ ସେ କିପରି ନିଜର ଲୁକ୍ ପରିବର୍ତ୍ତନ କରୁଛନ୍ତି। ସବୁଠାରୁ ମଜା କଥା ହେଲା- ତୁମେ ଯଦି ତାଙ୍କୁ ପଚାରିବ ସାଙ୍ଗମାନେ ମିଶି କେଉଁ ବିଷୟରେ କଥା ହେଉଥିଲ, ସେ ବିଲ୍‌କୁଲ୍ କହିବେ ନାହିଁ।

**ଆଫେୟାର୍ସ**
ବେଳେବେଳେ ମହିଳା ନିଜ ଆଫେୟାର ବିଷୟରେ ସମସ୍ତଙ୍କୁ ଲୁଚାଇ ଥାନ୍ତି। ବିବାହ ପୂର୍ବରୁ ମଧ୍ୟ ସେ ନିଜର ସାଙ୍ଗସାଥୀଙ୍କୁ ମଧ୍ୟ ଏ ବିଷୟରେ କେବେ ବି କିଛି କହି ନ ଥାନ୍ତି। ତାଙ୍କୁ ଲାଗିଥାଏ ଯେ କଥା ସାମ୍ନାକୁ ଆସୁ ତେବେ ଦେଖିବା, ନ ହେଲେ ନାଇଁ। ମହିଳାମାନେ ତାଙ୍କ ଇମେଜ୍‌କୁ ନେଇ ବହୁତ ସଚେତନ ଥାଆନ୍ତି। ସେ କେବେ ବି ଚାହିଁ ନ ଥାନ୍ତି ତାଙ୍କର ଖରାପ୍ ଇମେଜ୍ କାହା ସାମ୍ନାକୁ ଆସୁ। ବିବାହ ପରେ ନିଜ ସ୍ୱାମୀଙ୍କୁ ମଧ୍ୟ ଏ ବିଷୟରେ ଲୁଚାଇ ଥାନ୍ତି।

**ମେକଅପ୍ ସିକ୍ରେଟ୍**
ମହିଳାଙ୍କୁ ଯେତେ ପଚାରିବ ଏତେ ସୁନ୍ଦର ଦେଖାଯାଉଛ କ'ଣ ଲଗାଉଛ। ସେ ଉତ୍ତରରେ କହିବେ କିଛି ନାହିଁ ମ, ମୁଁ କ୍ରିମ୍ ପାଉଡର ବ୍ୟବହାର କରେ ନାହିଁ। ମୋତେ ସେଗୁଡ଼ାକ ଜମା ଭଲ ଲାଗେ ନାହିଁ। ଏମିତି କେତେ କଥା କହିବେ, ହେଲେ ସେମାନଙ୍କର କସମେଟିକ୍ ସାମଗ୍ରୀ ବିଷୟରେ ପ୍ରକୃତ କଥା ଜମା ବି ସେ କହି ନ ଥାନ୍ତି। କ'ଣ ଲଗାଇଲେ ସେମାନଙ୍କର ମୁହଁରେ ଏତେ ଗ୍ଲୋ ଆସୁଛି ତାହା ଅନ୍ୟମାନଙ୍କୁ ଜଣାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ।

**ଅଭ୍ୟାସ**
କେତେକ ମହିଳା ଝିଟିପିଟି ଏବଂ ଅସରପାକୁ ଡରିଥାନ୍ତି। ଇଞ୍ଜେକ୍‌ସନ୍ ନେବାକୁ ମଧ୍ୟ ଡରନ୍ତି। ସମସ୍ତଙ୍କ ସାମ୍ନାରେ କମ୍ ଖାଇଥାନ୍ତି କିନ୍ତୁ ଏକୁଟିଆ ଅଧିକ ଖାଇଥାନ୍ତି।
ଏଭଳି ବିଷୟ କିଏ ଜାଣିଲେ ହୁଏତ ତାଙ୍କୁ ନେଇ କିଛି ନେଗେଟିଭ ମନ୍ତବ୍ୟ ଦେଇପାରନ୍ତି-ଏକଥା ଭାବି ସେମାନେ ଏହାକୁ ପ୍ରକାଶ କରନ୍ତି ନାହିଁ। ବାହାରେ କାହାଠୁ ଗାଳି ଶୁଣୁଥିବେ କିନ୍ତୁ ଘରେ ସେହି ବିଷୟରେ ଟିକିଏ ହେଲେ ସୂଚନା ଦିଅନ୍ତି ନାହିଁ।



**ଅତୀତ ଘଟଣା**
ପିଲାବେଳେ ଯଦି କିଏ ତାଙ୍କୁ ଖରାପ୍ ବ୍ୟବହାର କରିଥାଏ ତେବେ ସେ କଥାକୁ ସେ ଅନ୍ୟ ସାମ୍ନାରେ ଲୁଚାଇଥାନ୍ତି। ଏଥିସହିତ ତାଙ୍କ ଘରେ ହେଉଥିବା ମାତା-ପିତାଙ୍କ ଝଗଡାକୁ ମଧ୍ୟ ଅନ୍ୟ ସାମ୍ନାରେ କହି ନ ଥାନ୍ତି।


**ନିଜ ସଞ୍ଚୟ ବିଷୟରେ..**
ସଞ୍ଚୟ କରିବା କେତେକ ମହିଳାଙ୍କର ଏକ ଅଭ୍ୟାସ। କେତେକ ମହିଳା ସ୍ୱାମୀଙ୍କ ପର୍ସରୁ ଟଙ୍କା ନେବାର ନଜିର ରହିଛି। ଅବଶ୍ୟ ସେମାନେ ଏହାକୁ ନେଇ କିଛି ଖର୍ଚ୍ଚ କରନ୍ତି ପୁଣି କେତେକ ସଞ୍ଚୟ କରନ୍ତି। ହେଲେ ସେମାନେ କେତେ ସଞ୍ଚୟ କରୁଛନ୍ତି ସେ ବିଷୟରେ କାହାକୁ କିଛି ସୂଚନା ଦିଅନ୍ତି ନାହିଁ। କେତେକ ମହିଳା ଘର ଖର୍ଚ୍ଚକୁ କାଣ୍ଟଛାଣ୍ଟ କରି ସଞ୍ଚୟ କରନ୍ତି, ହେଲେ ଏହାର ସୂରାକ କାହାକୁ ଦେଇ ନ ଥାନ୍ତି।


**ସ୍ୱାସ୍ଥ୍ୟ ସମସ୍ୟା**
ଅଧିକାଂଶ ମହିଳା ନିଜର ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସ୍ୱାମୀଙ୍କୁ ଜଣେଇ ନଥାନ୍ତି। ସେମାନେ ଭାବିଥାନ୍ତି ଏତେ ଛୋଟ ସମସ୍ୟାକୁ କହି କାହିଁକି ଚିନ୍ତିତ କରିବି। ନିଜ ଭିତରେ କଷ୍ଟ ରଖି ନିଜେ କଷ୍ଟ ପାଇଥାନ୍ତି। ସେ ନିଜେ କିଛି ଘରୋଇ ଉପଚାର କରି ଏଥିରୁ ଆରାମ୍ ପାଇବାକୁ ଚେଷ୍ଟା କରିଥାନ୍ତି। ଯଦି କିଛି ଘରୋଇ ଉପାୟ ଦ୍ୱାରା ଏହା ଭଲ ନ ହୋଇଥାଏ ତେବେ ଏହା ବିଷୟରେ ସେ ଶେଷରେ ସ୍ୱାମୀଙ୍କୁ କହିଥାନ୍ତି।

**ଭବିଷ୍ୟତ ଯୋଜନା**
ମହିଳାମାନେ ନିଜ ଭବିଷ୍ୟତ ଯୋଜନାକୁ ନେଇ ବହୁତ ଚିନ୍ତିତ ରୁହନ୍ତି। ଏଥିପାଇଁ କିଛି କଥା ସ୍ୱାମୀଙ୍କ ଠାରୁ ଲୁଚାଇ ରଖିଥାନ୍ତି। ସେମାନେ ଚାହିଁଥାନ୍ତି ତାଙ୍କ ସ୍ୱାମୀ କୌଣସି ଇନ୍‌ସ୍ୟୁରାନ୍ସ ନିଅନ୍ତୁ। ଯଦି କିଛି ସମସ୍ୟା ହୋଇଯାଏ ତେବେ ସେ ଏ ସମୟରେ ପିଲା ଆଉ ତାଙ୍କର କିପରି ଯତ୍ନ ନେବେ।

**ନିଷ୍ପତ୍ତି**
ବେଳେବେଳେ ଦେଖାଯାଏ ଘରେ କିଛି ନିଷ୍ପତ୍ତି ନିଆଯାଏ, ଯେଉଁଠି ସ୍ୱାମୀ ସ୍ତ୍ରୀଙ୍କ ଉଭୟ ମତ ରହିବା ଜରୁରୀ। ଏମିତି ବି ହୋଇଥାଏ ସ୍ୱାମୀଙ୍କ ନିଷ୍ପତ୍ତିରେ ସ୍ତ୍ରୀ ଖୁସି ନ ହୋଇ ମଧ୍ୟ ଖୁସି ହେବାର ନାଟକ କରିଥାନ୍ତି।

**ଫୋନ୍ କଲ**
ସାଧାରଣତଃ ଝିଅମାନେ ତାଙ୍କ ମା'ଙ୍କର ଅଧିକ ନିକଟତର ହୋଇଥାନ୍ତି। ମା'ଙ୍କୁ ତାଙ୍କର ସବୁ କଥା ଖୋଲିକି କହିଥାନ୍ତି। କୌଣସି ଶାଶୁ ଘର ଲୋକ ଚାହାନ୍ତିନି ତାଙ୍କ ବୋହୂ ତା' ମା' ସାଥିରେ କଥା ହେଉ। ହେଲେ ମା'ଝିଅ ମଧ୍ୟରେ କ'ଣ କଥା ହେଲା ଏ ବିଷୟରେ ସେ କାହାକୁ କିଛି କହିବାକୁ ପସନ୍ଦ କରି ନ ଥାନ୍ତି।





## ସୌନ୍ଦର୍ଯ୍ୟ

# ମନସୁନ୍ ସ୍କିନ୍ କେୟାର




ବର୍ତ୍ତମାନ ବର୍ଷାଦିନ। ଏହି ସମୟରେ ମହିଳାମାନେ ନିଜର ସ୍କିନ୍‌ର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସେ ସମ୍ପର୍କରେ କେତୋଟି ଟିପ୍ସ...

**ଗୋଲାପ ଜଳ**
ମନ୍‌ସୁନ୍‌ରେ ସ୍କିନ୍‌ରେ ଚମକ ଆଣିବା ପାଇଁ ଆପଣ ଗୋଲାପ ଜଳର ବ୍ୟବହାର କରିପାରିବେ। ଗୋଲାପ ଜଳ ପ୍ରାକୃତିକ ଆଷ୍ଟ୍ରିଜେଣ୍ଟ ପରି କାମ କରିଥାଏ। ଏହାକୁ ସକାଳୁ ସନ୍ଧ୍ୟାରେ କଟନ୍ ସାହାଯ୍ୟରେ ମୁହଁରେ ଲଗାନ୍ତୁ।

**ମୁଲ୍‌ତାନୀ ମାଟି ଫେସ୍‌ପ୍ୟାକ୍**
ମୁଲ୍‌ତାନୀ ମାଟିର ବ୍ୟବହାର କେବେଠାରୁ ହୋଇଆସୁଛି। ମୁଲ୍‌ତାନୀ ମାଟି ସ୍କିନ୍‌ରୁ ଅତିରିକ୍ତ ତେଲ ଶୋକ୍ କରିବାରେ ସାହାଯ୍ୟ କରିଥାଏ ଏବଂ ମୁହଁକୁ ଥଣ୍ଡା ରଖିଥାଏ। ସପ୍ତାହରେ ଦୁଇଥର ଏହି ଫେସ୍‌ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚାରୁ ଚିପ୍‌ଚିପା ପଣ ଦୂର ହୋଇଥାଏ।

**ନିମ୍ବ, ଆଲୋଭେରା ଜେଲ୍**
ନିମ୍ବ ଆଣ୍ଟିବାକ୍ଟେରିଆ ଏବଂ ଆଲୋଭେରା ଜେଲ୍ ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ଲିମ୍ବ ପତ୍ରକୁ ବାଟି ସେଥିରେ ଆଲୋଭେରା ଜେଲ୍ ମିଶାଇ ଲଗାଇବା ଦ୍ୱାରା ମୁଖବ୍ରଣ ଠାରୁ ରକ୍ଷା ମିଳିଥାଏ।

**ଅମୃତଭଣ୍ଡା ଏବଂ ମହୁ**
ପାଚିଲା ଅମୃତଭଣ୍ଡା ସ୍କିନ୍‌ରେ ଥିବା ଡେଡ୍ ସେଲ୍‌କୁ ଦୂର କରିଥାଏ। ମହୁ ସ୍କିନ୍‌କୁ ମଶ୍ଚରାଇଜ୍ କରିଥାଏ। ଏହି ସ୍କ୍ରବ୍ ମୁହଁକୁ କ୍ଲିନ୍ ଏବଂ ଫ୍ରେଶ ରଖିବାରେ ସାହାଯ୍ୟ କରିଥାଏ।

**ଅଏଲଫ୍ରି ମଶ୍ଚରାଇଜର୍**
ମନସୁନ୍‌ରେ ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ନିହାତି ଜରୁରୀ। ଏହି ଦିନରେ ହେଭି କ୍ରିମ୍ ଲଗାନ୍ତୁ ନାହିଁ। କୌଣସି ଲାଇଟ୍ ୱେଟ୍ ଏବଂ ଅଏଲଫ୍ରି ମଶ୍ଚରାଇଜର ଲଗାନ୍ତୁ। ଏହାଦ୍ୱାରା ମୁହଁରେ ଚିପ୍‌ଚିପା ରହିବନି।



## ଖାଦ୍ୟରୁଚି

# କର୍ନ ପକୋଡ଼ା



**ଆବଶ୍ୟକ ସାମଗ୍ରୀ**
କର୍ନ ୨୫୦ ଗ୍ରାମ୍, ବେସନ ଦୁଇ ବଡ଼ ଚାମଚ, ଚାଉଳ ଗୁଣ୍ଡ ଦୁଇ ବଡ଼ ଚାମଚ, ଅଦା ପେଷ୍ଟ ଏକ ଛୋଟ ଚାମଚ, ହଳଦୀ ପାଉଡର, କଶ୍ମିରୀ ଚିଲି ପାଉଡର ଛୋଟ ଚାମଚ, ଆମଚୁର ପାଉଡର, ଚାଟ୍ ମସଲା, ସ୍ୱାଦ ଅନୁସାରେ ଲୁଣ, ଭୃର୍ସୁଙ୍ଗ ପତ୍ର ଅଳ୍ପ, ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ଏକ ପାତ୍ର ନିଅନ୍ତୁ ସେଥିରେ ମକା, ବେସନ, ଚାଉଳଗୁଣ୍ଡ, ଅଦା ପେଷ୍ଟ, ହଳଦୀ ପାଉଡର, କଶ୍ମିରୀ ଚିଲି ପାଉଡର, ଆମଚୁର ପାଉଡର, ଚାଟ୍ ମସଲା, ଭୃର୍ସୁଙ୍ଗ ପତ୍ର, ଲୁଣକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ଅଳ୍ପ ଟିକେ ପାଣି ଦେଇ ତାକୁ ଛୋଟ ଛୋଟ ବଲ୍ ପରି କରନ୍ତୁ। ବର୍ତ୍ତମାନ ଏକ କଡ଼ାଇ ନେଇ ଚୁଲାରେ ବସାନ୍ତୁ। ଏହି କଡ଼ାଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ଏହି ତେଲ ତାତିଲା ପରେ ସେଥିରେ କର୍ଣ୍ଣ ବଲ୍‌ଗୁଡ଼ିକୁ ଛାଣିବା ଲାଗି ପକାନ୍ତୁ। ଏହି କର୍ଣ୍ଣ ବଲ୍‌ଗୁଡ଼ିକ ଟିକେ ଗୋଲଡେନ୍ କଲର ହେଲାପରେ ତାକୁ କଡ଼ାଇରୁ କାଢ଼ି ଦିଅନ୍ତୁ। ଏହି କର୍ଣ୍ଣ ପକୋଡ଼ା ପିଲାଙ୍କୁ ଟମୋଟୋ ସସ୍‌ରେ ପରଷନ୍ତୁ।

ଧରିତ୍ରୀ DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୮/୨୦୨୫ Bhubaneswar, Tuesday, July 8/ 2025

# ୟୁନେକ୍ସ ସନ୍‌ରାଇଜ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଆଜିଠାରୁ

## ଭାଗ ନେଉଛନ୍ତି ଦେଶର ୧୫୦୦ ରୁ ଊର୍ଦ୍ଧ୍ୱ ଖେଳାଳି



ଭୁବନେଶ୍ୱର,୭।୭ (ବିଜୟ ରଣା)

ଓଡିଶାରେ ପ୍ରଥମ ଥର ପାଇଁ ୟୁନେକ୍ସ ସନ୍‌ରାଇଜସିନିୟରର୍‍ୟାଙ୍କିଙ୍ଗବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ମଙ୍ଗଳବାରଠାରୁ ୧୫ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର(ସଟଲ) ଏବଂ ବହୁମଖୀ ଇନ୍‌ଡୋର ଷ୍ଟାଡିୟମ ପୋଖରୀପୁଟ୍‌ଠାରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଭାରତୀୟ ବ୍ୟାଡମିଣ୍ଟନ ଦ୍ୱାରା ଅନୁମୋଦିତ ଏହି ସିନିୟର ବର୍ଗର ପ୍ରତିଯୋଗିତା ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଏପରି ୫ଟି ବିଭାଗରେ ସମଗ୍ରଦେଶରୁ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେବେ। ଓସବା ସଭାପତି ରାଜେଶ ପ୍ରଭାକର ପାଟିଲଙ୍କ ନେତୃତ୍ୱ ଏବଂ ଓସବା ରାଜ୍ୟ ସଂପାଦକ ନଳିନ କୁମାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ସିନିୟର ବର୍ଗର ପ୍ରତିଯୋଗିତା ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ଏଥିରେ ଦେଶର ବହୁ ମାନ୍ୟତାପ୍ରାପ୍ତ ଖେଳାଳି ଭାଗ ନେଉଛନ୍ତି। ପ୍ରତିଯୋଗିତା ପ୍ରଥମ ୪ ଦିନ ରେ କ୍ୱାଲିଫାଇଂ ରାଉଣ୍ଡ ଏବଂ ଶେଷ ୪ ଦିନ ମୁଖ୍ୟ ଡ୍ର ଖେଳ ଅନୁଷ୍ଠିତ ହୋଇ ୧୫ ତାରିଖ ଦିନ ଏହାର ଉଦ୍‌ଯାପନୀ ଅନୁଷ୍ଠିତ ହେବ ବୋଲି ଓସବା ସମ୍ପାଦକ ନଳିନୀ କୁମାର ସୂଚନା ଦେଇଛନ୍ତି। ଖେଳ ସୁପରିଚାଳନା ପାଇଁ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମହାନ୍ତି, ଶୈଳେନ୍ଦ୍ର ଚୌଧୁରୀ, ମନୋରଞ୍ଜନ ପଣ୍ଡା, ସୁରେଶ ପଣ୍ଡା, ଅଜିତ ମହାନ୍ତି, କମଳ ଦାସ, ସନ୍ଦୀପ ମିଶ୍ର, ସୁରୁଲାଲ ମଟାରି ପ୍ରମୁଖ ବିଭିନ୍ନ କମିଟିର ଦାୟିତ୍ୱ ତୁଲାଉଥିବା ବେଳେ ଏହି ସର୍ବ ଭାରତୀୟ ପ୍ରତିଯୋଗିତାର ସଂଯୋଜକ ଭାବେ ସୁଦିପ ବିଶୋଇ, କମଲ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଲ ପଟ୍ଟନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ମ୍ୟାଚ ପରିଚାଳନା ଦାୟିତ୍ୱରେ ଚିଫ୍ ରେଫରି ଭାବରେ ବିଡବ୍ଲୁଏମ୍ ମାନ୍ୟତାପ୍ରାପ୍ତ ରେଫରି ସି.ଆର. ରାଜିବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ଦାୟିତ୍ୱରେ ରହିଥିବା ବେଳେ ଡେପୁଟି ରେଫରି ଭାବେ ବିଜୟ କୁମାର ବାଗ୍, ସ୍ଥାନୀୟ ଡେପୁଟି ଭାବରେ ମନୋଜ ସାବତ ଦାୟିତ୍ୱ ତୁଲାଇବେ।

# ବିଭୂତି ଶଙ୍କରଙ୍କୁ ସ୍ୱର୍ଣ୍ଣ

## ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା

ଭୁବନେଶ୍ୱର,୭।୭(ଅନାଦି କର)

ମହାରାଷ୍ଟ୍ର ନାସିକର ଡିଭିଜନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମୀନାତାଇ ଠାକରେ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୨ରୁ କମ୍ ବାଳକ ବର୍ଗରେ ଓଡ଼ିଶାର ବିଭୂତି ଶଙ୍କର ପଟେଲ ଇପି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।


ବିଭୂତି ଶଙ୍କର ପଟେଲ

# ସଂଯୋଗ ଗୁପ୍ତା ଆଇସିସି ସିଇଓ



ଦୁବାଇ, ୭।୭ (ପି.ଟି.)

ଭାରତୀୟ ଗଣମାଧ୍ୟମର ଅନ୍ୟତମ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିଲେ ଅଷ୍ଟ୍ରେଲିଆର ଜେଫ୍ ଆଲାରଡିସ। ଚଳିତବର୍ଷ ପ୍ରାରମ୍ଭରେ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପଦ ତ୍ୟାଗ କରିଥିଲେ। ଗୁପ୍ତା ଜିଓ ଷ୍ଟାର (ସ୍ପୋର୍ଟ୍ସ ଆଣ୍ଡ୍ ଲାଇଭ୍ ଏକ୍ସପେରିଏନ୍‌ସେସ୍)ର ସିଇଓ ଭାବେ କାର୍ଯ୍ୟ କରୁଥିଲେ। ସେ ତୁରନ୍ତ ତାଙ୍କ ନୂଆ କାର୍ଯ୍ୟରେ ଯୋଗ ଦେବେ। ଗୁପ୍ତା ଆଇସିସିର ୭ମ ସିଇଓ ହେବାକୁ ଯାଉଛନ୍ତି। ଏହି ପଦବୀ ପାଇଁ ୨୫ଟି ଦେଶରରୁ ୨,୫୦୦ ଆବେଦନପତ୍ର ଆସିଥିଲା। ତନ୍ମଧ୍ୟରୁ ୧୨ଜଣ ଶର୍ଟଲିଷ୍ଟରେ ସ୍ଥାନ ପାଇଥିଲେ। ପ୍ରାର୍ଥୀଙ୍କ ମଧ୍ୟରେ କ୍ରୀଡ଼ାର ପରିଚାଳନା ସଂସ୍ଥା ସହିତ ଜଡ଼ିତ ନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରର ବରିଷ୍ଠ କର୍ପୋରେଟ୍ କାର୍ଯ୍ୟନିର୍ବାହୀ ପର୍ଯ୍ୟନ୍ତ ସାମିଲ ଥିଲେ। ଆଇସିସି ସିଇଓ ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ଲାଗି ଶର୍ଟଲିଷ୍ଟକୁ ନୋମିନେଶନ କମିଟିକୁ ପଠାଇ ଯାଇଥିଲା, ଯେଉଁଥିରେ କି ଆଇସିସି ଡେପୁଟି ଚେୟାରମ୍ୟାନ ଇମ୍ରାନ ଖ୍ୱାଜା, ଇସିବି ଚେୟାରମ୍ୟାନ ରିଚାର୍ଡ ଥମ୍ପସନ, ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ସଭାପତି ଶାମି ସିଲ୍‌ଭା ଏବଂ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ସଦସ୍ୟ ରହିଥିଲେ। ଗୁପ୍ତାଙ୍କର ପ୍ରୋ କବାଡ଼ି ଲିଗ୍ ଓ ଇଣ୍ଡିଆ ସୁପର ଲିଗ୍ (ଫୁଟ୍‌ବଲ)ର ପ୍ରତିଷ୍ଠା ଓ ପ୍ରସାର ଏବଂ ପ୍ରିମିୟର ଲିଗ୍ ଓ ୱିମ୍ବେଲଡନ ଭଳି ଗ୍ଲୋବାଲ ଇଭେଣ୍ଟଗୁଡ଼ିକର ପ୍ରମୋଟ କରିବାରେ ଭୂମିକା ରହିଛି।

# ଆକାଶଙ୍କୁ ଷ୍ଟୋକ୍ସଙ୍କ ପ୍ରଶଂସା

**ବର୍ମିଂହାମ,୭।୭(ପି.ଟି.):** ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରତ୍ୟେକ ବିଭାଗରେ ଭଲ ପ୍ରଦର୍ଶନ କରିଥିବା ଇଂଲଣ୍ଡ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ସ୍ୱୀକାର କରିଛନ୍ତି। ଏଥିସହିତ ଆକାଶ ଦୀପ ଦୁଇ ଦଳ ମଧ୍ୟରେ ପାର୍ଥକ୍ୟ ସାଜିଥିବା ସେ ପ୍ରକାଶ କରିଛନ୍ତି। ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଆକାଶ ଉଭୟ ଇନିଂସ୍‌ରେ ମିଳିତ ଭାବେ ୧୦ ଉଇକେଟ ନେଇ ଭାରତୀୟ ଦଳକୁ ଐତିହାସିକ ବିଜୟ ଆଣିଦେଇଥିଲେ। ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଏବେ ୧-୧ରେ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୦ ତାରିଖଠାରୁ ଲର୍ଡ୍ସରେ ଖେଳାଯିବ। ଆକାଶ ଆମ ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟରେ ଥିବା ଦୁର୍ବଳତାକୁ ପଦାରେ ପକାଇଥିଲେ।

# ମହାରାଷ୍ଟ୍ର ଦଳ ପାଇଁ ଖେଳିବେ ପୃଥ୍ୱୀ

ମୁମ୍ବାଇ, ୭।୭(ପି.ଟି.)

ଭାରତୀୟ ବ୍ୟାଟର ତଥା ମୁମ୍ବାଇର ପୂର୍ବତନ ଖେଳାଳି ପୃଥ୍ୱୀ ଶ' ସୋମବାର ଆଗାମୀ ଘରୋଇ ସିଜନ ଲାଗି ମହାରାଷ୍ଟ୍ର ଦଳରେ ଯୋଗଦେଇଛନ୍ତି। ଗତମାସରେ ମୁମ୍ବାଇ କ୍ରିକେଟ୍ ଆସୋସିଏଶନ(ଏମ୍‌ସିଏ)ଠାରୁ ନୋ' ଅବ୍‌ଜେକ୍‌ଶନ ସାର୍ଟିଫିକେଟ୍(ଏନ୍‌ଓସି) ଲାଗି ଅନୁରୋଧ କରିଥିଲେ, ଯାହାକୁ କାର୍ଯ୍ୟକାରୀ ପରିଷଦ ମଞ୍ଜୁରୀ ପ୍ରଦାନ କରିଥିଲା। ଶ'ଙ୍କୁ ଫିଟ୍‌ନେସ୍ ଓ ଶୃଙ୍ଖଳାଗତ କାରଣରୁ ମୁମ୍ବାଇ ରେଡ୍-ବଲ୍ ଦଳରୁ ବାଦ୍ ଦିଆଯାଇଥିଲା। ସେ ଅନ୍ତିମଥର ମୁମ୍ବାଇ ପାଇଁ ସୟଦ ମୁସ୍ତାକ୍ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ଫାଇନାଲରେ ଖେଳିଥିଲେ।


ପୃଥ୍ୱୀ ଶ'

ଅନ୍ତର୍ଜାତୀୟ କ୍ରିକେଟର ତଥା ଭାରତୀୟ ଦଳର ବିସ୍ଫୋରକ ଟପ୍-ଅର୍ଡର ବ୍ୟାଟର ପୃଥ୍ୱୀ ଶ' ଆନୁଷ୍ଠାନିକ ଭାବେ ମୁମ୍ବାଇଠାରୁ ଅଲଗା ହୋଇଛନ୍ତି। ସେ ଆଗାମୀ ଘରୋଇ ସିଜନରୁ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ(ଏମ୍‌ସିଏ)କୁ ପ୍ରତିନିଧିତ୍ୱ କରିବେ ବୋଲି ଏମ୍‌ସିଏ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଶ' କହିଛନ୍ତି, ମୋ କ୍ୟାରିୟରର ଏହି ପର୍ଯ୍ୟାୟରେ ମହାରାଷ୍ଟ୍ର ଦଳରେ ଯୋଗଦେବା ଜଣେ କ୍ରିକେଟର ଭାବେ ମୋତେ ଆଗକୁ ବଢ଼ିବାରେ ସହାୟକ ହେବ। ଦୀର୍ଘବର୍ଷ ଧରି ମୋତେ ସମର୍ଥନ ଓ ସୁଯୋଗ ଦେଇଥିବାରୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ନିକଟରେ ମୁଁ କୃତଜ୍ଞ।

# ୪୪ ବର୍ଷରେ ପଦାର୍ପଣ କଲେ ଧୋନୀ

**ମୁମ୍ବାଇ, ୭।୭(ପି.ଟି.):** କିମ୍ବଦନ୍ତୀ ଭାରତୀୟ ଉଇକେଟ୍‌କିପର-ବ୍ୟାଟର ମହେନ୍ଦ୍ର ସିଂ ଧୋନୀ ସୋମବାର ୪୪ ବର୍ଷରେ ପାଦ ଦେଇଛନ୍ତି। ସେ ବିଶ୍ୱର ଏକମାତ୍ର ଅଧିନାୟକ ଭାବେ ଦିନିକିଆ ଓ ଟି୨୦ ବିଶ୍ୱକପ୍ ସହ ଚାମ୍ପିୟନ୍ସ ଟ୍ରଫି ଜିତିଥିଲେ। ଗତମାସରେ ତାଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଭାରତ ୧୮ ମାସ ଧରି ଟେଷ୍ଟରେ ନଂ.୧ ପୋଜିଶନରେ ରହିଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ୬ ବର୍ଷ ତଳେ ଅବସର ଘୋଷଣା କରିଥିଲେ ମଧ୍ୟ ଧୋନୀ ଏବେ ବି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ଆଣ୍ଠୁଜନିତ ଇଞ୍ଜୁରି ସତ୍ତ୍ୱେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପାଇଁ ଖେଳୁଛନ୍ତି।


ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ବେଲିଣ୍ଡା ବେନ୍‌କିକ୍।

# କ୍ୱାର୍ଟରରେ ଆନିସିମୋଭା, ବେନ୍‌କିକ୍

## ୱିମ୍ବେଲଡନ ଚାମ୍ପିୟନଶିପ୍

ଲଣ୍ଡନ, ୭।୭

୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନକିକ ବିଜୟ ସହ ଚଳିତ ୱିମ୍ବେଲଡନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋମବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ୨୩ ବର୍ଷୀୟା ଆନିସିମୋଭା ୬-୨, ୫-୭, ୬-୪ ସେଟ୍‌ରେ ୩୦ତମ ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ଅଣସିଡ୍ ଖେଳାଳି ବେନ୍‌କିକ୍ ୭-୬(୭/୪), ୬-୪ ସିଧାସଳଖ ସେଟ୍‌ରେ ୧୮ତମ ଏକାଟେରିନା ଆଲେଜାଣ୍ଡ୍ରୋଭାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଇଟାଲିର ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬-୪, ୬-୪, ୬-୭(୪/୭), ୭-୬(୭/୩) ସେଟ୍‌ରେ ମାରିନ ସିଲିକଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

# ଭାରତୀୟ ଅଭିଯାନ ଶେଷ

ଟେନିସ୍ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଚାମ୍ପିୟନଶିପ୍‌ରେ ୟୁକି ଭାମ୍ବ୍ରି ପରାଜୟ ସହ ପୁରୁଷ ଡବଲ୍ସ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି।

ସୋମବାର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଆମେରିକାର ରବର୍ଟ ଗାଲୋୱେଙ୍କୁ ସାଥିକରି ଖେଳୁଥିବା ଭାମ୍ବ୍ରି ୪-୬, ୬-୩, ୬-୭ (୪/୧୦) ସେଟ୍‌ରେ ଚତୁର୍ଥ ସିଡ୍ ସ୍ପେନ୍‌ର ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏଥିପୂର୍ବରୁ ରିଥଭିକ ଚୌଦାରୀ ବୋଲିପାଲି ଦ୍ୱିତୀୟ ରାଉଣ୍ଡରେ ଓ ରୋହନ ବୋପାନ୍ନା ପ୍ରଥମ ରାଉଣ୍ଡରେ ପରାଜୟ ସହ ଅଭିଯାନ ଶେଷ କରିଥିଲେ।

# ରୟାଲ ବକ୍ସରେ ଫେଡେରର


ରୋଜର ଫେଡେରର ସ୍ତ୍ରୀ ମୀର୍‌କାଙ୍କ ସହ ନୋଭାକ ଜୋକୋଭିଚ୍‌ଙ୍କ ମ୍ୟାଚ୍‌ର ମଜା ନେଉଛନ୍ତି

ଲଣ୍ଡନ, ୭।୭ (ଏପି)

ରୋଜର ଫେଡେରର ୱିମ୍ବେଲଡନକୁ ଫେରିଛନ୍ତି। ଅଲ୍ ଇଂଲଣ୍ଡ କ୍ଲବରେ ୮ଥର ଚାମ୍ପିୟନଙ୍କୁ ସୋମବାର ରୟାଲ ବକ୍ସରେ ଦେଖିବାକୁ ମିଳିଥିଲା। ସେଣ୍ଟର କୋର୍ଟଠାର ଆଲେକ୍ସ ଡି' ମିନାଉରଙ୍କ ବିପକ୍ଷରେ ତାଙ୍କ ପୂର୍ବତନ ପ୍ରତିଦ୍ୱନ୍ଦ୍ୱୀ ନୋଭାକ୍ ଜୋକୋଭିଚ୍‌ଙ୍କ ମ୍ୟାଚ ଦେଖିବା ଲାଗି ସେ ଆସିଥିଲେ। ଫେଡେରର ବକ୍ସକୁ ପ୍ରବେଶ କରୁଥିବାବେଳେ ଉପସ୍ଥିତ ଦର୍ଶକ ଜୋରଦାର କରତାଳି ସହ ତାଙ୍କୁ ସ୍ୱାଗତ କରିଥିଲେ। ଫେଡେରରଙ୍କ ସହିତ ସ୍ତ୍ରୀ ମୀର୍‌କା ଆସିଥିଲେ। ସୁଇଜରଲାଣ୍ଡର ଏହି ପୂର୍ବତନ ନମ୍ବର-୧ ଖେଳାଳି ଏଠାରେ ୨୦୦୩ରେ ତାଙ୍କ ପ୍ରଥମ ଗ୍ରାସ୍ କୋର୍ଟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏଠାରେ ସେ ତାଙ୍କର ୮ମ ଟାଇଟଲ ୨୦୧୭ରେ ହାସଲ କରିଥିଲେ। ଫେଡେରର ୱିମ୍ବେଲଡନରେ ତାଙ୍କ ଶେଷ ଫାଇନାଲ ୨୦୧୯ରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ଖେଳିଥିଲେ। ୫ ସେଟ୍ ବିଶିଷ୍ଟ ଏହି ମ୍ୟାଚ ୱିମ୍ବେଲଡନ ଇତିହାସରେ ସବୁଠାରୁ ଲମ୍ବା ମ୍ୟାଚ ଥିଲା। ସୋମବାର ରୟାଲ ବକ୍ସରେ ଅନ୍ୟ ଯେଉଁ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱଙ୍କୁ ଦେଖିବାକୁ ମିଳିଥିଲା ସେମାନଙ୍କ ମଧ୍ୟରେ ଡାନମାର୍କର କିଙ୍ଗ୍ ଫେଡ୍ରିକ୍ ଏକ୍ସ, ହାସ୍ୟଅଭିନେତା ମାଇକେଲ ମ୍ୟାକ୍‌ଲିଣ୍ଟ୍ରେ, ଅଲ୍ ଇଂଲଣ୍ଡ କ୍ଲବର ପାଟ୍ରନ ତଥା ୱେଲ୍ସର ପ୍ରିନ୍‌ସେସ୍ କେଟ୍‌ଙ୍କ ପିତାମାତା ମାଇକେଲ ଓ କାରୋଲ ମିଡଲଟନ୍ ଅନ୍ୟତମ।

# ବୁମରାଙ୍କ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ: ମ୍ୟାକକୁଲମ

ବର୍ମିଂହାମ,୭।୭(ପି.ଟି.)

ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଇଂଲଣ୍ଡ ଦଳ ୫ ଦିନ ଧରି ପଛରେ ରହିଥିଲା। କିନ୍ତୁ ତୃତୀୟ ଟେଷ୍ଟରେ ଯଶପ୍ରୀତ ବୁମରାଙ୍କ ସମ୍ମୁଖୀନ ହେବା ପାଇଁ ଇଂଲଣ୍ଡ ଦଳକୁ ଭଲ ଭାବେ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ କହିଛନ୍ତି। ବୁମରାଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ୩୩୬ ରନରେ ଇଂଲଣ୍ଡକୁ ହରାଇ ଏଜବାଷ୍ଟନଠାରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ବୁମରା ତୃତୀୟ ଟେଷ୍ଟ ଲାଗି ଭାରତୀୟ ଦଳକୁ ଫେରିବେ ବୋଲି ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ କହିଛନ୍ତି।

ବୁମରା ପରବର୍ତ୍ତୀ ମ୍ୟାଚ୍‌ରେ ଖେଳିପାରନ୍ତି। ଏଣୁ ଆମକୁ ତାଙ୍କ ସମ୍ମୁଖୀନ ହେବା ପାଇଁ ଭଲ ଭାବେ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ମୁଁ ଆଶା କରୁଛି, ଲର୍ଡ୍ସରେ ଆମକୁ ଭିନ୍ନ ସର୍ଫେସରେ ଖେଳିବାକୁ ମିଳିବ। ମୋ ମତରେ ତାହା ଆମ ପାଇଁ ଭଲ କଥା। ଆମେ ପୂରା ଦ୍ୱିତୀୟ ଟେଷ୍ଟରେ ପଛରେ ପଡ଼ିଥିଲୁ। ସେମାନେ ପ୍ରତ୍ୟେକ ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଗିଲ୍ ଏହି ପିଚ୍‌ରେ ଚମତ୍କାର ଖେଳିଲେ। କିନ୍ତୁ ଆମେ ଯେଉଁ ଭଳି ଖେଳିବାକୁ ଚାହୁଁଥିଲୁ, ସେ ଭଳି ଖେଳିପାରିଲୁ ନାହିଁ। ସେମାନେ ବିଜୟର ହକଦାର ଥିଲେ ବୋଲି ମ୍ୟାକକୁଲମ ମ୍ୟାଚ୍ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହିତ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ଦେବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମେ ଟସ୍ ବେଳେ ଏକ ସୁଯୋଗ ହାତଛଡ଼ା କରିଥିଲୁ। ପିଚ୍ ଏମିତି ବ୍ୟାଟରଙ୍କୁ ସୁହାଇବ, ଆମେ ଭାବି ନଥିଲୁ। ଏଣୁ ଆମର ଭୁଲ ହୋଇଗଲା।


ବ୍ରେଣ୍ଡନ ମ୍ୟାକକୁଲମ

# ଇଷ୍ଟବେଙ୍ଗଲ-ସାଉଥ୍ ୟୁନାଇଟେଡ ଉଦ୍‌ଘାଟନୀ

## ଡୁରାଣ୍ଡ କପ୍ ଫୁଟ୍‌ବଲ

କୋଲକାତା, ୭।୭ (ପି.ଟି.)

କୋଲ୍‌କାତା, ୭।୭(ପି.ଟି.): ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୧୩୪ତମ ସଂସ୍କରଣ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୪୩ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ୫ଟି ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍ ଅଗଷ୍ଟ ୨୩ରେ କୋଲ୍‌କାତାର ଆଇକନିକ ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯିବ।

ଜୁଲାଇ ୨୩ରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ବେଙ୍ଗାଲୁରୁର ସାଉଥ୍ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ହେବ। ଏଥିରେ ଭାଗନେଉଥିବା ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ଚାରୋଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ବିଜେତା ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଏହି ମ୍ୟାଚ୍‌ଗୁଡ଼ିକ ଅଗଷ୍ଟ ୧୬ ଓ ୧୭ରେ ଖେଳାଯିବ। ସେମିଫାଇନାଲ ଅଗଷ୍ଟ ୧୯ ଓ ୨୦ରେ ଅନୁଷ୍ଠିତ ହେବ। ନକ୍‌ଆଉଟ ରାଉଣ୍ଡ ପାଇଁ ଥିବା ଭେନ୍ୟୁଗୁଡ଼ିକ ପରେ ଘୋଷଣା କରାଯିବ।




**ଦଳ ଓ ଗ୍ରୁପ୍**

ଗ୍ରୁପ୍ 'ଏ': ଇଷ୍ଟବେଙ୍ଗଲ ଏଫ୍‌ସି, ସାଉଥ୍ ୟୁନାଇଟେଡ୍ ଏଫ୍‌ସି, ଇଣ୍ଡିଆନ ଏୟାରଫୋର୍ସ ଏଫ୍‌ଟି ଓ ନାମଧାରୀ ଏଫ୍‌ସି।
ଗ୍ରୁପ୍ 'ବି': ମୋହନବାଗାନ ଏସ୍‌ଜି, ମହମ୍ମଡ଼ାନ ଏସ୍‌ସି, ଡାଇମଣ୍ଡ ହାରବୋର ଏଫ୍‌ସି, ବିଏସ୍‌ଏଫ୍ ଏଫ୍‌ଟି।
ଗ୍ରୁପ୍ 'ସି': ଜାମ୍‌ସେଦପୁର ଏଫ୍‌ସି, ଇଣ୍ଡିଆନ ଆର୍ମି ଏଫ୍‌ଟି, ଲଦାଖ ଏଫ୍‌ସି, ତ୍ରିଭୁବନ ଏଫ୍‌ସି।
ଗ୍ରୁପ୍ 'ଡି': ପଞ୍ଜାବ ଏଫ୍‌ସି, ଆଇଟିବିପି ଏଫ୍‌ଟି, ବୋଡୋଲାଣ୍ଡ ଏଫ୍‌ସି, କାର୍ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାର ଏଫ୍‌ସି।
ଗ୍ରୁପ୍ 'ଇ': ଶିଲଂ ଲାଜଙ୍ଗ ଏଫ୍‌ସି, ରାଙ୍ଗଡାଜିଡ୍ ୟୁନାଇଟେଡ୍ ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି, ଫରେନ୍ ଟିମ୍-୨।
ଗ୍ରୁପ୍ 'ଏଫ୍': ଟ୍ରାଉ ଏଫ୍‌ସି, ନେରୋକା ଏଫ୍‌ସି, ଇଣ୍ଡିଆନ ନେଭି ଏଫ୍‌ଟି, ରିୟଲ କଶ୍ମୀର ଏଫ୍‌ସି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ